ବର୍ଷ-୨୬, ସଂଖ୍ୟା-୨୧୮
ଭୁବନେଶ୍ୱର
ଅଗଷ୍ଟ ୧୩, ୨୦୨୬ ଗୁରୁବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-26, Issue No. 218
Bhubaneswar
August, 13 2026, Thursday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat

## ଟାଟା ଗ୍ରୁପ୍ ଚେୟାରମ୍ୟାନ୍ ପଦରୁ ଇସ୍ତଫା ଦେଲେ ଏନ୍. ଚନ୍ଦ୍ରଶେଖରନ୍

ନୂଆଦିଲ୍ଲୀ, ୧୨।୮(ମହାଭାରତ): ଦେଶର ଅଗ୍ରଣୀ ଶିଳ୍ପ ଗୋଷ୍ଠୀ ଟାଟା ସନ୍ସ ଅଧ୍ୟକ୍ଷ ଏନ୍. ଚନ୍ଦ୍ରଶେଖରନ୍ ଆଜି ଘୋଷଣା କରିଛନ୍ତି ଯେ ୨୦ ଫେବୃଆରୀ ୨୦୨୭ ରେ ତାଙ୍କର ବର୍ତ୍ତମାନର କାର୍ଯ୍ୟକାଳ ଶେଷ ହେବା ପରେ ସେ ପୁନର୍ବାର ନିଯୁକ୍ତି ପାଇଁ ତାଙ୍କ ନାମ ଦାଖଲ କରିବେ ନାହିଁ। ଯଥାଶୀଘ୍ର ତାଙ୍କ ଉତରାଧିକାରୀ ଚୟନ କରିବାକୁ ସେ ବୋର୍ଡକୁ ଅନୁରୋଧ କରିଛନ୍ତି।

ବୁଧବାର ଦିନ ୬୩ ବର୍ଷରେ ପଦାର୍ପଣ କରିଥିବା ଚନ୍ଦ୍ରଶେଖରନ୍ ଏକ ବିବୃତିରେ କହିଛନ୍ତି ଯେ ସେ ଟାଟା ଗ୍ରୁପରେ ବୃତିଗତ ଜୀବନର ୪୦ ବର୍ଷ ପୂରଣ କରିଛନ୍ତି। ଏହି ସମ୍ମାନଜନକ ଅନୁଷ୍ଠାନରେ ଯୋଗଦାନ କରିବା ତାଙ୍କ ପାଇଁ ଅତ୍ୟନ୍ତ ସନ୍ତୋଷଜନକ। ଗତ ଦଶନ୍ଧି ଧରି ଟାଟା ସନ୍ସର ନେତୃତ୍ୱ ନେବା ତାଙ୍କ ପାଇଁ ଏକ ବଡ଼ ସମ୍ମାନ ଏବଂ ଗଭୀର ଦାୟିତ୍ୱ। ଚନ୍ଦ୍ରଶେଖରନ୍ ସ୍ପଷ୍ଟ କରିଛନ୍ତି ଯେ ସାର୍ ଦୋରାବଜୀ ଟାଟା ଟ୍ରଷ୍ଟ ଏବଂ ସାର୍ ରତନ୍ ଟାଟା ଟ୍ରଷ୍ଟ ସର୍ବସମ୍ମତିକ୍ରମେ ତାଙ୍କର ପରବର୍ତୀ କାର୍ଯ୍ୟକାଳକୁ ପାଂଚ ବର୍ଷ ପାଇଁ ବୃଦ୍ଧି କରିବାକୁ ସୁପାରିଶ କରିଛନ୍ତି। ନାମାଙ୍କନ ଏବଂ ପାରିଶ୍ରମିକ କମିଟି ଏବଂ ଟାଟା ସନ୍ସ ବୋର୍ଡ ଦ୍ୱାରା ଏହି ପ୍ରସ୍ତାବ ସୁପାରିଶ କରାଯାଇଥିଲା। ତେବେ ୨୪ ଫେବୃଆରୀରେ ବୋର୍ଡବୈଠକରେ ସର୍ବସମ୍ମତ ସମର୍ଥନ ଅଭାବରୁ ସେ ଏହି ନିଷ୍ପତିକୁ ସ୍ଥଗିତ ରଖିବାକୁ ନିଷ୍ପତି ନେଇଥିଲେ।

## କ୍ୟାବିନେଟ୍‌ରେ ୧୦ ପ୍ରସ୍ତାବ ପାରିତ

# ଯଶୋଦା, ଆଶୀର୍ବାଦ ପାଇଁ ୨୯୭ କୋଟି

ଭୁବନେଶ୍ୱର, ୧୨।୮(ମହାଭାରତ): ରାଜ୍ୟ ମନ୍ତ୍ରୀମଣ୍ଡଳ (କ୍ୟାବିନେଟ)ର ୪୬ତମ ବୈଠକ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ବୁଧବାର ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ୬ ଟି ବିଭାଗର ୧୦ ଟି ପ୍ରସ୍ତାବ ଆଲୋଚନା ପୂର୍ବକ ଅନୁମୋଦନ କରାଯାଇଛି । ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ବିଦ୍ୟା ବିଭାଗର ୨ଟି, ଶକ୍ତି ବିଭାଗର ୨ଟି, ଜଳ ସଂପଦ ବିଭାଗର ୨ଟି, ମହିଳା ଓ ଶିଶୁ ବିକାଶ ବିଭାଗର ୨ଟି, କୃଷି ଓ କୃଷକ ସଶକ୍ତିକରଣ ବିଭାଗ (ଏଗ୍ରିଷ୍ଟାକ) ସମ୍ପର୍କିତ ୧ଟି ଏବଂ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗର ୧ ଟି, ଏହିପରି ମୋଟ ୬ଟି ବିଭାଗର ୧୦ ଟି ପ୍ରସ୍ତାବ ରାଜ୍ୟ କ୍ୟାବିନେଟ ବୈଠକରେ ଆଲୋଚନା ପୂର୍ବକ ଅନୁମୋଦନ କରାଯାଇଛି ।ବୈଠକ ପରେ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗ କ୍ୟାବିନେଟ ବୈଠକର ନିଷ୍ପତି ସମ୍ପର୍କରେ ଗଣମାଧ୍ୟମକୁ ସୂଚନା ଦେଇଥିଲେ ।

ଓଡ଼ିଶା ସଚିବାଳୟ କାର୍ଯ୍ୟପ୍ରଣାଳୀର ପରବର୍ତୀ ପିଢ଼ିର ଡିଜିଟାଲ୍ ପ୍ଲାଟଫର୍ମ 'ଓସ୍ୱାସ୍ ୩.୦'ର କାର୍ଯ୍ୟାନ୍ୱୟନ ପାଇଁ ଟିସିଏସ୍ କୁ ସିଷ୍ଟମ୍ ଡେଭଲପର ଭାବେ ନିଯୁକ୍ତ କରିବା ପ୍ରସ୍ତାବକୁ ଅନୁମୋଦନ ମିଳିଛି। ଏଥିପାଇଁ ୧୨୨ କୋଟି ୬୦ ଲକ୍ଷ ୨୫ ହଜାର ୪୩୬ ଟଙ୍କା (ଜିଏସ୍‌ଟି ବାଦ) ବ୍ୟୟ ହେବ।ଓଡ଼ିଶା ସରକାରଙ୍କ ଏହି ପ୍ରମୁଖ ଡିଜିଟାଲ୍ ପ୍ରଶାସନିକ ପ୍ରକଳ୍ପ ଦ୍ୱାରା ସମୟୋପଯୋଗୀ ଓ ତଥ୍ୟଭିତିକ ନିଷ୍ପତି ଗ୍ରହଣ ସହଜ ହେବା ସହ ପ୍ରଶାସନିକ ଏବଂ ପ୍ରକ୍ରିୟାଗତ ବିଳମ୍ବ ହ୍ରାସ ପାଇଛି। ଏହା ଦ୍ୱାରା ଦକ୍ଷ, ସ୍ୱଚ୍ଛ, ଉତରଦାୟୀ ଓ ସକ୍ରିୟ ଶାସନ ବ୍ୟବସ୍ଥାକୁ ସୁଦୃଢ଼ କରାଯାଇଛି।ଓସ୍ୱାସ୍ ବ୍ୟବସ୍ଥାକୁ ବ୍ଲକ୍ ଓ ତହସିଲ୍‌ସ୍ତରୀୟ କାର୍ଯ୍ୟାଳୟ ପର୍ଯ୍ୟନ୍ତ ସମ୍ପ୍ରସାରିତ କରାଯାଇଛି। ଏହା ଫଳରେ ରାଜ୍ୟରେ ସମ୍ପୂର୍ଣ୍ଣ ଡିଜିଟାଲ୍ ଫାଇଲ୍ ପ୍ରକ୍ରିୟାକରଣ ଏବଂ କାଗଜବିହୀନ କାର୍ଯ୍ୟାଳୟ ବ୍ୟବସ୍ଥା ପ୍ରତିଷ୍ଠା ଲକ୍ଷ୍ୟ ଅଧିକ ଗତିଶୀଳ ହୋଇଛି।

ରାଜ୍ୟରେ ସେମିକଣ୍ଡକ୍ଟର ଶିଳ୍ପକୁ ଆହୁରି ସୁଦୃଢ଼ କରିବା ଏବଂ ଅଧିକ ପୁଞ୍ଜିନିବେଶ ଆକର୍ଷଣ ଲକ୍ଷ୍ୟରେ ଓଡ଼ିଶା ସରକାର ସେମିକଣ୍ଡକ୍ଟର ମାନୁଫାକଚରିଂ ଓ ଫାବ୍‌ଲେସ୍ ନୀତିର ତୃତୀୟ ସଂଶୋଧନକୁ ଅନୁମୋଦନ କରିଛନ୍ତି। ବୁଧବାର ଅନୁଷ୍ଠିତ ରାଜ୍ୟ କ୍ୟାବିନେଟ୍ ବୈଠକରେ ଏହି ସଂଶୋଧନକୁ ମଞ୍ଜୁରି ମିଳିଛି। ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ କ୍ୟାବିନେଟ ବୈଠକରେ ଏ ସମ୍ପର୍କିତ ପ୍ରସ୍ତାବକୁ ଅନୁମୋଦନ ଦିଆଯାଇଛି ।

ଶକ୍ତି ବିଭାଗର ଏହି ପ୍ରସ୍ତାବକୁ ଅନୁମୋଦନ ମିଳିଛି।ସଂଶୋଧିତ ବ୍ୟବସ୍ଥା ଅନୁଯାୟୀ, ନୀତି ଅବଧି ମଧ୍ୟରେ ରାଜ୍ୟରେ ସ୍ଥାପିତ ଅକ୍ଷୟ ଶକ୍ତି ପ୍ରକଳ୍ପରୁ ବ୍ୟବହୃତ ବିଦ୍ୟୁତ ଉପରେ ଯୋଗ୍ୟ ନେଟ୍ ମିଟରିଂ ଉପଭୋକ୍ତାଙ୍କୁ ପ୍ରକଳ୍ପ କାର୍ଯ୍ୟକ୍ଷମ ହେବା ତାରିଖଠାରୁ ୧୦ ବର୍ଷ ପର୍ଯ୍ୟନ୍ତ ପ୍ରତି ୟୁନିଟ୍ ୫୦ ପଇସା ବିଦ୍ୟୁତ ଶୁଳ୍କ ଛାଡ଼ ସୁବିଧା ମିଳିବ। ସେହିପରି, ସ୍ୱତନ୍ତ୍ର ବ୍ୟାଟେରୀ ଶକ୍ତି ସଂରକ୍ଷଣ ପ୍ରଣାଳୀ ପାଇଁ ପ୍ରତି ୟୁନିଟ୍ ୨୦ ପଇସା ରାଜ୍ୟ ସଂଚାରଣ ୟୁଟିଲିଟି ଶୁଳ୍କ ଛାଡ଼ କରାଯିବ।

ଉଭୟ ଜାତୀୟ ଓ ରାଜ୍ୟ ସ୍ତରରେ ପମ୍ପକ୍ ଷ୍ଟୋରେଜ୍ ପ୍ରକଳ୍ପ (ପିଏସି)ର ସାମ୍ପ୍ରତିକ ବିକାଶକୁ ଦୃଷ୍ଟିରେ ରଖି ଶକ୍ତି ବିଭାଗ ପକ୍ଷରୁ ଓଡ଼ିଶା ପି.ଏସ୍.ପି ନୀତି ଏବଂ ପି.ଏସ୍.ପି ନୀତି ଉପରେ ପରିଚାଳନା ନିର୍ଦ୍ଦେଶାବଳୀରେ ସଂଶୋଧନ କରାଯାଇଛି। ଏହି ନୀତିରେ ଏକ ଦୃଢ଼ ଢାଞ୍ଚା ପ୍ରତିଷ୍ଠା କରିବାର ପରିକଳ୍ପନା କରାଯାଇଛି ଯାହା ରାଜ୍ୟରେ ପମ୍ପ ଷ୍ଟୋରେଜ୍ ପ୍ରକଳ୍ପର ବିକାଶକୁ ପ୍ରୋତ୍ସାହିତ କରିବ । କ୍ୟାବିନେଟ ଏହି ସଂଶୋଧନକୁ ମଞ୍ଜୁରି ଦେଇଛନ୍ତି, ଯାହା ୩୧.୦୩.୨୦୩୦ ପର୍ଯ୍ୟନ୍ତ ବଳବତ୍ତର ରହିବ।୨୦୩୦ ସୁଦ୍ଧା ଅକ୍ଷୟ ଶକ୍ତି ଉପରୁ ପ୍ରାୟ ୧୧,୦୦୦ ମେଗାୱାଟ କ୍ଷମତା ଯୋଡିବାକୁ ରାଜ୍ୟ ଲକ୍ଷ୍ୟ ରଖିଛି।

ରାଜ୍ୟର କ୍ଷୁଦ୍ର ଜଳସେଚନ ବ୍ୟବସ୍ଥାକୁ ସୁଦୃଢ଼ କରିବା ଏବଂ ହଜିଯାଇଥିବା ଜଳସେଚନ କ୍ଷେତ୍ରକୁ ପୁନରୁଦ୍ଧାର କରିବା ଲକ୍ଷ୍ୟରେ ରାଜ୍ୟ ମନ୍ତ୍ରୀପରିଷଦ 'ଜଳାଶୟ ଏବଂ କ୍ଷୁଦ୍ର ଉଠାଜଳସେଚନ ପ୍ରକଳ୍ପର ଉନ୍ନତିକରଣ–ପର୍ଯ୍ୟାୟ-୩' ଯୋଜନାକୁ କ୍ୟାବିନେଟ୍ ଅନୁମୋଦନ କରିଛି।୨୦୨୬-୨୭ରୁ ୨୦୨୯-୩୦ ପର୍ଯ୍ୟନ୍ତ ଚାରି ବର୍ଷ ଧରି ଏହି ଯୋଜନା କାର୍ଯ୍ୟକାରୀ ହେବ।

ଅସହାୟ ଓ କଠିନ ପରିସ୍ଥିତିରେ ଥିବା ଶିଶୁମାନଙ୍କୁ ଆର୍ଥିକ, ଶିକ୍ଷାଗତ ଓ ସାମାଜିକ ସୁରକ୍ଷା ଯୋଗାଇଦେବା ଲକ୍ଷ୍ୟରେ ରାଜ୍ୟ ସରକାରଙ୍କ 'ଯଶୋଦା' ଯୋଜନା ସହ ଏହାର ଉପ-ଯୋଜନା 'ଆଶୀର୍ବାଦ'କୁ ଆଉ ୫ ବର୍ଷ ଜାରି ରଖିବାକୁ ରାଜ୍ୟ କ୍ୟାବିନେଟ୍ ଅନୁମୋଦନ କରିଛି।୨୦୨୬-୨୭ରୁ ୨୦୩୦-୩୧ ପର୍ଯ୍ୟନ୍ତ ଏହି ଯୋଜନାଗୁଡ଼ିକ କାର୍ଯ୍ୟକାରୀ ହେବ। ଏଥିପାଇଁ ମୋଟ ୧୨୯୬.୯୯ କୋଟି ଟଙ୍କାର ଆନୁମାନିକ ବଜେଟ୍ ବ୍ୟବସ୍ଥା କରାଯାଇଛି। ଅଙ୍ଗନୱାଡି କେନ୍ଦ୍ରରେ ନାମଲେଖା କରିଥିବା ପ୍ରାକ୍ ବିଦ୍ୟାଳୟ ଶିଶୁମାନଙ୍କୁ ପରିଧାନ ଓ ଆବଶ୍ୟକ ସାମଗ୍ରୀ ଯୋଗାଇଦେବା ଲକ୍ଷ୍ୟରେ ରାଜ୍ୟ ସରକାରଙ୍କ 'ମାଳତୀ ଦେବୀ ପ୍ରାକ୍ ବିଦ୍ୟାଳୟ ପରିଧାନ ଯୋଜନା'କୁ ଆଉ ପାଂଚ ବର୍ଷ ଜାରି ରଖିବାକୁ ରାଜ୍ୟ କ୍ୟାବିନେଟ୍ ଅନୁମୋଦନ କରିଛି।୨୦୨୬-୨୭ରୁ ୨୦୩୦-୩୧ ପର୍ଯ୍ୟନ୍ତ ପାଂଚ ବର୍ଷ ପାଇଁ ଯୋଜନାଟି କାର୍ଯ୍ୟକାରୀ ହେବ। ଏଥିପାଇଁ ମୋଟ ୫୮୨ କୋଟି ୫୦ ଲକ୍ଷ ୭୫ ହଜାର ୪୮୦ ଟଙ୍କାର ଯୋଜନା ବ୍ୟୟ ଅଟକଳକୁ କ୍ୟାବିନେଟ୍ ଅନୁମୋଦନ କରିଛି।

ରାଜ୍ୟରେ ଅନୁକମ୍ପାମୂଳକ ନିଯୁକ୍ତି ପ୍ରକ୍ରିୟାକୁ ଅଧିକ ସରଳ, ସ୍ୱଚ୍ଛ ଓ କର୍ମଚାରୀ-ଅନୁକୂଳ କରିବା ଲକ୍ଷ୍ୟରେ ଓଡ଼ିଶା ବେସାମରିକ ସେବା (ପୁନର୍ବାସ ସହାୟତା) ନିୟମାବଳୀ, ୨୦୨୬କୁ ରାଜ୍ୟ କ୍ୟାବିନେଟ୍ ଅନୁମୋଦନ କରିଛି। ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ମନ୍ତ୍ରୀମଣ୍ଡଳ ବୈଠକରେ ପ୍ରଚଳିତ ୨୦୨୦ ନିୟମାବଳୀକୁ ବାତିଲ କରି ନୂତନ ନିୟମାବଳୀ ପ୍ରଣୟନକୁ ମଞ୍ଜୁରି ମିଳିଛି।

ନୂତନ ନିୟମରେ ପରିବାରର ଅନ୍ୟ ଯୋଗ୍ୟ ସଦସ୍ୟଙ୍କୁ ନିଯୁକ୍ତି ପାଇଁ ମନୋନୀତ କରିବାର ସୁଯୋଗ ମଧ୍ୟ ରହିଛି। ଯଦି ମୃତ କର୍ମଚାରୀଙ୍କ ପତି କିମ୍ବା ପତ୍ନୀଙ୍କ ବୟସ ୫୦ ବର୍ଷରୁ ଅଧିକ ହୋଇଥାଏ, ସେ ନିଯୁକ୍ତି ଗ୍ରହଣ କରିବାକୁ ଅନିଚ୍ଛୁକ ଥାଆନ୍ତି କିମ୍ବା ଚିକିତ୍ସା ବୋର୍ଡ ଦ୍ୱାରା ଅଯୋଗ୍ୟ ଘୋଷିତ ହୁଅନ୍ତି, ତେବେ ପରିବାରର ଅନ୍ୟ ଜଣେ ଯୋଗ୍ୟ ସଦସ୍ୟଙ୍କୁ ନିଯୁକ୍ତି ପାଇଁ ବିଚାର କରାଯାଇପାରିବ।

ଏଥିସହ ୨୦୨୦ର ପୁନର୍ବାସ ସହାୟତା ନିୟମାବଳୀ ଅନୁଯାୟୀ କେବଳ ୧୦୦ ପଏଂଟ ମୂଲ୍ୟାୟନ ଆଧାରରେ ପ୍ରତ୍ୟାଖ୍ୟାନ ହୋଇଥିବା ଏବଂ ବର୍ତ୍ତମାନ ବିଚାରାଧୀନ ଥିବା ଆବେଦନଗୁଡ଼ିକର ପୁନଃବିଚାର ପାଇଁ ମଧ୍ୟ ବ୍ୟବସ୍ଥା କରାଯାଇଛି।

ସରକାରଙ୍କ ମତରେ, ନୂତନ ନିୟମାବଳୀ ଲାଗୁ ହେବା ପରେ ଅନୁକମ୍ପାମୂଳକ ନିଯୁକ୍ତି ପ୍ରକ୍ରିୟାରେ ସ୍ୱଚ୍ଛତା ବୃଦ୍ଧି ପାଇବା ସହ ପ୍ରକ୍ରିୟା ଅଧିକ ସରଳ ହେବ। ଏହା ଦ୍ୱାରା କାର୍ଯ୍ୟରତ ଅବସ୍ଥାରେ ସରକାରୀ କର୍ମଚାରୀଙ୍କ ମୃତ୍ୟୁ ଘଟିଲେ ସେମାନଙ୍କ ପରିବାରକୁ ଶୀଘ୍ର ପୁନର୍ବାସ ସହାୟତା ଓ ନିଯୁକ୍ତି ସୁଯୋଗ ଯୋଗାଇ ଦେବା ସମ୍ଭବ ହେବ।



- ବ୍ଲକ୍ ଓ ତହସିଲ୍‌ସ୍ତରୀୟ କାର୍ଯ୍ୟାଳୟ ପର୍ଯ୍ୟନ୍ତ ସମ୍ପ୍ରସାରିତ ହେବ ଓସ୍ୱାସ୍ ୩.୦
- ସେମିକଣ୍ଡକ୍ଟର ନୀତିର ତୃତୀୟ ସଂଶୋଧନକୁ କ୍ୟାବିନେଟ୍ ଅନୁମୋଦନ
- ଅକ୍ଷୟ ଶକ୍ତି ନୀତି-୨୦୨୨ରେ ସଂଶୋଧନକୁ କ୍ୟାବିନେଟ୍ ମଞ୍ଜୁରି
- ପିଏସପି ନୀତି ସଂଶୋଧନ କୁ କ୍ୟାବିନେଟ ମଞ୍ଜୁରି
- ୧୩୮୯ କୋଟି ଟଙ୍କାରେ ଜଳାଶୟ ଓ କ୍ଷୁଦ୍ର ଉଠାଜଳସେଚନ ପ୍ରକଳ୍ପର ହେବ ଉନ୍ନତିକରଣ

## ଭୁବନେଶ୍ୱରରେ ଜାପାନ ସେଣ୍ଟର ଅଫ୍ ଏକ୍ସିଲେନ୍ସର ଉଦ୍ଘାଟନ କଲେ ସ୍ୱାସ୍ଥ୍ୟମନ୍ତ୍ରୀ

ଭୁବନେଶ୍ୱର, ୧୨ ଅଗଷ୍ଟ (ହି.ସ)- ଭୁବନେଶ୍ୱରସ୍ଥିତ ନିଟକଲ୍ ଏଣ୍ଟରପ୍ରାଇଜ୍ ସର୍ଭିସେସ୍‌ର କ୍ୟାମ୍ପସରେ ସ୍ଥାପିତ ଜପାନୀଜ୍ ଏସଏପି ସଫ୍ଟୱେର ଗ୍ଲୋବାଲ କ୍ୟାପାବିଲିଟି ସେଣ୍ଟର ସହ ଏଆଇ, ରୋବୋଟିକ୍ସ ଓ ଜାପାନ ସେଣ୍ଟର ଅଫ୍ ଏକ୍ସିଲେନ୍ସର ଉଦ୍ଘାଟନ କରିଛନ୍ତି ସ୍ୱାସ୍ଥ୍ୟମନ୍ତ୍ରୀ ଡ.ମୁକେଶ ମହାଲିଙ୍ଗ। ଏହି ଅବସରରେ ମନ୍ତ୍ରୀ କହିଛନ୍ତି ଯେ, ଏହି ପଦକ୍ଷେପ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ଓଡ଼ିଶାର ବଢ଼ୁଥିବା ସାମର୍ଥ୍ୟକୁ ପ୍ରତିଫଳିତ କରୁଛି। କୃତ୍ରିମ ବୁଦ୍ଧିମତା, ରୋବୋଟିକ୍ସ, ସେମିକଣ୍ଡକ୍ଟର ଓ ଆଧୁନିକ ଡିଜିଟାଲ୍ ପ୍ରାତିଷ୍ଠାନିକ ଢାଞ୍ଚା କ୍ଷେତ୍ରରେ ଓଡ଼ିଶା ଦ୍ରୁତ ଗତିରେ ଏକ ଅଗ୍ରଣୀ ଗନ୍ତବ୍ୟସ୍ଥଳ ଭାବେ ଆଗେଇ ଯାଉଛି। ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଜୀଙ୍କ ମାର୍ଗଦର୍ଶନ ଏବଂ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ, ଓଡ଼ିଶା ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ଏକ ଅଗ୍ରଣୀ ରାଜ୍ୟ ଭାବେ ପରିଣତ ହେଉଛି। ଏଆଇ ପଲିସି, ସେମିକଣ୍ଡକ୍ଟର ପଲିସି ଓ ଜିସିସି ପଲିସି ମାଧ୍ୟମରେ ଆଧୁନିକ ପ୍ରଯୁକ୍ତି କ୍ଷେତ୍ରରେ ଥିବା ବ୍ୟାପକ ସମ୍ଭାବନାକୁ ସାକାର ରୂପ ଦେବା ପାଇଁ ଆମର ନିରନ୍ତର ପ୍ରୟାସ ଜାରି ରହିଛି। ଏହି ଅବସରରେ ମାନ୍ୟବର ଖୋର୍ଦ୍ଧା ବିଧାୟକ ଶ୍ରୀ ପ୍ରଶାନ୍ତ ଜଗଦ୍ଦେବ, ଇନଆହୋ ଡିଜିଟାଲ ସଲ୍ୟୁସନର ସିଇଓ ଦେବେନ୍ଦ୍ର ମହାନ୍ତ, ନିକଟାଲର ସିଇଓ ଜୟଶ୍ରୀ ମହାନ୍ତ ଉପସ୍ଥିତ ଥିଲେ।

## ଗୋଟିଏ ଦିନରେ କଟିଲା ୧୦,୯୮୮ ଇ-ଚାଲାଣ

ଭୁବନେଶ୍ୱର, ୧୨।୮(ମହାଭାରତ): ସଡ଼କ ସୁରକ୍ଷା ନିୟମ ଉଲ୍ଲଙ୍ଘନକାରୀଙ୍କ ବିରୋଧରେ ରାଜ୍ୟ ସରକାର କଡ଼ା କାର୍ଯ୍ୟାନୁଷ୍ଠାନ ନେଉଛନ୍ତି। ଏହି କ୍ରମରେ ଗତକାଲି ଅର୍ଥାତ୍ ଅଗଷ୍ଟ ୧୧ ତାରିଖରେ ନିୟମ ଖିଲାଫ କରିବା ଅଭିଯୋଗରେ ୧୦,୯୮୮ଟି ଇ-ଚାଲାଣ କଟାଯିବା ସହ ୨୮ଟି ଗାଡ଼ି ଜବତ କରାଯାଇଛି। ସେହିପରି ବିନା ହେଲମେଟ୍ ପାଇଁ ୫,୪୦୨ ଓ ଦ୍ରୁତଗତି ପାଇଁ ୧,୫୫୩ଟି ଚାଲାଣ କଟାଯାଇଛି। ସୁରକ୍ଷିତ ଯାତ୍ରା ପାଇଁ ସର୍ବଦା ସଡ଼କ ସୁରକ୍ଷା ନିୟମ ମାନିବାକୁ ପରିବହନ ବିଭାଗ ପରାମର୍ଶ ଦେଇଛି।

### ଓଡ଼ିଶାର ୩ ସରକାରୀ ମେଡିକାଲ କଲେଜରେ ୧୧ ପୋଷ୍ଟ-ଡିପ୍ଲୋମା ଡିଏନବି ସିଟ୍‌କୁ ଅନୁମୋଦନ

## ପ୍ରଥମ ଥର ସିଟ୍ ଗୁଡିକରେ ଓଡ଼ିଶାରେ କାଉନସିଲିଂ

ଭୁବନେଶ୍ୱର, ୧୨।୮(ମହାଭାରତ): ଓଡ଼ିଶାର ୩ଟି ସରକାରୀ ମେଡିକାଲ କଲେଜରେ ୧୧ଟି ପୋଷ୍ଟ-ଡିପ୍ଲୋମା ଡିଏନବି ସିଟ୍ କୁ ଅନୁମୋଦନ ମିଳିଛି । ନୂଆଦିଲ୍ଲୀସ୍ଥିତ ନେସନାଲ ବୋର୍ଡ ଅଫ ଏଗଜାମଇନନେସନ ଇନ ମେଡ଼ିକାଲ ସାଇନ୍ସ ପକ୍ଷରୁ ରାଜ୍ୟର ୩ଟି ସରକାରୀ ମେଡିକାଲ କଲେଜରେ ୫ଟି ବ୍ରଡ୍ ସ୍ପେସିଆଲିଟିରେ ମୋଟ ୧୧ଟି ପୋଷ୍ଟ-ଡିପ୍ଲୋମା ଡିଏନବି ସିଟ୍‌କୁ ମାନ୍ୟତା ପ୍ରଦାନ କରାଯାଇଛି ।

ଏହି ମାନ୍ୟତାପ୍ରାପ୍ତ ସିଟ୍ ଗୁଡ଼ିକ ଶିଶୁ ଚିକିତ୍ସା, ପ୍ରସୂତି ଓ ସ୍ତ୍ରୀରୋଗ , ଚକ୍ଷୁ ରୋଗ , ଟି.ବି. ଓ ଛାତି ରୋଗ ଏବଂ ନିଶ୍ଚେତନ ବିଜ୍ଞାନ ଭଳି ଗୁରୁତ୍ୱପୂର୍ଣ୍ଣ ବିଭାଗରେ ଅନୁମୋଦନ ମିଳିଛି । ପୁରୀ ସ୍ଥିତ ଶ୍ରୀ ଜଗନ୍ନାଥ ମେଡ଼ିକାଲ କଲେଜ ଏବଂ ହସ୍ପିଟାଲ , ବଲାଙ୍ଗୀରସ୍ଥିତ ଭୀମଭୋଇ ମେଡ଼ିକାଲ କଲେଜ ଏବଂ ହସ୍ପିଟାଲ, କୋରାପୁଟ ସ୍ଥିତ ଶହୀଦ ଲକ୍ଷ୍ମଣ ନାୟକ ମେଡ଼ିକାଲ କଲେଜ ଏବଂ ହସ୍ପିଟାଲରେ ଏହି ସିଟ୍‌କୁ ମାନ୍ୟତା ପ୍ରଦାନ କରାଯାଇଛି । ମୋଟ ୧୧ଟି ସିଟ ମଧ୍ୟରୁ ୦୫ଟି ସିଟ୍ ଓଡ଼ିଶାର ଚାକିରିରେ ଥିବା ଡାକ୍ତରମାନଙ୍କ ପାଇଁ ସଂରକ୍ଷିତ ରହିବ ଏବଂ ୦୬ଟି ସିଟ୍ ସର୍ବଭାରତୀୟ କୋଟା ଅଧୀନରେ ଉପଲବ୍ଧ ହେବ।

ଏହି ନୂତନ ପୋଷ୍ଟ-ଡିପ୍ଲୋମା ଡିଏନବି ପ୍ରଶିକ୍ଷଣ ସୁଯୋଗ ରାଜ୍ୟରେ ବିଶେଷଜ୍ଞ ଡାକ୍ତରଙ୍କ ସଂଖ୍ୟା ବୃଦ୍ଧି କରିବ। ଏହା ଫଳରେ ରାଜ୍ୟବାସୀଙ୍କୁ ଉନ୍ନତମାନର ଓ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ଅଧିକ ସହଜରେ ଉପଲବ୍ଧ କରାଇବାରେ ସହାୟତା ମିଳିବ।

ଏହି ପଦକ୍ଷେପ ମାଧ୍ୟମରେ ରାଜ୍ୟର ଡାକ୍ତରମାନଙ୍କୁ ନିଜ ସରକାରୀ ସେବା ଜାରି ରଖିବା ସହିତ ଉଚ୍ଚତର ପୋଷ୍ଟଗ୍ରାଜୁଏଟ୍ ପ୍ରଶିକ୍ଷଣ ଓ ବିଶେଷଜ୍ଞତା ହାସଲ କରିବାର ଅଧିକ ସୁଯୋଗ ମିଳିବ। ଏହା ଓଡ଼ିଶାର ଚିକିତ୍ସା ଶିକ୍ଷାର ବିକାଶ ଯାତ୍ରାରେ ଏକ ନୂତନ ମାଇଲଖୁଂଟ ସାବ୍ୟସ୍ତ ହେବ । ଏହି ଅବସରରେ ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ କୃତଜ୍ଞତା ଜଣାଇ କହିଛନ୍ତି ଯେ, "ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ମାର୍ଗଦର୍ଶନ ଏବଂ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ଯୋଗୁଁ ଏହା ସମ୍ଭବ ହୋଇଛି । ରାଜ୍ୟରେ ଚିକିତ୍ସା ଶିକ୍ଷାର ବିସ୍ତାର, ଡାକ୍ତରମାନଙ୍କ ପାଇଁ ଅଧିକ ପ୍ରଶିକ୍ଷଣ ସୁଯୋଗ ସୃଷ୍ଟି ଏବଂ ଓଡ଼ିଶାବାସୀଙ୍କୁ ଉନ୍ନତ ସ୍ୱାସ୍ଥ୍ୟସେବା ପ୍ରଦାନ ଦିଗରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ନିରନ୍ତର ସହଯୋଗ ଓ ମାର୍ଗଦର୍ଶନ ସ୍ୱାସ୍ଥ୍ୟ କ୍ଷେତ୍ରରେ ନୂତନ କିରଣ ଆଣିଦେଉଛି । ଏହି ସିଟ ଅନୁମୋଦନ ଫଳରେ ପୋଷ୍ଟ-ଡିପ୍ଲୋମା ଡିଏନବିର ସ୍ପେସିଆଲିଷ୍ଟ ଡାକ୍ତର ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର, ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର, ଉପଖଣ୍ଡ ହସ୍ପିଟାଲଗୁଡ଼ିକର ସେବା ଯୋଗାଇଦେବା ସହଜ ହେବ ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ କହିଛନ୍ତି।

## ଡିଜିପି ଚୟନ ବୈଠକ ଆଜି

### କିଏ ମୁଖିଆ ହେବେ ଚିତ୍ର ସ୍ପଷ୍ଟ ହେବ, ସୁପ୍ରିମକୋର୍ଟରେ ଘୁଞ୍ଚିଲା ଶୁଣାଣି

ଭୁବନେଶ୍ୱର, ୧୨।୮(ମହାଭାରତ): ବହୁ ବାଦବିବାଦ ଭିତରେ ଓଡିଶାର ନୂଆ ଡିଜିପି ନିଯୁକ୍ତି ବାଟ ଫିଟୁଛି। ଦେଡରେ ସବୁଠୁ ଆଗରେ ଥିବା ୧୯୯୪ ବ୍ୟାଚ୍‌ର ବରିଷ୍ଠ ଆଇପିଏସ୍ ସଞ୍ଜୀବ ପଣ୍ଡାଙ୍କ ପାଇଁ ସରକାର ରାସ୍ତା ଖୋଲୁଛନ୍ତି। ପୂର୍ବ ନିର୍ଦ୍ଧାରିତ ତାରିଖ ଅନୁଯାୟୀ ନୂଆ ପୁଲିସ ଡିଜି ଚୟନ ନେଇ ଗୁରୁବାର ସନ୍ଧ୍ୟାରେ ନୂଆଦିଲ୍ଲୀରେ ୟୁପିଏସ୍‌ସି ଅଧ୍ୟକ୍ଷଙ୍କ ଅଧ୍ୟକ୍ଷତାରେ ଚୟନ କମିଟିର ବୈଠକ ଅନୁଷ୍ଠିତ ହେବ। ଏଥିରେ ରାଜ୍ୟ ମୁଖ୍ୟ ସଚିବ ଅନୁ ଗର୍ଗ ଓ ପୁଲିସ ଡିଜି ୱାଇ ବି ଖୁରାନିଆ ମଧ୍ୟ ଯୋଗ ଦେବେ। ଚୟନ କମିଟି ଯେଉଁ ତିନି ଜଣଙ୍କ ନାମ ରାଜ୍ୟ ସରକାରଙ୍କ ନିକଟକୁ ପଠାଇବେ, ସେମାନଙ୍କ ମଧ୍ୟରୁ ସରକାର ଜଣଙ୍କ ନାମରେ ମୋହର ମାରିବେ।

ଅନ୍ୟପକ୍ଷରେ ୧୯୯୩ ବ୍ୟାଚ୍‌ର ବରିଷ୍ଠ ପୁଲିସ ଅଧିକାରୀ ସୁଶାନ୍ତ ନାଥଙ୍କ ଭିଜିଲାନ୍ସ କ୍ଲିୟରାନ୍ସକୁ ସରକାର ପ୍ରତ୍ୟାହାର କରିନେଇଛନ୍ତି। ସରକାର ଏ ସମ୍ପର୍କରେ ୟୁପିଏସ୍‌ସିକୁ ଜଣାଇଛନ୍ତି। ଏହାଛଡା ୧୯୯୪ ବ୍ୟାଚ୍‌ର ଦୁଇ ବରିଷ୍ଠ ପୁଲିସ ଅଧିକାରୀ ସଞ୍ଜୀବ ପଣ୍ଡା ଓ ଯଶୱନ୍ତ ଜେଠୱାଙ୍କୁ ଡିଜି ପାହ୍ୟାକୁ ପଦୋନ୍ନତି ସମ୍ପର୍କରେ ମଧ୍ୟ ଚୟନ କମିଟିକୁ ଅବଗତ କରାଯାଇଛି। ଫଳରେ ବରିଷ୍ଠତା ଭିତ୍ତିରେ ପ୍ରଥମେ ୧୯୯୦ ବ୍ୟାଚ୍ ଆଇପିଏସ୍ ଅଗ୍ନିଶମ ସେବା ଡିଜି ସୁଧାଂଶୁ ଷଡଙ୍ଗୀ, ଦ୍ୱିତୀୟରେ ୧୯୯୩ ବ୍ୟାଚ୍‌ର ଗୁଇନ୍ଦା ଡିଜି ଆରପି କୋଚେଙ୍କ ନାମ ଥିବା ବେଳେ ତୃତୀୟରେ ୧୯୯୪ ବ୍ୟାଚ୍‌ର ଆଣ୍ଟି ନକ୍ସଲ ଡିଜି ସଞ୍ଜୀବ ପଣ୍ଡାଙ୍କ ନାମ ରହିଛି।

୧୯୯୪ ବ୍ୟାଚ୍‌ର ଯଶବନ୍ତ ଜେଠୱା, ୧୯୯୫ ବ୍ୟାଚ୍‌ର ରିତୁ ଅରୋରା, ସୌମେନ୍ଦ୍ର ପ୍ରିୟଦର୍ଶୀ, ପିଏସ୍ ରଣପିସେ, ସନ୍ତୋଷ ବାଲା ଏବଂ ୧୯୯୬ ବ୍ୟାଚ୍‌ର ଅରୁଣ ବୋଥ୍ରା ଓ ସୁନୀତା କାକରନଙ୍କ ନାଁ ୟୁପିଏସ୍‌ସି କର୍ତ୍ତୃପକ୍ଷଙ୍କ ନିକଟରେ ରହିଛି। ଏମାନଙ୍କ ମଧ୍ୟରୁ ଆଇପିଏସ୍ ରିତୁ ଅରୋରା, ପିଏସ୍ ରଣପିସେ ଓ ସୁନୀତା କାକରନ ଏବେ କେନ୍ଦ୍ରୀୟ ଡେପୁଟେସନରେ ଅଛନ୍ତି। ଆସନ୍ତା ୧୬ ତାରିଖରେ ଡିଜିପି ଶ୍ରୀ ଖୁରାନିଆ ଅବସର ନେଉଛନ୍ତି। ଅନ୍ୟପଟେ ଡିଜି ନିଯୁକ୍ତି ସଂକ୍ରାନ୍ତରେ ସୁପ୍ରିମକୋର୍ଟରେ ହୋଇଥିବା ଜନସ୍ୱାର୍ଥ ମାମଲାରେ ଆଜି ହେବାକୁ ଥିବା ଶୁଣାଣି ଘୁଞ୍ଚାଇ ଦିଆଯାଇଛି।

## ଖୁବଶୀଘ୍ର ଯନ୍ତରମନ୍ତର ସିଜିନ-୨

ନୂଆଦିଲ୍ଲୀ, ୧୨।୮(ମହାଭାରତ): ଦେଶରେ ନୂଆ ବିପ୍ଳବ ସୃଷ୍ଟି କରିଥିବା କକ୍ରୋଚ ଜନତା ପାର୍ଟି ବା ସିଜେପିର ବଡ ଘୋଷଣା। ଖୁବଶୀଘ୍ର ଦଳ ତା'ର ବିକ୍ଷୋଭ ଅଭିଯାନ ପୁଣି ଆରମ୍ଭ କରିବ। ଯନ୍ତରମନ୍ତର ସିଜିନ-୨ ଖୁବଶୀଘ୍ର ଆରମ୍ଭ ହେବ ବୋଲି ସିଜେପି ପ୍ରତିଷ୍ଠାତା ଅଭିଜିତ ଦୀପକେ ସୂଚନା ଦେଇଛନ୍ତି। ଆଜି ଅଭିଜିତ କହିଛନ୍ତି ଯେ "ଅନେକ ଲୋକ ଇନଷ୍ଟାଗ୍ରାମରେ ଯନ୍ତରମନ୍ତର ସିଜିନ-୨ କେବେ ଆରମ୍ଭ ହେବ ବୋଲି ପଚାରୁଛନ୍ତି। ମୁଁ ସେମାନଙ୍କୁ କହିବାକୁ ଚାହୁଁଛି ଯେ ଯନ୍ତରମନ୍ତର ସିଜିନ-୨ ଖୁବଶୀଘ୍ର ଆରମ୍ଭ ହେବ।" ଯୁବଗୋଷ୍ଠୀ ଓ ଶିକ୍ଷାର୍ଥୀଙ୍କ ସ୍ୱର ବନିବାକୁ ସିଜେପି ଉଦ୍ୟମ କରୁଥିବା ବେଳେ ଦେଶବ୍ୟାପୀ ବିଭିନ୍ନ କାର୍ଯ୍ୟକ୍ରମ ଆରମ୍ଭ କରିବାକୁ ଲକ୍ଷ୍ୟ ରଖିଛି। ଏସବୁ ଭିତରେ ହିଁ ଦୀପକେ ସିଜିନ ୨ ଆରମ୍ଭ ହେବା ସମ୍ପର୍କରେ ସୂଚନା ଦେଇଛନ୍ତି।ଯଦିଓ ସେ ସିଜିନ ୨ ସମ୍ପର୍କରେ କହିଛନ୍ତି, ହେଲେ ଏହାର ବିସ୍ତୃତ ସୂଚନା ଦେଇନାହାନ୍ତି। କେବେ ଓ କ'ଣ ପାଇଁ ପୁଣିଥରେ ଯନ୍ତରମନ୍ତରରେ ସିଜେପି ଆନ୍ଦୋଳନ କରିବ, ତାହା ବର୍ତ୍ତମାନ ଚର୍ଚ୍ଚାର ବିଷୟ ପାଲଟିଛି।

## ମୁମ୍ବାଇରେ ଭୂସ୍ଖଳନ, ୭ ମୃତ

ମୁମ୍ବାଇ, ୧୨।୮(ଏଜେନ୍ସି): ଘାଟକୋପରର ଅଶୋକ ନଗରରେ ଗୌସିଆ ଚାଲ ନିକଟରେ ଛଅଟି ଘର ଉପରେ ବୁଧବାର ଭୋର ସମୟରେ ପାହାଡ଼ର ଏକ ଅଂଶ ଧସି ପଡ଼ିବା ଘଟଣାରେ ଏପର୍ଯ୍ୟନ୍ତ ତିନି ଜଣ ଶିଶୁଙ୍କ ସମେତ ସାତ ଜଣଙ୍କ ମୃତ୍ୟୁ ହୋଇଛି। ଘଟଣାସ୍ଥଳରେ ମାଟିତଳେ ଆହୁରି ଲୋକ ଦବି ରହିଥିବା ଆଶଙ୍କା ରହିଛି, ତେଣୁ ଫାୟାର ବ୍ରିଗେଡ, ଏନଡିଆରଏଫ ଏବଂ ପୁଲିସର ଟିମ୍ ରିଲିଫ ଓ ଉଦ୍ଧାର କାର୍ଯ୍ୟ କରୁଛନ୍ତି। ମୁମ୍ବାଇ ମହାନଗର ନିଗମର ଜଣେ ଅଧିକାରୀ କହିଛନ୍ତି ଯେ ମୃତକଙ୍କ ପରିଚୟ ମହମ୍ମଦ ସମୀର ଅନସାରୀ (୧୪), ସାହିଲ ହୁସେନ ଅବ୍ଦୁଲ କାଜୀ (୧୯), ପ୍ରାୟ ୪୫ ବର୍ଷ ବୟସର ଜଣେ ଅଜଣା ବ୍ୟକ୍ତି, ଅବାନ ଆରିଫ ଶେଖ (୨), ମନତ ଆରିଫ ଶେଖ (୪), ମର୍ଜିନା ଆରିଫ ଶେଖ (୨୭) ଏବଂ ବିକେତ ରମେଶ ଯାଦବ (୨୭) ଭାବେ କରାଯାଇଛି।

## ସଂସଦୀୟ ପ୍ୟାନେଲକୁ ଗଲା ବିଦେଶ ଅନୁଦାନ ବିଲ୍

ନୂଆଦିଲ୍ଲୀ, ୧୨।୮(ମହାଭାରତ): ବିବାଦୀୟ ବିଦେଶ ଅନୁଦାନ ଅଧିନିୟମ ସଂଶୋଧନ ବିଲ ୨୦୨୬କୁ କେନ୍ଦ୍ର ସରକାର ସଂସଦୀୟ କମିଟି ନିକଟକୁ ପଠାଇ ଦେଇଛନ୍ତି। ବିରୋଧୀଙ୍କ ନାରାବାଜୀ ଭିତରେ ବିଲ୍ ସଂସଦର ଯୁଗ୍ମ କମିଟି ବା ଜେପିସିକୁ ଯାଇଛି। ଏହି ବିଲ୍‌କୁ ବିଭିନ୍ନ ମହଲରେ ତୀବ୍ର ବିରୋଧ କରାଯାଇଥିଲା। ବିଭିନ୍ନ ରାଜନୀତିକ ଦଳ ମଧ୍ୟ ଏହାକୁ ଜେପିସିକୁ ପଠାଇବାକୁ ଦାବି କରିଥିଲେ।



ବିଲ୍ ବିରୋଧରେ ସ୍ୱର ତୀବ୍ର ହେଉଥିବାରୁ ଆଜି କେନ୍ଦ୍ର ଗୃହ ରାଷ୍ଟ୍ର ମନ୍ତ୍ରୀ ନିତ୍ୟାନନ୍ଦ ରାୟ ବୁଧବାର ଗୋଟିଏ ପ୍ରସ୍ତାବ ଆଗତ କରିଥିଲେ। ଏହି ପ୍ରସ୍ତାବ ମାଧ୍ୟମରେ ସେ ବିଲ୍‌କୁ ଜେପିସିକୁ ପଠାଇବାକୁ ପରାମର୍ଶ ଦେଇଥିଲେ।ଏହି ସମୟରେ ବିରୋଧୀ ଲୋକସଭାରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହଙ୍କ ଅନୁପସ୍ଥିତିକୁ ନେଇ ମଧ୍ୟ ପ୍ରଶ୍ନ ଉଠାଇଥିଲେ। କାରଣ ପୂର୍ବରୁ ଲୋକସଭାର ସପ୍ଲିମେଣ୍ଟାରୀ ତାଲିକାରେ ଏଫସିଆରଏ ବିଲ ତାଙ୍କ ନାଁରେ ଲିଷ୍ଟିଂ ହୋଇଥିଲା।ବାସ୍ତବରେ ଅମିତ ଶାହ ବିଲ୍‌କୁ ଜେପିସିକୁ ପଠାଇବା ପାଇଁ ପ୍ରସ୍ତାବ ଆଗତ କରିବା କଥା। ତାଙ୍କ ବଦଳରେ ନିତ୍ୟାନନ୍ଦ ରାୟ ପ୍ରସ୍ତାବ ଆଗତ କରିବାରୁ ଏହାକୁ ବିରୋଧୀ ଜୋରଦାର ବିରୋଧ କରିଛନ୍ତି। ଯୁଗ୍ମ ସଂସଦୀୟ କମିଟିରେ ଲୋକସଭାର ୨୧ ଜଣ ସଦସ୍ୟ ରହିବେ। ଏମାନଙ୍କୁ ଲୋକସଭା ବାଚସ୍ପତି ମନୋନୀତ କରିବେ। ଏହାବାଦ ରାଜ୍ୟସଭାର ୧୦ ଜଣ ସଦସ୍ୟଙ୍କୁ ରାଜ୍ୟସଭା ଅଧ୍ୟକ୍ଷ ମନୋନୀତ କରିବେ। ସେମାନେ ମିଳିତ ଭାବେ ବିଲ୍ ଉପରେ ଆଲୋଚନା କରି ଆବଶ୍ୟକ ପ୍ରସ୍ତାବ ଦେବେ। ବିରୋଧୀ ଦଳଗୁଡ଼ିକ ଏହି ବିଲ୍‌କୁ ବିରୋଧ କରିଆସୁଛନ୍ତି। ଏହା ଏନ୍‌ଜିଓ ଓ ସଂଖ୍ୟାଲଘୁ ଅନୁଷ୍ଠାନଗୁଡ଼ିକୁ ଟାର୍ଗେଟ୍ କରିବ ବୋଲି ସେମାନେ କହୁଛନ୍ତି।

ବିଦେଶୀ ଅନୁଦାନ ସଂଶୋଧନ ବିଲରେ ସରକାରଙ୍କୁ ଏକ ନିର୍ଦ୍ଦିଷ୍ଟ କର୍ତ୍ତୃପକ୍ଷ ଗଠନ କରିବାର ଅଧିକାର ଦେବାକୁ ପ୍ରସ୍ତାବ ରହିଛି।କୌଣସି ସଂଗଠନର ଏଫସିଆରଏ ପଞ୍ଜୀକରଣ ବାତିଲ ହେଲେ, ସଂଗଠନ ନିଜେ ପଞ୍ଜୀକରଣ ସମର୍ପଣ କଲେ କିମ୍ବା ପଞ୍ଜୀକରଣ ନବୀକରଣ ନ ହେଲେ, ବିଦେଶୀ ଅନୁଦାନରେ ସୃଷ୍ଟି ହୋଇଥିବା ଅର୍ଥ ଓ ସମ୍ପତ୍ତିର ପରିଚାଳନା ଏହି କର୍ତ୍ତୃପକ୍ଷ ନିଜ ହାତକୁ ନେଇପାରିବେ।ବିଲ୍‌କୁ ନେଇ ବିବାଦ ବଢ଼ିବାରୁ ଗୃହ ମନ୍ତ୍ରଣାଳୟ ଜୁଲାଇ ୨୨ରେ ସ୍ପଷ୍ଟ କରିଥିଲା ଯେ ନିର୍ଦ୍ଦିଷ୍ଟ କର୍ତ୍ତୃପକ୍ଷ କେବଳ ବିଦେଶୀ ଅନୁଦାନରେ ସୃଷ୍ଟି ହୋଇଥିବା ସମ୍ପତ୍ତିର ପରିଚାଳନା କରିବେ। ସଂଗଠନର ପଞ୍ଜୀକରଣ ଆଇନଗତ ଭାବେ ଶେଷ ହେବା ପରେ ହିଁ ଏପରି ପଦକ୍ଷେପ ଗ୍ରହଣ କରାଯିବ।

## ଲଘୁଚାପ ସୃଷ୍ଟି, ଆଜି ଅବପାତ

ଭୁବନେଶ୍ୱର, ୧୨।୮(ମହାଭାରତ): ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଘୂର୍ଣ୍ଣିବଳୟ ଆଜି ଭୋର ସମୟରେ ଉତ୍ତର ବଙ୍ଗୋପସାଗର ପାର୍ଶ୍ୱବର୍ତ୍ତୀ ପଶ୍ଚିମବଙ୍ଗ-ବାଂଲାଦେଶ ଉପକୂଳ ନିକଟରେ ଲଘୁଚାପ କ୍ଷେତ୍ରରେ ପରିଣତ ହୋଇଥିଲା। ସନ୍ଧ୍ୟା ସୁଦ୍ଧା ଏହା ଅଧିକ ଘନୀଭୂତ ହେବା ସହ ସ୍ପଷ୍ଟ ଚିହ୍ନିତ ଲଘୁଚାପ ରୂପ ନେଇଛି। ଉତ୍ତର-ପଶ୍ଚିମ ଦିଗକୁ ଗତି କରିବାକୁ ଥିବା ଏହି ସ୍ପଷ୍ଟ ଚିହ୍ନିତ ଲଘୁଚାପ ଆଗାମୀ ୨୪ ଘଣ୍ଟା ମଧ୍ୟରେ ଆହୁରି ଘନୀଭୂତ ହୋଇ ଏକ ଅବପାତରେ ପରିଣତ ହେବା ସହ ଉତ୍ତର-ପଶ୍ଚିମ ଦିଗରେ ଗତି କରି ବାଂଲାଦେଶ-ପଶ୍ଚିମବଙ୍ଗ ଉପକୂଳମୁହାଁ ହେବାର ସମ୍ଭାବନା ରହିଥିବା ଭାରତୀୟ ପାଣିପାଗ ବିଭାଗ(ଆଇଏମ୍‌ଡି) ପକ୍ଷରୁ ପୂର୍ବାନୁମାନ କରାଯାଇଛି। ପ୍ରଭାବରେ ଦକ୍ଷିଣ ପଶ୍ଚିମବଙ୍ଗ ଓ ଝାଡଖଣ୍ଡ ସମେତ ଉତ୍ତର, ଉତ୍ତର ଆଭ୍ୟନ୍ତରୀଣ ଓଡିଶାରେ ପ୍ରବଳରୁ ଅତିପ୍ରବଳ ବର୍ଷା ହୋଇପାରେ। ତେଣୁ ଓଡିଶାର ସମସ୍ତ ବନ୍ଦରରେ ୩ ନମ୍ବର ବିପଦ ସଙ୍କେତ ଜାରି ହୋଇଛି। ୧୪ ତାରିଖ ପର୍ଯ୍ୟନ୍ତ ସମୁଦ୍ର ଅଶାନ୍ତ ରହିବାକୁ ଥିବାରୁ ମତ୍ସ୍ୟଜୀବୀମାନଙ୍କୁ ସମୁଦ୍ରକୁ ନ ଯିବାକୁ ପରାମର୍ଶ ଦିଆଯାଇଛି।

ଆସନ୍ତା ୪୮ ଘଣ୍ଟା ପାଇଁ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଅଧା ଓଡିଶା ପାଇଁ ରେଡ୍ ଓ ଅରେଞ୍ଜ ୱାର୍ଣ୍ଣିଂ ଜାରି ହୋଇଛି। ଗୁରୁବାର ପୂର୍ବାହ୍ନ ପର୍ଯ୍ୟନ୍ତ ବାଲେଶ୍ୱର, ଭଦ୍ରକ ଓ କେନ୍ଦୁଝର ଜିଲ୍ଲାକୁ ରେଡ୍ ୱାର୍ଣ୍ଣିଂ ଜାରି ସହ ଯେକେଣସି ବିପର୍ଯ୍ୟୟର ମୁକାବିଲା ପାଇଁ ପ୍ରସ୍ତୁତ ରହିବାକୁ ଜିଲ୍ଲା ପ୍ରଶାସନକୁ ପରାମର୍ଶ ଦିଆଯାଇଛି। ଏଥିସହ ମୟୂରଭଞ୍ଜ, ଅନୁଗୋଳ, କେନ୍ଦ୍ରାପଡା, ଦେବଗଡ, ଯାଜପୁର, କଟକ, ଜଗତସିଂହପୁର, ଢେଙ୍କାନାଳ, ସୁନ୍ଦରଗଡ ଓ ସମ୍ବଲପୁର ଜିଲ୍ଲା ପାଇଁ ଅରେଞ୍ଜ ୱାର୍ଣ୍ଣିଂ ଜାରି ହୋଇଛି।

## ପ୍ରସ୍ତୁତ କରନ୍ତୁ ଗୋଟା ରସୁଣ ଚିକେନ ଲଟପଟ



**ଆବଶ୍ୟକୀୟ ସାମଗ୍ରୀ:**ଚିକେନ, ପିଆଜ, ରସୁଣ ପାଖୁଡ଼ା, ଲୁଣ, ହଳଦୀ, ଲଙ୍କା ଗୁଣ୍ଡ, ରିଫାଇନ୍ଡ ତେଲ, ଗରମ ମସଲା।

**ପ୍ରସ୍ତୁତ ପ୍ରଣାଳୀ:** ପ୍ରଥମେ ଚିକେନରେ ଲୁଣ, ହଳଦୀ ପକେଇ ଭଲ ଭାବରେ ଗୋଳାଇ ରଖନ୍ତୁ। କରେଇରେ ତେଲ ଗରମ କରି ପିଆଜ ପକାଇ ଭାଜି ରଖନ୍ତୁ। ପିଆଜ ଅଳ୍ପ ଭାଜି ହୋଇଗଲା ପରେ ଲୁଣ ହଳଦୀ ଗୋଳା ଚିକେନ୍ ପକାଇ କଷନ୍ତୁ। ଚିକେନ ଅଳ୍ପ କଷି ହୋଇଗଲେ ହଳଦୀ ଗୁଣ୍ଡ, ଲଙ୍କା ଗୁଣ୍ଡ, ସ୍ୱାଦ ଅନୁସାରେ ଲୁଣ, ଗରମ ମସଲା, ଗୋଟା ରସୁଣ ପକାଇ ଘାଣ୍ଟନ୍ତୁ। ଚିକେନରେ ମସଲା ଭଲ ଭାବେ ମିଶି ଯିବା ପରେ ଘୋଡ଼ଣୀ ଘୋଡ଼ାଇ ଦିଅନ୍ତୁ। ପ୍ରତି ୪ରୁ ୫ ମିନିଟ୍ ବ୍ୟବଧାନରେ ଚିକେନକୁ ଗୋଳାଇ ଦିଅନ୍ତୁ। ଏହାପରେ ପ୍ରସ୍ତୁତ ହୋଇଯିବ ଗୋଟା ରସୁଣ ଚିକେନ ଲଟପଟ।

ଖବର

## କାହିଁକି ବୃଦ୍ଧିପାଏ କୋଲେଷ୍ଟ୍ରଲ ?

କୋଲେଷ୍ଟ୍ରଲ ବୃଦ୍ଧି ପାଇଲେ ହୃଦଘାତ ଏବଂ ମସ୍ତିଷ୍କ ଆଘାତର ଆଶଙ୍କା ବଢିଯାଏ। ଖାଦ୍ୟପେୟରେ ଅନିୟମିତତା ଏବଂ ସ୍ୱଳ୍ପ ଶାରୀରିକ କାର୍ଯ୍ୟକଳାପ ସ୍ୱାସ୍ଥ୍ୟ ପାଇଁ ବିପଜ୍ଜନକ ପ୍ରମାଣିତ ହେଉଛି। ଏହି ସାମାନ୍ୟ ଅବହେଳା ବହୁ ଗମ୍ଭୀର ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରୁଛି। ସେଥିମଧ୍ୟରୁ କୋଲେଷ୍ଟ୍ରଲ ବୃଦ୍ଧି ଅନ୍ୟତମ। ଶରୀରରେ ଖରାପ କୋଲେଷ୍ଟ୍ରଲ ବୃଦ୍ଧି ହେଲେ ହୃଦୟ ସ୍ୱାସ୍ଥ୍ୟ ବିଗିଡିଯାଏ। ଏହି କାରଣରୁ ରକ୍ତ ମସ୍ତିଷ୍କ ଏବଂ ହୃଦୟରେ ପହଞ୍ଚେ ନାହିଁ, ଯେଉଁ କାରଣରୁ ହୃଦଘାତ ଏବଂ ମସ୍ତିଷ୍କ ଆଘାତର ଆଶଙ୍କା ବଢିଯାଏ। ସେଥିପାଇଁ ଉଚ୍ଚ କୋଲେଷ୍ଟ୍ରଲକୁ ନୀରବ ଘାତକ ବୋଲି କୁହାଯାଏ। ଶରୀରରେ କୋଲେଷ୍ଟ୍ରଲ ବୃଦ୍ଧି ହେଲେ କି କି ଲକ୍ଷଣ ଦେଖାଯାଏ,



ଜାଣନ୍ତୁ...

କୋଲେଷ୍ଟ୍ରଲ ବୃଦ୍ଧିର ଲକ୍ଷଣ

ଆଖିର ଚାରିପାଖରେ ହଳଦିଆ ଦାଗ, ଯାହାକୁ ଜେନଥୋମାସ୍ କୁହାଯାଏ।

ଛାତି ଯନ୍ତ୍ରଣା (ଏନଞ୍ଜାଇନା)


ଶରୀରର ଗୋଟିଏ ପାର୍ଶ୍ୱରେ ଦୁର୍ବଳତା।

ଷ୍ଟ୍ରୋକ୍ କାରଣରୁ ପକ୍ଷାଘାତ ବା ପାରାଲିସିସ୍।

ଗୋଡରେ ଯନ୍ତ୍ରଣା, ଚାଲିବାରେ ଅସୁବିଧା।

ଉଚ୍ଚ କୋଲେଷ୍ଟ୍ରଲରୁ କିପରି ରକ୍ଷା ପାଇବେ

ଉଚ୍ଚ କୋଲେଷ୍ଟ୍ରଲରୁ ରକ୍ଷା ପାଇବା ପାଇଁ, ସର୍ବପ୍ରଥମେ ଜୀବନଶୈଳୀରେ ପରିବର୍ତ୍ତନ ଆଣିବା ଆବଶ୍ୟକ। ପ୍ରତିଦିନ ପର୍ଯ୍ୟାପ୍ତ ପରିମାଣରେ ଶୋଇବା ଜରୁରୀ। ଖାଦ୍ୟ ସାଙ୍ଗକୁ ଶାରୀରିକ ବ୍ୟାୟାମ କରନ୍ତୁ। ଖାଦ୍ୟରେ ସବୁଜ ପତ୍ରଯୁକ୍ତ ପନିପରିବା ଅନ୍ତର୍ଭୁକ୍ତ କରନ୍ତୁ। ପ୍ରତିଦିନ ଫଳ ଖାଇବା ଅଭ୍ୟାସ ରଖନ୍ତୁ। ବିଭିନ୍ନ ପ୍ରକାର ସିଡ୍ସ ଏବଂ ଡ୍ରାଏ ଫ୍ରୁଟ୍ସ ଖାଆନ୍ତୁ। ଅଧିକ ଚାପ ନିଅନ୍ତୁ ନାହିଁ। ବାହାର ଖାଦ୍ୟ, ଜଙ୍କ ଫୁଡଠାରୁ ଦୂରରେ ରୁହନ୍ତୁ। ପ୍ରକ୍ରିୟାକୃତ ଖାଦ୍ୟ ଆଦୌ ଖାଆନ୍ତୁ ନାହିଁ। ଲାଲ୍ ମାଂସଠାରୁ ଦୂରେଇ ରୁହନ୍ତୁ। ଓଜନକୁ ନିୟନ୍ତ୍ରଣରେ ରଖନ୍ତୁ। ଏହି ସବୁ ଉପାୟ ଅବଲମ୍ବନ କରି କେବଳ ସୁସ୍ଥ ଜୀବନଶୈଳୀ ମାଧ୍ୟମରେ କୋଲେଷ୍ଟ୍ରଲକୁ ନିୟନ୍ତ୍ରଣ କରିପାରିବେ।



## ଆଖି ତଳ କଳାଦାଗର ଉପଚାର

ଶୀତଦିନିଆ ଥଣ୍ଡା ପରିବେଶ କାରଣରୁ କେତେଜଣଙ୍କର ଆଖି ତଳ କଳାଦାଗ ସମସ୍ୟା ବଢ଼େ। ଏଥିରୁ ରକ୍ଷା ପାଇବାକୁ କେତୋଟି ସରଳ ଘରୋଇ ଉପଚାର:

◆ ବାଦାମ ତେଲ ୧ଚାମଚ ଓ ଲେମ୍ବୁ ରସ ଅଧ ଚାମଚକୁ ମିଶାଇ ତୁଳାରେ ନେଇ ଆଖି ତଳ କଳାଦାଗରେ ଲଗାଇ ୨ମିନିଟ୍ ମାଲିସ୍ କରନ୍ତୁ। ରାତିରେ ଏଇ ପ୍ୟାକ୍ ଲଗାଇ ଶୋଇବା ଭଲ। ସପ୍ତାହେ କରିବା ପରେ ଫରକ୍ ଜାଣିପାରିବେ।

◆ କଞ୍ଚା ଖିରରେ ଭିଟାମିନ୍ ଇ ମିଶାଇ ଆଖି ଚାରିପାଖେ ମାଲିସ୍ କରନ୍ତୁ। ସ୍ନାନ ପୂର୍ବରୁ ଏହି ପ୍ୟାକ୍ ଲଗାନ୍ତୁ। ଆଖି ତଳ କଳାଦାଗ ଦୂର ହେବା ପରେ ମଧ ଏଇ ପ୍ୟାକ୍ ଲଗାଇଲେ ଆଖି ବିନ୍ଧା ସମସ୍ୟା ଦୂର ହୁଏ।



◆କାକୁଡ଼ି ଓ ଟମାଟୋ ରସ ସମପରିମାଣରେ ମିଶାଇ ଆଖି ତଳ କଳାଦାଗରେ ଲଗାଇବା ଭଲ। ପ୍ରତିଦିନ ଏଇ ପ୍ୟାକ୍ ଲଗାଇଲେ ଶୀଘ୍ର ଫରକ୍ ଜାଣିପାରିବେ।

## ପ୍ରକୃତି ଦିଏ ଯଥାର୍ଥ ନ୍ୟାୟ

ଧର୍ମ ଶାସ୍ତ୍ରରେ ଯାହା ବର୍ଣ୍ଣନା ହୋଇଛି, ଜଗତ ସେତିକି ମାତ୍ର ନୁହେଁ। ଶାସ୍ତ୍ରରେ ତ କିଛି ଅଂଶ ହିଁ ଅଛି। ବାକି, ଜଗତ ତ ଅବକ୍ତବ୍ୟ ଏବଂ ଅବର୍ଣ୍ଣନୀୟ ଅଟେ ଯେ ଯାହା ଶବ୍ଦରେ ଧାରଣ ହୋଇପାରେ ଏପରି ନୁହେଁ, ତେବେ ପୁଣି ଶବ୍ଦରୁ ବାହାରର କଥା ତୁମେ କେଉଁଠୁ ଆଣିବ? ଶବ୍ଦରେ ଧାରଣ ହୁଏ ନାହିଁ ତେବେ ଶବ୍ଦରୁ ବାହାରେ ତୁମେ ତାହାର ବର୍ଣ୍ଣନା କିପରି ବୁଝିବ?

ପ୍ରକୃତିର ଯେଉଁ ନ୍ୟାୟ, ସେଥିରେ ଗୋଟିଏ କ୍ଷଣ ପାଇଁ ମଧ୍ୟ ଅନ୍ୟାୟ ହୋଇନାହିଁ। ଏ ପ୍ରକୃତି, ଗୋଟିଏ କ୍ଷଣ ପାଇଁ ମଧ୍ୟ ଅନ୍ୟାୟୀ ହୋଇନାହିଁ। କୋର୍ଟରେ ଅନ୍ୟାୟ ହୋଇଥାଇପାରେ, କିନ୍ତୁ ପ୍ରକୃତି କେବେ ଅନ୍ୟାୟୀ ହୋଇନାହିଁ। ପ୍ରକୃତିର ନ୍ୟାୟ କିପରି ଅଟେ ଯେ, ଯଦି ତୁମେ ଭଲ ମଣିଷ ଅଟ ଏବଂ ଆଜି ତୁମେ ଚୋରି କରିବା ପାଇଁ ଯାଅ ତେବେ ତୁମକୁ ପ୍ରଥମରୁ ହିଁ ଧରା ପକାଇ ଦେବ ଆଉ ଯଦି ଖରାପ ମଣିଷ ହୋଇଥିବ ତେବେ ତାକୁ ପ୍ରଥମ ଦିନ ପ୍ରୋତ୍ସାହିତ କରିବ। ପ୍ରକୃତିର ଏପରି ହିସାବ ଯେ, ପ୍ରଥମବାଲାକୁ ଭଲ ରଖିବାର ଅଛି, ସେଥିପାଇଁ ତା'କୁ ଧରା ପକାଇଦେବ, ତା'କୁ ସହାୟତା କରିବ ନାହିଁ ଆଉ ଦ୍ୱିତୀୟ ଜଣଙ୍କୁ ସହାୟତା କରିଚାଲିବ



ଏବଂ ପରେ ଏମିତି ମାଡ଼ ମାରିବ ଯେ, ପୁଣି ସେ ଉପରକୁ ଉଠି ପାରିବ ନାହିଁ। ସେ ଅଧୋଗତିରେ ଯିବ। ପ୍ରକୃତି ଗୋଟିଏ ମିନିଟ୍ ମଧ୍ୟ ଅନ୍ୟାୟୀ ହୋଇନାହିଁ। ଯଦି ପ୍ରକୃତିର ନ୍ୟାୟକୁ ବୁଝିବ ଯେ, 'ଯାହା ହେଲା ତାହା ନ୍ୟାୟ' ତେବେ ତୁମେ ଏ ଜଗତରୁ ମୁକ୍ତ ହୋଇ ପାରିବ ଅନ୍ୟଥା ପ୍ରକୃତିକୁ ତିଳେମାତ୍ର ବି ଅନ୍ୟାୟୀ ମାନିଲ, ତେବେ ତାହା ତୁମ ପାଇଁ ଜଗତରେ ସମସ୍ୟାର ହିଁ କାରଣ ଅଟେ। ପ୍ରକୃତିକୁ ନ୍ୟାୟ ମାନିବା, ତାହାର ନାମ ଜ୍ଞାନ। 'ଯେପରି ଅଟେ ସେପରି' ଜାଣିବା, ତାହାର ନାମ ଜ୍ଞାନ ଏବଂ 'ଯେପରି ଅଟେ ସେପରି' ନଜାଣିବା, ତାହାର ନାମ ଅଜ୍ଞାନ। ଜଗତରେ ନ୍ୟାୟ ଖୋଜିବା ଯୋଗୁଁ ହିଁ ତ ପୁରା ଦୁନିଆରେ ଲଢ଼େଇ ସବୁ ହୋଇଛି। ଜଗତ ନ୍ୟାୟ ସ୍ୱରୂପ ହିଁ ଅଟେ। ଏଥିପାଇଁ ଏ ଜଗତରେ ନ୍ୟାୟ ଖୋଜିବ ହିଁ ନାହିଁ। ଯାହା ହେଲା, ତାହା ନ୍ୟାୟ। ଯାହା ହୋଇଗଲା ତାହା ହିଁ ନ୍ୟାୟ। ନ୍ୟାୟ ଖୋଜୁଛନ୍ତି, ସେଥିପାଇଁ ଏ କୋର୍ଟ ଇତ୍ୟାଦି ସବୁ ତିଆରି ହେଲା! 'ନ୍ୟାୟ' ସ୍ୱରୂପ ଅଲଗା ଅଟେ ଏବଂ ଆମର ଏ ଫଳ ସ୍ୱରୂପ ଅଲଗା ଅଟେ! ନ୍ୟାୟ-ଅନ୍ୟାୟର ଫଳ, ତାହା ତ ହିସାବ ଅନୁଯାୟୀ ଆସେ ଆଉ ଆମେ ତା ସହିତ ନ୍ୟାୟ ଯୋଡ଼ିବା ପାଇଁ ଯାଆନ୍ତି, ପୁଣି କୋର୍ଟକୁ ହିଁ ଯିବାକୁ ପଡ଼ିବ ଅବା ଆଉ ସେଠାକୁ ଯାଇ, ଥକିକରି, ଶେଷରେ ଫେରିକି ହିଁ ଆସିବାର ଅଛି! ତୁମେ କାହାକୁ ଗୋଟିଏ ଗାଳି ଦେଲ ତେବେ ପୁଣି ସେ ତୁମକୁ ଦୁଇ-ତିନି ଗାଳି ଦେଇ ଦେବ, କାହିଁକି ତା'ମନ ତୁମ ଉପରେ କ୍ରୋଧିତ ଥାଏ। ସେତେବେଳେ ଲୋକେ କ'ଣ କୁହନ୍ତି? ତୁ କ'ଣ ପାଇଁ ତିନୋଟି ଗାଳି ଦେଲୁ, ସେ ତ ଗୋଟିଏ ହିଁ ଦେଇଥିଲା।

## ଧର୍ମାତ୍ମାଙ୍କ ଘରେ ବିଷ୍ଣୁ ଓ ଲକ୍ଷ୍ମୀ ବାସ କରନ୍ତି



ବିଭୁସେନ ଉଦାର ଏବଂ ପ୍ରଜାବତ୍ସଳ ରାଜା ଥିଲେ । ସେ ରାଜ୍ୟର ଶିଳ୍ପକାରଙ୍କ ଆର୍ଥିକ ଦୁର୍ଦ୍ଦଶା ଦେଖି ଏକ ବଜାର ପ୍ରତିଷ୍ଠା କଲେ । ସେ ଘୋଷଣା କରାଇଲେ ଯେ ସନ୍ଧ୍ୟା ପର୍ଯ୍ୟନ୍ତ ଯେଉଁ କଳାକୃତି ବିକ୍ରି ହେବନି, ସେ ନିଜେ ସେହି ମୂର୍ତ୍ତି ସବୁ କିଣିନେବେ । ଦିନେ ବଜାରରେ ସବୁ ମୂର୍ତ୍ତି ବିକ୍ରି ହୋଇଗଲା । କେବଳ ଗୋଟିଏ ମୂର୍ତ୍ତି ବାକି ରହିଲା । ସେଇଟି ଥିଲା ଅଲକ୍ଷ୍ମୀଙ୍କ ମୂର୍ତ୍ତି । ଶିଳ୍ପକାର ତା'କୁ ନେଇ ରାଜାଙ୍କ ପାଖରେ ପହଞ୍ଚିଲା । ମନ୍ତ୍ରୀ ରାଜାଙ୍କ ପାଖରେ ଥିଲେ । ସେ ରାଜାଙ୍କୁ ପରାମର୍ଶ ଦେଲେ ଯେ ଅଲକ୍ଷ୍ମୀ ମୂର୍ତ୍ତି କିଣିଲେ ରାଜ ଉଆସରୁ ଲକ୍ଷ୍ମୀ ଛାଡ଼ିଯିବାର ସମ୍ଭାବନା ରହିଛି । କିନ୍ତୁ ରାଜା ନିଜ ବଚନରେ ବାନ୍ଧି ହୋଇ ରହିଥିଲେ । ଏଣୁ ସେ ମୂର୍ତ୍ତିଟିକୁ କିଣି ନେଲେ । ସାରା ଦିନର କାର୍ଯ୍ୟରୁ ନିବୃତ ହୋଇ ରାଜା ଯେତେବେଳେ ଶୋଇବାକୁ ଗଲେ ସେ କାହାର କ୍ରନ୍ଦନ ଶୁଣିବାକୁ ପାଇଲେ । ରାଜା ଦେଖିଲେ, ବେଶ୍ ମୂଲ୍ୟବାନ ବସ୍ତ୍ର-ଆଭୂଷଣ ପରିହିତା ଜଣେ ସୁସଜ୍ଜିତ ସ୍ତ୍ରୀ କାନ୍ଦୁଛନ୍ତି । ରାଜା ଏହାର କାରଣ ପଚାରିବାରୁ ସେ କହିଲେ, ମୁଁ ଲକ୍ଷ୍ମୀ । ଆଜି ଆପଣ ଅଲକ୍ଷ୍ମୀଙ୍କ ମୂର୍ତ୍ତି ଆଣି ମୋର ଅପମାନ କରିଛନ୍ତି । ଆପଣ ସେହି ମୂର୍ତ୍ତିକୁ ବାହାରକୁ ବାହାର କରି ଦିଅନ୍ତୁ । ନଚେତ୍ ମୁଁ ଏହି ଉଆସ ଛାଡ଼ି ଚାଲିଯିବି । ରାଜା କହିଲେ, ମୁଁ ସେପରି କରିପାରିବି ନାହିଁ । କାରଣ ମୁଁ ବଚନରେ ବାନ୍ଧି ହୋଇ ରହିଛି । ଏହାପରେ ଦେବୀ ଲକ୍ଷ୍ମୀ ଚାଲିଗଲେ । ରାଜା ନିଜ ଶୟନ କକ୍ଷ ଆଡ଼କୁ ଯିବା ସମୟରେ ପଛରୁ କିଏ ଡାକିବା ଭଳି ଶୁଣାଗଲା । ରାଜା ପଛକୁ ବୁଲି ଚାହିଁବାରୁ ଭଗବାନ ବିଷ୍ଣୁ ଛିଡ଼ା ହୋଇଥିଲେ । ସେ କହିଲେ, ରାଜନ୍ ଆପଣ ମୋ ପତ୍ନୀଙ୍କ ଅପମାନ କରିଛନ୍ତି । ଏଣୁ ମୁଁ ମଧ ଉଆସ ଛାଡ଼ି ଚାଲିଯାଉଛି । ରାଜା ଭଗବାନ ବିଷ୍ଣୁଙ୍କ କଥା ମଧ ଶୁଣିଲେ ନାହିଁ । ସେ ନିଜ ଶୟନ କକ୍ଷ ଆଡ଼କୁ ଫେରିବାକୁ ବାହାରନ୍ତେ ଏକ ଉଜ୍ଜ୍ୱଳ ଆଲୋକ ଦେଖାଗଲା । ରାଜା କହିଲେ, ଆପଣ ବି ରାଜଭବନ ଛାଡ଼ି ଯିବାକୁ ଚାହୁଁଥିଲେ, ଯାଇପାରନ୍ତି । କିନ୍ତୁ ଏକ ଶବ୍ଦ ଶୁଣାଗଲା-ମୁଁ ଧର୍ମରାଜ, ମୁଁ କିପରି ଏହି ଉଆସ ଛାଡ଼ିଯିବି । ସେହି ରାତିରେ ରାଜା ଏକ ସ୍ୱପ୍ନ ଦେଖିଲେ, ଲକ୍ଷ୍ମୀ ଓ ନାରାୟଣ ରାଜାଙ୍କୁ କହୁଥିଲେ ଯେଉଁଠି ଧର୍ମ ରହିଛି, ସେହିଠାରେ ଆମ ଠିକଣା ଅଛି । ରାଜା ନିଜ ବଚନବଦ୍ଧତା ଏବଂ ପ୍ରଜାକଲ୍ୟାଣ ଧର୍ମ ପାଳନ କାରଣରୁ ଆମର ହୃଦୟ ଜିଣିପାରିଛନ୍ତି । ଆମେ ପୁଣି ଥରେ ରାଜନଅରକୁ ଫେରୁଛୁ ।

## ସ୍ୱାସ୍ଥ୍ୟ ପାଇଁ ହିତକର ନାଲି ଲଙ୍କା

ଅଧିକାଂଶ ଲୋକ ରାଗ ଖାଇବାକୁ ପସନ୍ଦ କରନ୍ତିନି। ସେଥିପାଇଁ ଡାଏଟରେ ଲଙ୍କା ବ୍ୟବହାର କରନ୍ତିନି। ବିଶେଷକରି ଲୋକେ ନାଲି ଲଙ୍କା ଠାରୁ ଦୁରେଇ ରହନ୍ତି।



ଏକ ଅଧ୍ୟୟନ ଅନୁଯାୟୀ, ନିୟମିତ ନାଲି ଲଙ୍କା ସେବନ କଲେ ଆୟୁଷ ବଢିଥାଏ ଏବଂ ଅକାଳ ମୃତ୍ୟୁ ଅଶଙ୍କା ମଧ କମିଯାଇଥାଏ। ଅଧ୍ୟୟନ ଅନୁଯାୟୀ, ଯେଉଁମାନେ ନାଲି ଲଙ୍କା ସେବନ କରନ୍ତି ସେମାନଙ୍କୁ ରୋଗ ହେବାର ସମ୍ଭାବନା ଏକ ଚତୁର୍ଥାଂଶ କମିଯାଇଥାଏ। ବୈଜ୍ଞାନିକମାନେ ନାଲି ଲଙ୍କାରେ ଥିବା ରାଗ ଅଂଶକୁ ଶରୀର ପାଇଁ ଲାଭଦାୟକ ବୋଲି କହିଛନ୍ତି। ବୈଜ୍ଞାନିକଙ୍କ ଅନୁଯାୟୀ, ନାଲି ଲଙ୍କା ଶର୍କରା ସ୍ତର ନିୟନ୍ତ୍ରଣ କରିବାରେ ସାହାଯ୍ୟ କରିଥାଏ ଏବଂ ଟ୍ୟୁମର ସହ ସୁଜନ କମ୍ କରିବାରେ ମଧ ସାହାଯ୍ୟ କରିଥାଏ। ନାଲି ଲଙ୍କାରେ ଭିଟାମିନ-ସି ରହିଛି ଯାହା ପ୍ରତିରୋଧକ କ୍ଷମତାକୁ ମଜବୁତ କରିଥାଏ। ନାଲି ଲଙ୍କାରେ ଆଣ୍ଟି ଅକ୍ସିଡେଣ୍ଟ ରହିଛି ଯାହା ସିରାପ୍ରଶିରାରେ ବ୍ଲଡ଼ ବ୍ଲକେଜକୁ ଦୂର କରିଥାଏ। କିନ୍ତୁ ନାଲି ଲଙ୍କା ଗୁଣ୍ଡ ସ୍ୱାସ୍ଥ୍ୟ ପକ୍ଷେ ହାନିକାରକ। ବିଶ୍ୱ ସ୍ତରରେ ପାଖାପାଖି ୫୭ ହଜାର ଲୋକଙ୍କ ସ୍ୱାସ୍ଥ୍ୟ ଓ ଆହାର ରେକର୍ଡ ଆଧାରରେ ଅଧ୍ୟୟନ କରାଯାଇଥିଲା। କିନ୍ତୁ ସୂଚନା ଆଧାରରେ ଅନ୍ୟ ଅଧ୍ୟୟନ ଭଳି ଏହାର ଅନ୍‌ଚ୍ଛେକ ପରିଣାମ ମିଳିଥିଲା। କାରଣ ଅଧିକ ବ୍ୟକ୍ତିଗତ ଅଧ୍ୟୟନ କରୁଥିବା ବୈଜ୍ଞାନିକଙ୍କୁ ଏହା ଜାଣିବା ଆବଶ୍ୟକ ଯେ କେଉଁ କିସମର ଲଙ୍କା ସୁରକ୍ଷା ପ୍ରଦାନ କରିଥାଏ ଏବଂ କେତେ ମାତ୍ରାରେ ସେବନ କରିବା ସ୍ୱାସ୍ଥ୍ୟ ପାଇଁ ଲାଭଦାୟକ। ବୈଜ୍ଞାନିକ କହିଛନ୍ତି ଯେ, ଖାଇବାରେ ତାଜା ଓ ଶୁଖିଲା ଲଙ୍କା କିମ୍ବା ଗୋଲମରିଚ ବ୍ୟବହାର କଲେ ଖାଇବାର ସ୍ୱାଦ ଦୁଇଗୁଣ ବଢ଼ିଯାଇଥାଏ। ତାଛଡା ଏହା ଖାଇବାରେ ଲୁଣର ମାତ୍ରା ମଧ ନିୟନ୍ତ୍ରଣ କରିଥାଏ। ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ଅନୁସାରେ ଅତ୍ୟଧିକ ଲୁଣ ସେବନ ଉଚ୍ଚ ରକ୍ତଚାପ ଓ ହୃଦୟରୋଗର କାରଣ ହୋଇଥାଏ। କିନ୍ତୁ ବୈଜ୍ଞାନିକ ମିଶ୍ରିତ ମସଲା ଓ ବଜାରରେ ମିଳୁଥିବା ଚିଲି ସସ ବ୍ୟବହାର ନ କରିବାକୁ ପରାମର୍ଶ ଦେଇଛନ୍ତି। ବୈଜ୍ଞାନିକ କହିଛନ୍ତି ଯେ ଏଥିରେ ଅଧିକ ମାତ୍ରାରେ ସୋଡିୟମ ଥାଏ ଯାହା ସ୍ୱାସ୍ଥ୍ୟ ପାଇଁ ହାନିକାରକ। ଅଧ୍ୟୟନର ପ୍ରମୁଖ ଲେଖକ କହିଛନ୍ତି ଯେ, ନିୟମିତ ନାଲି ଲଙ୍କା ସେବନ କ୍ୟାନସର ଓ ହୃଦୟରୋଗ ଭଳି ନାନା ରୋଗର ଆଶଙ୍କା କମ କରିପାରେ।

ନଗରନକ୍ସା
ମହାନଗରର ନିଜ ଭାଷା



# ଏମ୍ସରେ ଯକ୍ଷ୍ମା ଚିହ୍ନଟ ଓ ନିରାକାରଣ ସମ୍ମିଳନୀ

ଭୁବନେଶ୍ୱର,୧୨।୮ (ମହାଭାରତ): ୟୁନିଭର୍ସାଲ ଡ୍ରଗ୍ ସସେପ୍ଟିବିଲିଟି ଟେଷ୍ଟିଂ (ୟୁଡିଏସ୍ଟି) କୁ ସୁଦୃଢ଼ କରିବା, ଡ୍ରଗ୍ ରେଜିଷ୍ଟାଂଟ୍ ଟିବିର ପ୍ରାରମ୍ଭିକ ଚିହ୍ନଟରେ ଉନ୍ନତି ଆଣିବା, ଏବଂ ମଲିକୁଲାର ଡାଇଗ୍ନୋଷ୍ଟିକ୍ସ, ଜିନୋଟାଇପିକ୍ ପରୀକ୍ଷା, ଲକ୍ଷ୍ୟଭେଦୀ ପରବର୍ତୀ ପିଢ଼ିର ଅନୁକ୍ରମଣ (ଟିଏନ୍‌ଜିଏସ), ଡିଜିଟାଲ୍ ସ୍ୱାସ୍ଥ୍ୟ ବ୍ୟବସ୍ଥା, କୃତ୍ରିମ ବୁଦ୍ଧିମତା (ଏଆଇ) ଏବଂ ରିୟଲ୍ ଟାଇମ୍ ମନିଟରିଂରେ ନବସୃଜନର ଉପଯୋଗ, ଭାରତରେ ଟିବି ନିରାରକଣ ଅଭିଯାନକୁ ତ୍ୱରାନ୍ୱିତ କରିବା ନେଇ ବିଶେଷଜ୍ଞମାନେ ମତବ୍ୟକ୍ତ କରିଛନ୍ତି। ଏମ୍ସ ଭୁବନେଶ୍ୱର ଏବଂ ପଲିସି ରେଜିଲିଏନ୍ସ ଫାଉଣ୍ଡେସନ୍ (ପିଆର୍ଏଫ୍) ସହଯୋଗରେ ଏଠାରେ ଆୟୋଜିତ ଦୁଇଦିନିଆ ଜାତୀୟ କନକ୍ଲେଭ୍ ଏବଂ ଯକ୍ଷ୍ମା ଉପରେ ନୀତି ନିର୍ଦ୍ଧାରଣ ଆଲୋଚନାରେ ଅଂଶଗ୍ରହଣ କରି ଯକ୍ଷ୍ମା ବିଶେଷଜ୍ଞମାନେ ଏପରି ମତ ରଖିଛନ୍ତି।

ଆଜିର ଉଦ୍ଘାଟନ ସମ୍ମିଳନୀରେ ଜାତୀୟ ଯକ୍ଷ୍ମା-ମୁକ୍ତ ଭାରତ ମିଶନରେ ଅବଦାନ ରଖିବା ସହିତ ଓଡ଼ିଶାରେ ଯକ୍ଷ୍ମା ନିବାରଣ, ଚିହ୍ନଟ, ଚିକିତ୍ସା ଏବଂ କାର୍ଯ୍ୟକ୍ରମ କାର୍ଯ୍ୟାନ୍ୱୟନକୁ ସୁଦୃଢ଼ କରିବା ପାଇଁ କାର୍ଯ୍ୟକ୍ଷମ ରଣନୀତି ଉପରେ ବିଚାରବିମର୍ଶ କରିବା ପାଇଁ ନୀତି ନିର୍ଦ୍ଧାରକ, ବୈଜ୍ଞାନିକ, ଚିକିତ୍ସକ, କାର୍ଯ୍ୟକ୍ରମ ଅଧିକାରୀ, ଗବେଷକ, ବିକାଶ ଅଂଶୀଦାର ଏବଂ ଜନସ୍ୱାସ୍ଥ୍ୟ ନିଷ୍ପତ୍ତିକାରମାନେ ଏକତ୍ରିତ ହୋଇଥିଲେ। ଏହି ଅବସରରେ ଜାତୀୟ ଚିକିତ୍ସା ବିଜ୍ଞାନ ଏକାଡେମୀ (ନାମ୍ସ)ର ଅଧକ୍ଷ ଏବଂ ଖ୍ୟାତନାମା ପଲ୍ମୋନୋଲୋଜିଷ୍ଟ୍ ଡ. ଦିଗମ୍ବର ବେହେରା, ଯକ୍ଷ୍ମା ଏବଂ ଔଷଧ-ପ୍ରତିରୋଧୀ ଯକ୍ଷ୍ମା ରୋଗର ପ୍ରାରମ୍ଭିକ ଚିହ୍ନଟ ସହିତ ଜଡିତ ଆହ୍ୱାନଗୁଡ଼ିକ ଉପରେ ଆଲୋକପାତ କରିଥିଲେ। ଭାରତରେ ବିଶ୍ୱର ସର୍ବାଧିକ ଯକ୍ଷ୍ମା ରୋଗୀ ବସବାସ କରୁଛନ୍ତି। ମାତ୍ର, ଔଷଧ-ପ୍ରତିରୋଧୀ ଯକ୍ଷ୍ମାକୁ ସଠିକ୍ ଭାବରେ ଚିହ୍ନଟ କରିବା ଏବଂ ସବୁଠାରୁ ପ୍ରଭାବଶାଳୀ ଔଷଧ ବ୍ୟବସ୍ଥା ନିର୍ଣ୍ଣୟ କରିବା ବର୍ତ୍ତମାନ ମଧ୍ୟ ଏକ ଆହ୍ୱାନଭରା ବିଷୟ ହୋଇ ରହିଛି। ଟିବି ରୋଗର ତ୍ୱରିତ ଏବଂ ସଠିକ୍ ଚିହ୍ନଟ ପାଇଁ ବର୍ତ୍ତମାନ ପ୍ରଚଳିତ ପ୍ରଯୁକ୍ତିବିଦ୍ୟା ପ୍ରାୟତଃ ପର୍ଯ୍ୟାପ୍ତ ନୁହେଁ। ଚିକିତ୍ସା ଆରମ୍ଭ କରିବା ପୂର୍ବରୁ ଉନ୍ନତ ରୋଗ ନିର୍ଣ୍ଣୟ ପ୍ରଯୁକ୍ତିର ସଫଳ ପ୍ରୟୋଗ ଚିକିତ୍ସକମାନଙ୍କୁ ଉପଯୁକ୍ତ ଔଷଧ ପ୍ରଦାନ, ଚିକିତ୍ସା ଫଳାଫଳକୁ ଉନ୍ନତ କରିବା ଏବଂ ଯକ୍ଷ୍ମା ନିୟନ୍ତ୍ରଣ ପ୍ରୟାସକୁ ଉଲ୍ଲେଖନୀୟ ଭାବରେ ଦୃଢ଼ କରିବା ପାଇଁ ସକ୍ଷମ ହେବ ବୋଲି ଡ. ବେହେରା ପ୍ରକାଶ କରିଛନ୍ତି। ସମାବେଶକୁ ସମ୍ବୋଧିତ କରି, ଏମ୍ସ ଭୁବନେଶ୍ୱର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଏବଂ ସିଇଓ ଡ. ଆଶୁତୋଷ ବିଶ୍ୱାସ ଯକ୍ଷ୍ମା ନିରାକରଣରେ ସହଯୋଗମୂଳକ ପ୍ରୟାସର ଗୁରୁତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ। ଏମ୍ସ ଭୁବନେଶ୍ୱର ଗବେଷଣା, ନବସୃଜନ, ଦକ୍ଷତା ବିକାଶ, ଏବଂ ନୀତିଗତ ସମର୍ଥନ ମାଧ୍ୟମରେ ଟିବି ନିରାକରଣ




ପ୍ରୟାସକୁ ସମର୍ଥନ କରିଆସୁଛି। ଏହି ସମ୍ମିଳନୀ ତୃଣମୂଳସ୍ତରରେ ଥିବା ଚ୍ୟାଲେଞ୍ଜଗୁଡ଼ିକୁ ଚିହ୍ନଟ କରିବା ଏବଂ ରୋଗ ନିର୍ଣ୍ଣୟ, ଚିକିତ୍ସା ପ୍ରଦାନ ଏବଂ ରୋଗୀ ଫଳାଫଳକୁ ସୁଦୃଢ଼ କରିବା ପାଇଁ ବ୍ୟବହାରିକ ସମାଧାନ ଅନୁସନ୍ଧାନ କରିବାରେ ସାହାଯ୍ୟ କରିବା ନେଇ ଡ. ବିଶ୍ୱାସ ମତବ୍ୟକ୍ତ କରିଛନ୍ତି। ଏହି ସମ୍ମିଳନୀରେ ଓଡ଼ିଶାର ଉପାନ୍ତ ଅଂଚଳ, ଆଦିବାସୀ, ଦୁର୍ବଳ ଏବଂ କଷ୍ଟକର ସମ୍ପ୍ରଦାୟରେ ଯକ୍ଷ୍ମା ନିର୍ଣ୍ଣୟକୁ ପ୍ରଭାବିତ କରୁଥିବା କ୍ଷେତ୍ରସ୍ତରୀୟ ଚ୍ୟାଲେଞ୍ଜଗୁଡ଼ିକୁ ଚିହ୍ନଟ କରିବା ଉପରେ ବିଶେଷ ଆଲୋଚନା ହେବ। ରୋଗୀ ଚିହ୍ନଟ, ନମୁନା ସଂଗ୍ରହ, ପରୀକ୍ଷା, ରିପୋର୍ଟିଂ, ଚିକିତ୍ସା ଆରମ୍ଭ, ଅନୁସରଣ ଏବଂ ଫଳାଫଳ ମନିଟରିଂରେ ଥିବା ତ୍ରୁଟିଗୁଡ଼ିକ ସମ୍ପର୍କରେ ବ୍ୟାପକ ଆଲୋଚନା ହେବ।

ସମ୍ମିଳନୀର ଉଦ୍ଦେଶ୍ୟ ବିଷୟରେ କହି, ପଲିସି ରେଜିଲିଏନ୍ସ ଫାଉଣ୍ଡେସନ୍‌ର ପ୍ରତିଷ୍ଠାତା ଶ୍ରୀ ନନ୍ଦୀଶ ଆର. ପିଠାନୀ କହିଛନ୍ତି ଯେ କାର୍ଯ୍ୟକ୍ରମ କାର୍ଯ୍ୟାନ୍ୱୟନକୁ ସୁଦୃଢ଼ କରିବା ଏବଂ ସ୍ୱାସ୍ଥ୍ୟ ଫଳାଫଳକୁ ଉନ୍ନତ କରିବା ପାଇଁ ଆଲୋଚନା ବିଶେଷ ଭାବରେ ରୋଗ ନିର୍ଣ୍ଣୟ ବିଳମ୍ବ, ନମୁନା ପରିବହନ, ରିପୋର୍ଟିଂ ବ୍ୟବସ୍ଥା, ଚିକିତ୍ସା ଆରମ୍ଭରେ ବିଳମ୍ବ ଏବଂ ରୋଗୀ ଅନୁସରଣ ଚ୍ୟାଲେଞ୍ଜଗୁଡ଼ିକୁ ସମାଧାନ କରିବ। ସମ୍ମିଳନୀ ଯକ୍ଷ୍ମା ନିୟନ୍ତ୍ରଣରେ ଭାରତର ଗୁରୁତ୍ୱପୂର୍ଣ୍ଣ ଅଗ୍ରଗତି ଉପରେ ଆଲୋକପାତ ହେବ। ଉଦ୍ଘାଟନୀ ଅଧିବେଶନରେ ଉପସ୍ଥାପିତ ତଥ୍ୟ ଅନୁଯାୟୀ, ୨୦୧୫ ରୁ ୨୦୨୪ ମଧ୍ୟରେ ବାର୍ଷିକ ଯକ୍ଷ୍ମା ମାମଲା ୨୧ ପ୍ରତିଶତ ହ୍ରାସ ପାଇଛି।

# ପୂର୍ବତନ ଜେଇ, ପୌର ଯନ୍ତ୍ରୀ ଓ ଠିକାଦାର ଗିରଫ

ଭୁବନେଶ୍ୱର,୧୨।୮ (ମହାଭାରତ): ଦୁର୍ନୀତି ଓ ସରକାରୀ ପାଣ୍ଠିର ଅପବ୍ୟବହାର ବିରୋଧରେ ବଡ଼ ପଦକ୍ଷେପ ସ୍ୱରୂପ, ଓଡ଼ିଶା ଭିଜିଲାନ୍ସ ଆଜି ଗଜପତି ଜିଲ୍ଲାର ପାରଳାଖେମୁଣ୍ଡିସ୍ଥିତ ପଟ୍ଟନାୟକ ଟ୍ୟାଙ୍କର ପୁନରୁଦ୍ଧାର ଓ ସଂସ୍କାର ପ୍ରକଳ୍ପରେ ଆର୍ଥିକ ଅନିୟମିତତା ଅଭିଯୋଗରେ ଦୁଇଜଣ ସରକାରୀ ଇଞ୍ଜିନିୟରିଂ ଅଧିକାରୀ ଓ ଜଣେ ବେସରକାରୀ ଠିକାଦାରଙ୍କୁ ଗିରଫ କରିଛି। ଓଡ଼ିଶା ଭିଜିଲାନ୍ସର ବିସ୍ତୃତ ତଦନ୍ତରୁ ଜଣାପଡ଼ିଛି ଯେ, ନକଲି ମେଜରମେଣ୍ଟ ବୁକ୍ ଏଣ୍ଟ୍ରି ଓ ନିମ୍ନମାନର କାର୍ଯ୍ୟ ମାଧ୍ୟମରେ ୫୫,୬୯,୦୩୩ ଟଙ୍କା ସରକାରୀ ପାଣ୍ଠିର ଯୋଜନାବଦ୍ଧ ଅପବ୍ୟବହାର କରାଯାଇଥିଲା। ତଦନ୍ତରୁ ମିଳିଥିବା ପ୍ରମୁଖ ତଥ୍ୟ ମୁତାବକ ପ୍ରକଳ୍ପ ଅବଧି: ୨୦୧୯ ରୁ ୨୦୨୨, ମୋଟ ପ୍ରଦାନ ରାଶି- ବୈଧ ଟିକସ କଟାଯିବା ପରେ ୩ଟି ରନିଂ ଆକାଉଣ୍ଟ (ଆରଏ) ବିଲ୍ ମାଧ୍ୟମରେ ୧,୨୨,୪୦,୭୦୦ ଟଙ୍କା ପ୍ରଦାନ କରାଯାଇଥିଲା। ରେକର୍ଡ ଜାଲିଆତି: ପୂର୍ବତନ କନିଷ୍ଠ ଯନ୍ତ୍ରୀ ଡି. ଯୁଧିଷ୍ଠିର ପ୍ରକୃତରେ ହୋଇନଥିବା କିମ୍ବା ନିମ୍ନମାନର କାର୍ଯ୍ୟ ପାଇଁ ସରକାରୀ ମେଜରମେଣ୍ଟ ବୁକ୍‌ରେ ଜାଣିଶୁଣି ମିଥ୍ୟା ଓ ବଢ଼ାଇ ଦିଆଯାଇଥିବା ମାପ ଲିପିବଦ୍ଧ କରିଥିଲେ। ଯାଞ୍ଚ ମାପ - ପୌର ଯନ୍ତ୍ରୀ ଶ୍ରୀ ସଞ୍ଜୀବ ଚମ୍ପତି ସରକାରୀ ଯାଞ୍ଚ ସମୟରେ ଏହି ମିଥ୍ୟା ମାପକୁ ଜାଣିଶୁଣି ସଠିକ୍ ବୋଲି ପ୍ରମାଣିତ କରିଥିଲେ। ବେଆଇନ ଆର୍ଥିକ ଲାଭ: ଏହି ଜାଲିଆତି ଆଧାରରେ ଠିକାଦାର ଶ୍ରୀ ସୁରେନ୍ଦ୍ର ପାଣିଗ୍ରାହୀଙ୍କୁ ମୋଟ ୧,୨୨,୪୦,୭୦୦ ଟଙ୍କା ପ୍ରଦାନ କରାଯାଇଥିଲା। ସରକାରଙ୍କ କ୍ଷତି: ଓଡ଼ିଶା ଭିଜିଲାନ୍ସ ପକ୍ଷରୁ କରାଯାଇଥିବା ସ୍ୱାଧୀନ ବୈଷୟିକ ମୂଲ୍ୟାଙ୍କନରେ ୫୫,୬୯,୦୩୩ ଟଙ୍କା ମୂଲ୍ୟର କାର୍ଯ୍ୟ ନିମ୍ନମାନର କିମ୍ବା କମ୍ କରାଯାଇଥିବା ଜଣାପଡ଼ିଛି, ଯାହାଫଳରେ ରାଜ୍ୟ ସରକାରଙ୍କ ରାଜକୋଷର ସିଧାସଳଖ କ୍ଷତି ଘଟିଛି। ଏହି ଘଟଣାରେ ବ୍ରହ୍ମପୁର ଭିଜିଲାନ୍ସ ଥାନାରେ ଭିଜିଲାନ୍ସ ପି.ଏସ୍. କେସ୍ ନଂ. ୦୭/୨୦୨୬ ରୁଜୁ କରାଯାଇଛି।

# ୧୯ ଯାଏଁ ସ୍ୱତନ୍ତ୍ର ସଘନ ସଂଶୋଧନ ଆବେଦନ

ଭୁବନେଶ୍ୱର,୧୨।୮ (ମହାଭାରତ): ରାଜ୍ୟରେ ଚାଲିଥିବା ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ-୨୦୨୬ ପ୍ରକ୍ରିୟା ବର୍ତ୍ତମାନ ଚୂଡ଼ାନ୍ତ ପର୍ଯ୍ୟାୟ ଆଡ଼କୁ ଆଗେଇ ଚାଲିଛି। ଏହି ପରିପ୍ରେକ୍ଷୀରେ ଦାବି, ଆପତି ଓ ଶୁଣାଣି ପ୍ରକ୍ରିୟା ଜୋରଦାର ଜାରି ରହିଥିବା ବେଳେ ଆସନ୍ତା ଅଗଷ୍ଟ ୧୯ ତାରିଖ ମଧ୍ୟରେ ଯୋଗ୍ୟ ନାଗରିକମାନେ ଆବେଦନ କରିପାରିବେ।

ଗୁରୁବାର ସୁଦ୍ଧା ମୋଟ ୫୮ ଲକ୍ଷ ୩୬ ହଜାର ୪୩୦ ଜଣ ଭୋଟରଙ୍କ ନାମରେ ନୋଟିସ ଜାରି କରାଯାଇଛି। ସେଥିମଧ୍ୟରୁ ୫୭ ଲକ୍ଷ ୭୭ହଜାର ୫୬୫ଜଣ ଭୋଟରଙ୍କୁ ସଫଳତାର ସହ ନୋଟିସ ପ୍ରଦାନ କରାଯାଇସାରିଛି। ଅନ୍ୟପଟେ ନୋଟିସ ପାଇଥିବା ଭୋଟରଙ୍କ ମଧ୍ୟରୁ ୩୦ଲକ୍ଷ ୧୧ ହଜାର ୫୮୭ ଜଣଙ୍କର ଶୁଣାଣି କାର୍ଯ୍ୟ ଶେଷ ହୋଇଛି। ଏବେ ସୁଦ୍ଧା ନୋଟିସ ପ୍ରଦାନ କରାଯାଇଥିବା ଭୋଟର ମାନଙ୍କ ଆବଶ୍ୟକୀୟ ତଥ୍ୟ ଅଭାବରୁ ୧୨ ହଜାର ୫୭୨ ଜଣ ଭୋଟରଙ୍କୁ ଚୂଡ଼ାନ୍ତ ତାଲିକାରେ ସାମିଲ ପାଇଁ ଅଯୋଗ୍ୟ ଘୋଷଣା କରାଯାଇଛି।

ସେହିପରି,ନୂତନ ନାମ ପଞ୍ଜିକରଣ ପାଇଁ ଫର୍ମ-୬ ଜରିଆରେ ୧,୮୧,୭୭୦ ଜଣ ଆବେଦନ କରିଛନ୍ତି।ଭୋଟର ତାଲିକାରୁ ଗୋଟିଏ ସ୍ଥାନରେ ନାମ ରଖି ଅନ୍ୟ ସ୍ଥାନରେ ନାମ ହଟାଇବା ପାଇଁ ଫର୍ମ-୭ରେ ୩୭,୨୬୫ଟି ଆବେଦନ ଦାଖଲ ହୋଇଛି। ଭୋଟର ଙ୍କ ନାମ, ଠିକଣା କିମ୍ବା ଅନ୍ୟାନ୍ୟ ସଂଶୋଧନ ଓ ପରିବାରର ସଦସ୍ୟ ଙ୍କ ନାମ ଏକତ୍ର ଗୋଟିଏ ସ୍ଥାନରେ ରଖିବା ପାଇଁ ଫର୍ମ-୮ରେ ୧,୬୩,୪୨୪ ଜଣ ଭୋଟର ଆବେଦନ କରିଛନ୍ତି।

ସେହିପରି,ରାଜ୍ୟରେ କେନ୍ଦ୍ରାପଡ଼ା ଜିଲ୍ଲାର ପାଟକୁରା ନିର୍ବାଚନମଣ୍ଡଳୀ ଓ ଅନୁଗୋଳ ଜିଲ୍ଲାର ଆଠମଲ୍ଲିକ ନିର୍ବାଚନ ମଣ୍ଡଳୀ ଶତପ୍ରତିଶତ ନୋଟିସ ପ୍ରଦାନ କରି ତାହାର ଶତପ୍ରତିଶତ ଶୁଣାଣି ଶେଷକରି ସର୍ବାଗ୍ରେ ରହିଛନ୍ତି।

ସୂଚନାଯୋଗ୍ୟ, ସମସ୍ତ ଯୋଗ୍ୟ ନାଗରିକ ମାନଙ୍କୁ ଅଗଷ୍ଟ ୧୯ ମଧ୍ୟରେ ନିଜର ଦାବି କିମ୍ବା ଆପତି ଆବେଦନ କରିବାକୁ ମୁଖ୍ୟ ନିର୍ବାଚନ ଅଧିକାରୀ ଶ୍ରୀ ଆର ଏସ ଗୋପାଳନ ନିବେଦନ କରିଛନ୍ତି।

# ଖୁବ୍ ଶୀଘ୍ର ସମସ୍ତ ଡପଲର୍ ରାଡାର୍ କାର୍ଯ୍ୟକ୍ଷମ ହେବ

ଭୁବନେଶ୍ୱର,୧୨।୮ (ମହାଭାରତ): ଲୋକସେବା ଭବନଠାରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ମନ୍ତ୍ରୀ ଶ୍ରୀ ସୁରେଶ ପୂଜାରୀ ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତୃପକ୍ଷଙ୍କର ବରିଷ୍ଠ ଅଧିକାରୀବୃନ୍ଦଙ୍କ ସହିତ ଉଚ୍ଚସ୍ତରୀୟ ବୈଠକ କରିଛନ୍ତ। ସାମ୍ପ୍ରତିକ ବନ୍ୟା ପରିସ୍ଥିତିର ପରିଚାଳନା ସମ୍ପର୍କରେ ବିସ୍ତୃତ ଆଲୋଚନା କରିବା ସହିତ ବିପର୍ଯ୍ୟୟ ପରିଚାଳନା ଭିତିଭୂମି ସୁଦୃଢ଼ କରିବା ନିମନ୍ତେ ଅତ୍ୟାଧୁନିକ ଜ୍ଞାନକୌଶଳ ପ୍ରୟୋଗ ଉପରେ ମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି। ସେହିପରି ବିଭିନ୍ନ ସ୍ଥାନରେ ବହୁମୁଖୀ ଆଶ୍ରୟସ୍ଥଳୀ ନିର୍ମାଣ ତ୍ୱରାନ୍ୱିତ କରିବା ନିମନ୍ତେ ମନ୍ତ୍ରୀ ଶ୍ରୀ ପୂଜାରୀ ଦୃଢ଼ ନିର୍ଦ୍ଦେଶ ଦେଇଛନ୍ତି । ବନ୍ୟା ପରେ ପରେ କ୍ଷୟକ୍ଷତି ଆକଳନ ତ୍ୱରାନ୍ୱିତ ହେବା ସହ ବିଭିନ୍ନ ସ୍ଥାନରୁ କ୍ଷୟକ୍ଷତି ସମ୍ପର୍କିତ ରିପୋର୍ଟ୍ ରାଜ୍ୟସରକାରଙ୍କ ନିକଟକୁ ଆସୁଛି । ରାଜସ୍ୱ ମନ୍ତ୍ରୀଙ୍କ ନିର୍ଦ୍ଦେଶରେ ବନ୍ୟା ଜଳ ଛାଡ଼ିବାର ୭୨ଘଂଟା ମଧ୍ୟରେ କ୍ଷୟକ୍ଷତି ଆକଳନ ଅବ୍ୟାହତ ରହିଛି । ଇତିମଧ୍ୟରେ ପ୍ରଭାବିତ ୨୨ଟି ଜିଲ୍ଲାକୁ ସମୁଦାୟ ୧୧୦ କୋଟିର ଆର୍ଥିକ ସହାୟତା ପ୍ରଦାନ କରାଯାଇଛି । ତନ୍ମଧ୍ୟରେ ବାଲେଶ୍ୱର ଜିଲ୍ଲାକୁ ୨୨.୦୩ କୋଟି,



ଯାଜପୁର ଜିଲ୍ଲାକୁ ୨୦.୨୦ କୋଟି, ଭଦ୍ରକ ଜିଲ୍ଲାକୁ ୨୦.୧୨ କୋଟି, ଜଗତସିଂହପୁର ଜିଲ୍ଲାକୁ ୮.୧୮ କୋଟି, କେନ୍ଦୁଝର ଜିଲ୍ଲାକୁ ୬.୧୧ କୋଟି, ସମ୍ବଲପୁର ଜିଲ୍ଲାକୁ ୫.୫୬ କୋଟି, କେନ୍ଦ୍ରାପଡ଼ା ଜିଲ୍ଲାକୁ ୫.୦୪ କୋଟି, ମୟୁରଭଞ୍ଜ ଜିଲ୍ଲାକୁ ୫.୦୨ କୋଟି ଟଙ୍କାର ସହାୟତା ପ୍ରଦାନ କରାଯାଇଛି ।ମନ୍ତ୍ରୀ କହିଛନ୍ତି ଯେ, ଗତ ବର୍ଷ ଜୁଲାଇ ମାସ ଅପେକ୍ଷା ଚଳିତ ବର୍ଷ ଜୁଲାଇ ମାସରେ ୬୫% ଅଧିକ ବୃଷ୍ଟିପାତ ହୋଇଥିବା ବେଳେ କେତେକ ସ୍ଥାନରେ ୯୭% ପର୍ଯ୍ୟନ୍ତ ଅଧିକ ବୃଷ୍ଟିପାତ ମଧ୍ୟ ହୋଇଛି ।ଏହା ଭିତରେ ବିଭିନ୍ନ ନଦୀର ବନ୍ୟାଜଳ ହ୍ରାସ ପାଇଥିଲା ବେଳେ ଅନେକ ସ୍ଥାନରେ ସମ୍ପୂର୍ଣ୍ଣ ହ୍ରାସ ହୋଇ ନାହିଁ । ବିଭିନ୍ନ ଜିଲ୍ଲାରେ ସାମ୍ପ୍ରତିକ ବନ୍ୟା ଜନିତ ଭିତିଭୂମି କ୍ଷୟକ୍ଷତି ଆକଳନ ଚାଲିଥିବା ବେଳେ ଆସନ୍ତାକାଲି ସନ୍ଧ୍ୟା ୫ଟା ସୁଦ୍ଧା ରିପୋର୍ଟ ପ୍ରଦାନ କରିବାକୁ ଜିଲ୍ଲା ପ୍ରଶାସନକୁ ନିର୍ଦ୍ଦେଶ ଦିଆଯାଇଛି । ଏଥିସହିତ ଆସନ୍ତାକାଲି ସନ୍ଧ୍ୟାରେ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀବୃନ୍ଦଙ୍କ ସହ ପ୍ରଭାବିତ ଅଂଚଳର ଜିଲ୍ଲା ପ୍ରଶାସନ, ବିଡିଓ, ତହସିଲଦାରମାନଙ୍କ ସହ ରାଜସ୍ୱ ମନ୍ତ୍ରୀ ବୈଠକରେ ଆଲୋଚନା କରିବେ । ବନ୍ୟାର ପ୍ରକୋପ ହ୍ରାସ, ବିଭିନ୍ନ ସ୍ଥାନରେ ସୃଷ୍ଟ ଘାଇର ମରାମତି, ନଦୀଶଯ୍ୟା ସଫା ଏବଂ ଗଭୀର କରିବା ଆଦି ସମ୍ପର୍କରେ ଆଲୋଚନା କରାଯିବ । ରାଜ୍ୟସରକାରଙ୍କ ବିଭିନ୍ନ ବିଭାଗର ମନ୍ତ୍ରୀଗଣ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ବରିଷ୍ଠ ଅଧିକାରୀବୃନ୍ଦ ବିଭିନ୍ନ ପ୍ରଭାବିତ ଜିଲ୍ଲାମାନଙ୍କୁ ଗସ୍ତ କରି କ୍ଷେତ୍ରସ୍ତରରେ ବନ୍ୟା ପରିଚାଳନା ଏବଂ କ୍ଷୟକ୍ଷତି ଆକଳନ ସମ୍ପର୍କରେ ତଦାରଖ କରି ରିପୋର୍ଟ ପ୍ରଦାନ କରିଛନ୍ତି। ତଦନୁସାରେ ଆବଶ୍ୟକ କ୍ଷତିପୂରଣ ପ୍ରଦାନ ତ୍ୱରାନିତ କରାଯିବାକୁ ନିଷ୍ପତି ହୋଇଛି । ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ତି ଯେ, ପାଣିପାଗ ଏବଂ ଜଳବାୟୁ ପରିବର୍ତନକୁ ଦୃଷ୍ଟିରେ ରଖି ଅତ୍ୟାଧୁନିକ ଜ୍ଞାନକୌଶଳ ପ୍ରୟୋଗ ମାଧ୍ୟମରେ ବିପର୍ଯ୍ୟୟ ପରିଚାଳନା ଭିତିଭୂମି ସୁଦୃଢ଼ କରିବା ନିମନ୍ତେ ରାଜ୍ୟସରକାର ଉଦ୍ୟମରତ ଅଛନ୍ତି । ବର୍ତ୍ତମାନ ପ୍ରାୟ ୫୭୩ କିମିର ଉପକୂଳ ଅଂଚଳରେ ୧୨୨ଟି ଟାୱାର୍ ଅବସ୍ଥାପିତ ଥିବା ବେଳେ ତାହାର ଆଧୁନିକୀକରଣ ସହ ପ୍ରତ୍ୟେକ ଟାୱାରରେ ୩୬୦ ଡିଗ୍ରୀ କ୍ୟାମେରା ଲଗାଯିବାକୁ ନିଷ୍ପତି ହୋଇଛି ।

# ଓଡ଼ିଶାରେ ବିଶ୍ୱ ସ୍ତନ୍ୟପାନ ସପ୍ତାହ ପାଳିତ

ଭୁବନେଶ୍ୱର,୧୨।୮ (ମହାଭାରତ): ରାଜ୍ୟ ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ଭୁବନେଶ୍ୱରଠାରେ ରାଜ୍ୟସ୍ତରୀୟ 'ବିଶ୍ୱ ସ୍ତନ୍ୟପାନ ସପ୍ତାହ ୨୦୨୬' ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଛୋଟ ଶିଶୁ ଓ ସେମାନଙ୍କ ପିତାମାତା ଅଂଶଗ୍ରହଣ କରିଥିଲେ। ଏହି ସମାରୋହରେ ମହିଳା ଓ ଶିଶୁ ବିକାଶ ବିଭାଗର କମିଶନର-ତଥା-ଶାସନ ସଚିବ ଡ. ମୃଣାଳିନୀ ଦର୍ଶୱାଲ ଅଧକ୍ଷତା କରିଥିବା ବେଳେ ବିଭାଗୀୟ ନିର୍ଦ୍ଦେଶିକା ମନୀଷା ବାନାର୍ଜୀ ସ୍ୱାଗତ ଭାଷଣ ଦେଇଥିଲେ। କାର୍ଯ୍ୟକ୍ରମକୁ ସମ୍ବୋଧିତ କରି ଡ. ଦର୍ଶୱାଲ ସ୍ତନ୍ୟପାନର ଗୁରୁତ୍ୱ ଉପରେ ଆଲୋକପାତ କରିବା ସହ କହିଥିଲେ ଯେ, ମା' କ୍ଷୀର ଶିଶୁ ପାଇଁ ପ୍ରଥମ ଟିକା ଏବଂ ସବୁଠାରୁ ପୌଷ୍ଟିକ ଆହାର। ଜନ୍ମର ଏକ ଘଂଟା ମଧ୍ୟରେ ସ୍ତନ୍ୟପାନ କରାଇବା, ପ୍ରଥମ ୬ ମାସ ପର୍ଯ୍ୟନ୍ତ କେବଳ ସ୍ତନ୍ୟପାନ ଜାରି ରଖିବା ଏବଂ ଶିଶୁର ଶାରୀରିକ, ମାନସିକ ଓ ବୌଦ୍ଧିକ ବିକାଶ ପାଇଁ ୨ ବର୍ଷ ପର୍ଯ୍ୟନ୍ତ ସ୍ତନ୍ୟପାନ ସହ ଅନ୍ୟାନ୍ୟ ପୋଷକ ଆହାର ଦେବା ଆବଶ୍ୟକ। ଶିଶୁର ସୁସ୍ଥ ବୃଦ୍ଧି ଓ ସର୍ବାଙ୍ଗୀନ ବିକାଶରେ ପିତା ଓ ପରିବାରର ଅନ୍ୟ ସଦସ୍ୟମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ସେ ସୂଚାଇଥିଲେ। ଗ୍ଲୋବାଲ ଅଣ-ଲାଭଦାୟକ ପ୍ରଯୁକ୍ତିବିଦ୍ୟା ସଂସ୍ଥା 'ୱାଧୱାନୀ ଫାଉଣ୍ଡେସନ୍'ର ପ୍ରତିନିଧିମାନେ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ଏକ କୃତ୍ରିମ ବୁଦ୍ଧିମତା ଆଧାରିତ ସମାଧାନର ପ୍ରଦର୍ଶନ କରିଥିଲେ। ଏହି ପ୍ରଯୁକ୍ତି ମାଧ୍ୟମରେ



ମୋବାଇଲ୍ ଫୋନ୍ ଭିଡିଓ ଦ୍ୱାରା ଶିଶୁର ଓଜନ, ଉଚ୍ଚତା, ମୁଣ୍ଡର ପରିଧି, ଛାତିର ପରିଧି ଏବଂ ହାତର ଉପରି ଭାଗର ପରିଧି ମାପ କରାଯାଇପାରିବ। କମିଶନର-ତଥା-ସଚିବ ଏହି ପଦକ୍ଷେପକୁ ପ୍ରଶଂସା କରିବା ସହ ଏହାର ସଠିକତା, ବ୍ୟବହାରଯୋଗ୍ୟତା ଓ କାର୍ଯ୍ୟକାରିତାକୁ ଆହୁରି ସୁଦୃଢ଼ କରିବା ପାଇଁ କିଛି ଜରୁରୀ ପରାମର୍ଶ ଦେଇଥିଲେ। ଉଲ୍ଲେଖଯୋଗ୍ୟ ଯେ, ଏହି ଏଆଇ-ଆଧାରିତ ଶିଶୁ ବିକାଶ ନିରୀକ୍ଷଣ ପ୍ରଣାଳୀର ପାଇଲଟ୍ ପ୍ରକଳ୍ପ ପାଇଁ ମନୋନୀତ ରାଜ୍ୟଗୁଡ଼ିକ ମଧ୍ୟରେ ଓଡ଼ିଶା ଅନ୍ତର୍ଭୁକ୍ତ। ଏହି ଅବସରରେ ୦ ରୁ ୬ ବର୍ଷ ବୟସର ଶିଶୁଙ୍କ ପିତାମାତାଙ୍କୁ ଫଳ ଏବଂ ଶିଶୁ ଯତ୍ନ କିଟ୍ ସହିତ ପୋଷଣ ବାସ୍କେଟ୍ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ବିଭାଗର ବରିଷ୍ଠ ଅଧିକାରୀ, କର୍ମଚାରୀ ଓ ପରାମର୍ଶଦାତାମାନେ ସ୍ତନ୍ୟପାନକୁ ଉତ୍ସାହିତ କରିବା ଏବଂ ମା' ଓ ଶିଶୁର ପୋଷଣ ସ୍ଥିତିରେ ସୁଧାର ଆଣିବା ପାଇଁ ସେମାନଙ୍କ ସଂକଳ୍ପ ଦୋହରାଇଥିଲେ। ଅଗଷ୍ଟ ୧ ରୁ ୭ ପର୍ଯ୍ୟନ୍ତ ବିଶ୍ୱ ସ୍ତନ୍ୟପାନ ସପ୍ତାହ ପାଳନ କରାଯାଉଛି। ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡ଼ା ଶିଶୁ ସ୍ୱାସ୍ଥ୍ୟର ଭିତିଭୂମି ଭାବେ ସ୍ତନ୍ୟପାନକୁ ପ୍ରୋତ୍ସାହିତ କରିବା ପାଇଁ ରାଜ୍ୟ ସରକାରଙ୍କ ପ୍ରତିବଦ୍ଧତା ପ୍ରକାଶ କରିଛନ୍ତି। ସେ କହିଛନ୍ତି, 'ମା' କ୍ଷୀର ଶିଶୁର ସୁସ୍ଥ ଜୀବନ ପାଇଁ ପ୍ରଥମ ସୁରକ୍ଷା କବଚ। ପ୍ରଥମ ୬ ମାସ ପର୍ଯ୍ୟନ୍ତ କେବଳ ସ୍ତନ୍ୟପାନ ଶିଶୁର ଉତମ ସ୍ୱାସ୍ଥ୍ୟ ଓ ଉଜ୍ଜ୍ୱଳ ଭବିଷ୍ୟତର ଆଧାର ସ୍ଥାପନ କରେ।'

# 'ମୋ ଭାଷା ମୋ ଦାୟିତ୍ୱ' ଆଲୋଚନାଚକ୍ର

ଭୁବନେଶ୍ୱର,୧୨।୮ (ମହାଭାରତ): ସାଂସ୍କୃତିକ ଅନୁଷ୍ଠାନ ବିଶ୍ୱ ଓଡ଼ିଆ ପରିବାର ତରଫରୁ ଆଦିନେତା ସ୍ୱର୍ଗତ ବିଚିତ୍ରାନନ୍ଦ ଦାସଙ୍କ ତିରୋଧାନ ଦିବସ ଆବସରରେ ଓଡ଼ିଆ ସାମ୍ବାଦିକ ଦିବସ ସ୍ଥାନୀୟ ଆଇଆରସି ଭିଲେଜ ସ୍ଥିତ କେନ୍ଦ୍ରୀୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି । ଏହି ପରିପ୍ରେକ୍ଷୀରେ 'ମୋ ଭାଷା ମୋ ଦାୟିତ୍ୱ' ଶୀର୍ଷକ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା । କାର୍ଯ୍ୟକ୍ରମରେ ଅଧକ୍ଷତା କରି ଟ୍ରଷ୍ଟର ମୁଖ୍ୟ ସଜ୍ଜନ ଶର୍ମା ବିଚିତ୍ରାନନ୍ଦଙ୍କର ଓଡିଆ ଭାଷା ଆନ୍ଦୋଳନରେ ବିଚିତ୍ରାନନ୍ଦଙ୍କ କାଳଜୟୀ ଭୂମିକା ଉପରେ ଆଲୋକପାତ କରିଥିଲେ । ବିଶେଷ କରି ଓଡ଼ିଶାର ଆଦ୍ୟ ସମ୍ବାଦପତ୍ର ଉତ୍କଳ ଦୀପିକା ସମ୍ପର୍କରେ ଉଲ୍ଲେଖ କରି ଏହା ଓଡ଼ିଶାର ଭାଷା ସାହିତ୍ୟ ସାଂସ୍କୃତିକ ଚେତନା ଜାଗ୍ରତ କରବାରେ ଏକ ପ୍ରମୁଖ ବାର୍ତା ବାହାକ ହୋଇଥିଲା । ବରିଷ୍ଠ ସାମ୍ବାଦିକ ଶ୍ରୀ ରାମ ଦାସ କହିଲେ ଯେ ଓଡ଼ିଶାରେ ଭାଷାର ସୁରକ୍ଷା ଦିଗରେ ଓଡ଼ିଆ ସାମ୍ବାବାଦିକଙ୍କ ଭୂମିକା ଅତୁଳନୀୟ । ବିଶିଷ୍ଟ ପ୍ରଶାସକ ତଥା ଭାଷାବିତ୍ ଡକ୍ଟର ମନୋରଞ୍ଜନ ପାଣିଗ୍ରାହୀ କହିଛନ୍ତି କି ଓଡ଼ିଶା ଭାଷା ସର୍ବପ୍ରାଚୀନ ଭାଷାମାନଙ୍କ ମଧ୍ୟରେ ଅନ୍ୟତମ । ଆମ ଉତର ପିଢ଼ିଆମର ଭାଷାର ସୁରକ୍ଷା ନିମନ୍ତେ କେମିତି ଯତ୍ନଶୀଳ ହେବେ ସେଥିପାଇଁ ସଙ୍କଳ୍ପ ନେବା ପ୍ରୟୋଜନ ଅଟେ । ଆଦିନେତା ବିଚିତ୍ରାନନ୍ଦଙ୍କ ବଂଶଜ ତଥା ପ୍ରସିଦ୍ଧ ଚଳଚ୍ଚିତ୍ର ତାରକା ଶ୍ରୀତମ ଦାଶ ତାଙ୍କର ବକ୍ତବ୍ୟ ରଖି କହିଲେ ଯେ, 'ଭାଷା ସାହିତ୍ୟର ସ୍ଥାୟିତ୍ୱ ପ୍ରତି ଓଡ଼ିଆର ଦାୟିତ୍ୱ' । ବିଶେଷ କରି ପ୍ରବାସୀ ଓଡ଼ିଆ ଏବଂ ତାଙ୍କର ପରବର୍ତୀ ପିଢ଼ି ଓଡ଼ିଆ ଭାଷା ବ୍ୟବହାର କରିବାରେ ଅଭିମନ୍ତିତ ହେବେ । ସେଥିପ୍ରତି ଆମକୁ ଦୃଷ୍ଟିଦେବାକୁ ପଡ଼ିବ । ଆଲୋକକ ଗଣ ଓଡ଼ିଆ ଭାଷାର ସୁରକ୍ଷା ଓ ସମୃଦ୍ଧି ଓ ବ୍ୟାପକତା ଉପରେ ସୁଚିନ୍ତିତ ମତପ୍ରଦାନ କରିଥିଲେ । ଆଲୋଚନାଚକ୍ରରେ କଳିଙ୍ଗ ଟିଭିର ମୁଖ୍ୟ ସମ୍ପାଦକ ରକ୍ଷକ ନାୟକ, କବି ମନୋରଂଜନ ଷଡ଼ଙ୍ଗୀ, ବିଶିଷ୍ଟ ଶ୍ରମିକ ନେତା କୃଷ୍ଣ ଚନ୍ଦ୍ର ମିଶ୍ର, ପରିବେଷ ବିଜ୍ଞାନୀ ଡ଼କ୍ଟର ହାଡିବନ୍ଧୁ ପାଣିଗ୍ରାହୀ,ବିଶିଷ୍ଟ ସ୍ନାୟୁ ଶଲ୍ୟ ବିଶେଷଜ୍ଞ ଡ଼କ୍ଟର ପ୍ରତାପ ପାଣୀ, ଇଂ ସନ୍ଦୀପ ପ୍ରଧାନ ଶିକ୍ଷାବିତ ଅଂଜନ ଦେବତା, ଲେଖକ ତଥା ସ୍ତମ୍ଭକାର ଡକ୍ଟର ବିକ୍ରମ ଜେନା, ଡ଼କ୍ଟର ମଧୁସୂଦନ ଦାଶ, ବିଶିଷ୍ଟ ନାରୀନେତ୍ରୀ ଜୟଶ୍ରୀ ମହାପାତ୍ର, ଜୟଶ୍ରୀ ମହାପାତ୍ର ଗୋପାଳକୃଷ୍ଣ ମହାପାତ ନିଜ ନିଜର ମତପ୍ରକାଶ କରିଥିଲେ ।

# ନ୍ୟାସ୍‌ନାଲ୍ ଗ୍ରୀନ୍ ୟୁନିଭର୍‌ସିଟି ର୍‌ୟାଙ୍କିଙ୍ଗରେ କିସ୍

ଭୁବନେଶ୍ୱର,୧୨।୮ (ମହାଭାରତ): ଭୁବନେଶ୍ୱର: ନ୍ୟାସ୍‌ନାଲ୍ ଗ୍ରୀନ୍ ୟୁନିଭର୍‌ସିଟି ର୍‌ୟାଙ୍କିଙ୍ଗ୍ ୨୦୨୬ରେ କିସ୍ ବିଶ୍ୱବିଦ୍ୟାଳୟ ସମଗ୍ର ଭାରତରେ ତୃତୀୟ ସ୍ଥାନ ଅଧିକାର କରିଛି। ପରିବେଶ ଅନୁକୂଳ କ୍ୟାମ୍ପସ ଗଠନ ଏବଂ ଛାତ୍ରଛାତ୍ରୀ ଓ ଶିକ୍ଷକମାନଙ୍କ ମଧ୍ୟରେ ପରିବେଶ ସଚେତନତା ବୃଦ୍ଧି କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ କିସ ନ୍ୟାସନାଲ୍ ଗ୍ରୀନ୍ ୟୁନିଭର୍‌ସିଟି ରାଙ୍କିଙ୍ଗ୍ ୨୦୨୬ରେ ପ୍ଲାଟିନମ୍ ରେଟିଂ ସହ ତୃତୀୟ ସ୍ଥାନ ହାସଲ କରିଛି। ଏହି ଉଲ୍ଲେଖନୀୟ ସଫଳତା କିସ୍ ବିଶ୍ୱବିଦ୍ୟାଳୟର ସବୁଜ ପଦକ୍ଷେପ ଓ ସ୍ଥାୟୀ ପରିବେଶ ବିକାଶ ପ୍ରତି ବୃଦ୍ଧି ପାଉଥିବା ପ୍ରତିବଦ୍ଧତାର ସ୍ପଷ୍ଟ ପ୍ରତିଫଳନ।

ଆମେରିକା ଓ ଭାରତରେ ପଞ୍ଜୀକୃତ ବିଶ୍ୱସ୍ତରୀୟ ଗ୍ରୀନିଂ ଏଜୁକେସନ୍ ସଂଗଠନ 'ଗ୍ରୀନ୍ ମେର୍ଣ୍ଟସ' ପକ୍ଷରୁ ପ୍ରସ୍ତୁତ ଓ ପ୍ରକାଶିତ ଏହି ର୍‌ୟାଙ୍କିଙ୍ଗ୍‌ରେ ଭାରତର ବିଭିନ୍ନ ବିଶ୍ୱବିଦ୍ୟାଳୟଗୁଡ଼ିକୁ ସେମାନଙ୍କର ସ୍ଥାୟୀ ବିକାଶ ଓ ପରିବେଶ-ଅନୁକୂଳ କାର୍ଯ୍ୟକ୍ରମ ଆଧାରରେ ମୂଲ୍ୟାୟନ କରାଯାଇଛି। ଏଥିରେ ସବୁଜ ଭିତିଭୂମି, ବର୍ଜ୍ୟବସ୍ତୁ ପରିଚାଳନା, ଶକ୍ତି ସଂରକ୍ଷଣ, ବର୍ଷାଜଳ ସଂରକ୍ଷଣ ଏବଂ ପରିବେଶ ଶିକ୍ଷାକୁ ପାଠ୍ୟକ୍ରମରେ ସାମିଲ କରିବା ଭଳି ବିଭିନ୍ନ ମାନଦଣ୍ଡକୁ ବିଚାରକୁ ନିଆଯାଇଛି।

'ଗ୍ରୀନ୍ ମେର୍ଣ୍ଟସ'କୁ ଜାତିସଂଘର ଆର୍ଥିକ ଓ ସାମାଜିକ ପରିଷଦ ପକ୍ଷରୁ ସ୍ପେଶାଲ୍ କନଶଲଟେଟିଭ୍ ଷ୍ଟାଟସ୍ ପ୍ରଦାନ କରାଯାଇଛି । ଏହା ସହିତ ଏହା ମିଳିତ ଜାତିସଂଘର ଗ୍ରୀନିଂ ଏଜୁକେସନ୍ ପାର୍ଟନରସିପର ସହଭାଗୀ ଏବଂ ଜାତିସଂଘର ଆର୍ଥିକ ଓ ସାମାଜିକ ବ୍ୟାପାର ବିଭାଗ ଅଧୀନରେ ଥିବା ହାଇଅର ଏଜୁକେସନ୍ ସଷ୍ଟେନେବିଲିଟି ଇନିସିଏଟିଭ୍‌ର ମଧ୍ୟ ସଦସ୍ୟ ଅଛି। କିସ୍ ଭାରତର ଅନ୍ୟତମ ଅଗ୍ରଣୀ ସବୁଜ କ୍ୟାମ୍ପସ ବିଶ୍ୱବିଦ୍ୟାଳୟ ଭାବେ ପରିଚିତ। ଜାତିସଂଘର ସ୍ଥାୟୀ ବିକାଶ ଲକ୍ଷ୍ୟ ସହ ସମନ୍ୱୟ ରକ୍ଷା କରି କିସ୍ ଦୀର୍ଘଦିନ ଧରି ବିଭିନ୍ନ ପରିବେଶ-ଅନୁକୂଳ କାର୍ଯ୍ୟକ୍ରମ କାର୍ଯ୍ୟକରି ଆସୁଛି। ଏହି ସ୍ୱୀକୃତି କେବଳ କିସ୍‌ର ଜାତୀୟସ୍ତରରେ ମର୍ଯ୍ୟାଦା ବୃଦ୍ଧି କରିନାହିଁ, ବରଂ ପୂର୍ବ ଭାରତର ଅନ୍ୟାନ୍ୟ ଉଚ୍ଚଶିକ୍ଷାନୁଷ୍ଠାନଗୁଡ଼ିକ ପାଇଁ ମଧ୍ୟ ସବୁଜ ଅଭ୍ୟାସକୁ ଅଧିକ ପ୍ରଭାବଶାଳୀ ଭାବେ ଅନୁସରଣ କରିବାର ଏକ ଉତ୍କୃଷ୍ଟ ଦୃଷ୍ଟାନ୍ତ ସୃଷ୍ଟି କରିଛି। ଜାତୀୟ ଗ୍ରୀନ୍ ୟୁନିଭର୍‌ସିଟି ର୍‌ୟାଙ୍କିଙ୍ଗ୍ ଭାରତର ଜାତୀୟ ଶିକ୍ଷାନୀତି ୨୦୨୦, ଜାତିସଂଘର ସ୍ଥାୟୀ ବିକାଶ ଲକ୍ଷ୍ୟ ଏବଂ ୟୁନେସ୍କୋର ଗ୍ରୀନିଂ ହାଇଅର ଏଜୁକେସନ୍ ଫ୍ରେମ୍‌ୱର୍କ ସହ ସମନ୍ୱିତ।

# ଆଇଟିଇଆରରେ ଏନ୍‌ସିସି ସମ୍ମିଳିତ ବାର୍ଷିକ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

ଭୁବନେଶ୍ୱର,୧୨।୮ (ମହାଭାରତ): ଶିକ୍ଷା ଓ ଅନୁସନ୍ଧାନ (ସୋଆ) ବିଶ୍ୱବିଦ୍ୟାଳୟ ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନିକାଲ୍ ଏଜୁକେସନ୍ ଆଣ୍ଡ ରିସର୍ଚ୍ଚ (ଆଇଟିଇଆର)ରେ ଆୟୋଜିତ ଏନ୍‌ସିସିର ୧୦ ଦିନିଆ ସମ୍ମିଳିତ ବାର୍ଷିକ ପ୍ରଶିକ୍ଷଣ ଶିବିର (କମ୍ବାଇନ୍ଡ ଆନୁଆଲ୍ ଟ୍ରେନିଂ କ୍ୟାଂପ-କ୍ୟାଟ୍‌କ) ଶନିବାର ଉଦ୍‌ଯାପିତ ହୋଇଯାଇଛି। ଏହି ଶିବିରରେ ପ୍ରାୟ ୫୦୦ ଜଣ ସିନିୟର ଓ ଜୁନିୟର ଏନ୍‌ସିସି କ୍ୟାଡେଟ ଅଂଶଗ୍ରହଣ କରିଥିଲେ। ଏହି ଶିବିରକୁ ୪ (ଓଡ଼ିଶା) କମ୍ପ୍ୟୁଟର ଟେକ୍ନିକାଲ୍ କଂପାନୀ, କଟକ ପକ୍ଷରୁ ଆୟୋଜନ କରାଯାଇଥିଲା।



ଶିବିରରେ ଗାର୍ଡ ଓ ପାଇଲଟ୍ ଚୟନ, କଠୋର ଡ୍ରିଲ୍ ପ୍ରଶିକ୍ଷଣ, ଶ୍ରେଷ୍ଠ କ୍ୟାଡେଟ ଓ ଶ୍ରେଷ୍ଠ ଡ୍ରିଲ୍ ପ୍ରତିଯୋଗିତା, କ୍ରୀଡ଼ା ପ୍ରତିଯୋଗିତା, ବିପର୍ଯ୍ୟୟ ପରିଚାଳନା ସଚେତନତା, ସାଂସ୍କୃତିକ କାର୍ଯ୍ୟକ୍ରମ ଏବଂ ନେତୃତ୍ୱ ବିକାଶ ସଂପର୍କିତ ବିଭିନ୍ନ ଅଧିବେଶନ ସହ ସାମରିକ ପ୍ରଶିକ୍ଷଣର ଏକ ବ୍ୟାପକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଶିବିରର କମାଣ୍ଡାଂଟ ଭାବେ ଲେଫ୍‌ଟନାଂଟ କର୍ଣ୍ଣେଲ ଆର୍. କେ. ଯୋଶୀ ଏବଂ ଉପ-କମାଣ୍ଡାଂଟ ଭାବେ ମେଜର ଆଶୁତୋଷ ତ୍ରିପାଠୀ ଦାୟିତ୍ୱ ତୁଲାଇଥିଲେ। ଆଇଟିଇଆର, ସି. ଭି. ରମଣ ଗ୍ଲୋବାଲ ୟୁନିଭର୍ସିଟି ଏବଂ ଆର୍ଯ୍ୟନ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଞ୍ଜିନିୟରିଂ ଆଣ୍ଡ ଟେକ୍ନୋଲୋଜିର କ୍ୟାଡେଟମାନେ ଏହି ଶିବିରରେ ଯୋଗ ଦେଇଥିଲେ। ଯୁବ କ୍ୟାଡେଟମାନଙ୍କୁ ଭବିଷ୍ୟତର ଟେକ୍ନୋପ୍ରେନ୍ୟୁଅର୍ସ, କୃଷି ଉଦ୍ୟୋଗୀ, ବୈଜ୍ଞାନିକ, ଟେକ୍ନୋକ୍ରାଟ୍‌ସ, ପ୍ରାଣୀ ଚିକିତ୍ସକ ଓ ଗବେଷକ ଭାବେ ଗଢ଼ି ତୋଳିବା ଏବଂ ସେମାନଙ୍କୁ ପ୍ରେରିତ ଓ ସଶକ୍ତ କରିବା ଏହି ଶିବିରର ମୂଳ ଉଦ୍ଦେଶ୍ୟ ଥିଲା। ଶିବିର ପରିଚାଳନାରେ ୯ ଜଣ ଆସୋସିଏଟ ଏନ୍‌ସିସି ଅଫିସର ଓ ୮ ଜଣ ସ୍ଥାୟୀ ପ୍ରଶିକ୍ଷକ ସକ୍ରିୟ ସହଯୋଗ କରିଥିଲେ। ଶିବିରର ଅନ୍ୟତମ ପ୍ରମୁଖ ଆକର୍ଷଣ ଥିଲା 'ଇଗ୍ନାଇଟିଂ ମାଇଣ୍ଡ' ଶୀର୍ଷକ ଟେକ୍ ଫେଷ୍ଟ। ଏଥିରେ ସିନିୟର ଡିଭିଜନ କ୍ୟାଡେଟମାନେ ପ୍ରତିରକ୍ଷା ପ୍ରଯୁକ୍ତିବିଦ୍ୟା, ରୋବୋଟିକ୍ସ, ଅଟୋମେସନ୍, ନବୀକରଣ ଯୋଗ୍ୟ ଶକ୍ତି ଏବଂ ବିଭିନ୍ନ ଇଞ୍ଜିନିୟରିଂ ପ୍ରୟୋଗ ସମ୍ବନ୍ଧୀୟ ୨୦ରୁ ଅଧିକ କାର୍ଯ୍ୟକ୍ଷମ ପ୍ରକଳ୍ପ ପ୍ରଦର୍ଶନ କରି ସେମାନଙ୍କର ବୈଜ୍ଞାନିକ ମନୋଭାବ ଓ ବୈଷୟିକ ଦକ୍ଷତାର ପରିଚୟ ଦେଇଥିଲେ। ଶିବିରର ସଫଳ ଆୟୋଜନ, କ୍ୟାଡେଟମାନଙ୍କ ଉଚ୍ଚସ୍ତରୀୟ ଶୃଙ୍ଖଳା, ପ୍ରଶିକ୍ଷଣର ମାନ ଓ ଅଭିନବ ପ୍ରଦର୍ଶନକୁ ଏନ୍‌ସିସି ଗ୍ରୁପ୍ ମୁଖ୍ୟାଳୟ, କଟକର ଗ୍ରୁପ୍ କମାଣ୍ଡର କର୍ଣ୍ଣେଲ ଏସ୍. ଜି. ସୁଧାଂଶୁ ଶେଖର ଉଚ୍ଚ ପ୍ରଶଂସା କରିଥିଲେ। ସେ ଶିବିରର କର୍ମଚାରୀ, ଆସୋସିଏଟ ଏନ୍‌ସିସି ଅଫିସର, ସ୍ଥାୟୀ ପ୍ରଶିକ୍ଷକ ଏବଂ ସମସ୍ତ କ୍ୟାଡେଟଙ୍କ ନିଷ୍ଠା ଓ ଉତ୍ସର୍ଗୀକୃତ ସେବାକୁ ଭୂୟସୀ ପ୍ରଶଂସା କରିଥିଲେ।

# ଭାରତରେ ମାଗଣା ବଣ୍ଟନ

ଯେ ପର୍ଯ୍ୟନ୍ତ ଭାରତରେ କର୍ମ ସଂସ୍କୃତି ବିକଶିତ ନହୋଇଛି, ଯୋଗ୍ୟତାକୁ ସ୍ୱୀକୃତି ନମିଳିଛି ସେ ପର୍ଯ୍ୟନ୍ତ ଏହା ବିକଶିତ ରାଷ୍ଟ୍ରରେ ପରିଣତ ହୋଇପାରିବ ନାହିଁ। ଭାରତରେ ଗତ କିଛି ବର୍ଷ ହେବ ମାଗଣା ବଣ୍ଟନ ଯୋର ଧରିଛି। ଭାରତ ଏକ ଜନକଲ୍ୟାଣକାରୀ ଦେଶ। ଏଠାରେ ସରକାର ଲାଭ କ୍ଷତିର ହିସାବ ନରଖି କେବଳ ଲୋକକଲ୍ୟାଣକୁ ଗୁରୁତ୍ୱ ଦିଅନ୍ତି। ସେଥିପାଇଁ ଲୋକେ ଟିକସ ଦିଅନ୍ତି। ଏହା ସ୍ୱାଗତ ଯୋଗ୍ୟ। କିନ୍ତୁ ଜନକଲ୍ୟାଣ ଅର୍ଥ ନୁହେଁ ଯେ, ଲୋକଙ୍କୁ ମାଗଣା ସେବା ଏବଂ ସାମଗ୍ରୀ ଯୋଗାଇ ଦିଆଯିବ। କିନ୍ତୁ ରାଜନୈତିକ ଦଳମାନେ ଭୋଟ ବ୍ୟାଙ୍କ ପାଇଁ ଏଭଳି କରୁଛନ୍ତି। ଆମ ଲୋକଙ୍କ ମାନସିକତା ବି ତଦ୍ରୁପ। ସେମାନେ ଚାହାଁନ୍ତି ତତ୍କାଳ ଲାଭ। ଯିଏ ସେମାନଙ୍କୁ ନିର୍ବାଚନ ବେଳେ ଟଙ୍କା, ଚାଉଳ, ଭୋଜିଭାତରେ ଆପ୍ୟାୟିତ କଲା, ତାଙ୍କୁ ଲୋକେ ଭୋଟ ଦେଲେ। ଲୋକଙ୍କ ଏଭଳି ମାନସିକତାକୁ ଦେଖି ରାଜନୈତିକ ଦଳମାନେ ବିଭିନ୍ନ ସମୟରେ ଲୋକଙ୍କୁ ବିଭିନ୍ନ ପ୍ରକାର ପ୍ରଲୋଭନ ଦେଇ ଭୋଟ କିଣିବାରେ ଅଭ୍ୟସ୍ତ ହୋଇଗଲେଣି। ଏକ ଜନକଲ୍ୟାଣକାରୀ ରାଷ୍ଟ୍ରରେ ଲୋକଙ୍କୁ ମାଗଣା ଶିକ୍ଷା ଏବଂ ସ୍ୱାସ୍ଥ୍ୟସେବା ଦେବାର ଦାୟିତ୍ୱ ସରକାରଙ୍କର। ଏହା ସେମାନଙ୍କର ମୌଳିକ ଅଧିକାର। କିନ୍ତୁ ମାଗଣା ଜୋତା, ମାଗଣା ସାଇକେଲ ଲାପଟପ, ସୁନା ଚେନ, ଲୋକଙ୍କ ଆକାଉଣ୍ଟକୁ ସିଧାସଳଖ ଟଙ୍କା ପଠାଯିବ ଜନକଲ୍ୟାଣ ନୁହେଁ, ଏହା ଏକ ପ୍ରକାର ଲାଞ୍ଚ କାରବାର ବୋଲି କୁହାଯାଇପାରିବ। ଏଥିରେ ସବୁ ଦଳ ସମ୍ପୃକ୍ତ। ଯିଏ ଯେତେବେଳେ ଯେଉଁଠି ଶାସନ କ୍ଷମତା ଦଖଲ କଲା, ସେଠାରେ ସେ ଏଭଳି ମାଗଣା ଯୋଜନା କାର୍ଯ୍ୟକାରୀ କଲା। ନିର୍ବାଚନ ପୂର୍ବରୁ ରାଜନୈତିକ ଦଳମାନେ ନିଜ ନିଜ ଭିତରେ ପ୍ରତିଯୋଗିତା କରି ଲୋଭନୀୟ ପ୍ରତିଶ୍ରୁତି ଦେଉଛନ୍ତି। ଭୋଟରମାନେ ନିର୍ବାଚନ ଇସ୍ତାହାରକୁ ଦେଖି ଖୋଜୁଛନ୍ତି କେଉଁ ଦଳ କ'ଣ ଦେବେ। ଏହାକୁ ଆଧାର କରି ସାଧାରଣ ଲୋକେ ଭୋଟ ଦେଉଛନ୍ତି। ଲୋକେ ଭୋଟ ଦେବା ବେଳେ ବ୍ୟକ୍ତିଗତ ଲାଭକୁ ଦେଖୁଛନ୍ତି। ଦେଶର ବିକାଶ ଏବଂ ସୁଶାସନକୁ ସେମାନେ ଗୁରୁତ୍ୱ ଦେଉ ନାହାଁନ୍ତି। ଏଥିପାଇଁ ଲୋକଙ୍କୁ ଦୋଷ ଦେଇ ଲାଭ ନାହିଁ। ଆମ ଦେଶର ନେତା, ରାଜନୈତିକ ଦଳମାନେ ଲୋକଙ୍କୁ ଏଭଳି ମାନସିକତା ଗ୍ରହଣ କରିବାକୁ ବାଧ୍ୟ କରିଛନ୍ତି। ସେମାନେ ନିଜ ଫାଇଦା ପାଇଁ ଲୋକଙ୍କୁ ଏପରି ନୀତି ଗ୍ରହଣ କରିବାକୁ ପରିସ୍ଥିତି ସୃଷ୍ଟି କରିଛନ୍ତି। ଦିଲ୍ଲୀରେ ୨୦୦ୟୁନିଟ ପର୍ଯ୍ୟନ୍ତ ମାଗଣା ବିଜୁଳି ଦେଇ ଅରବିନ୍ଦ କେଜରିୱାଲ ନିର୍ବାଚନ ଜିତିଥିଲେ। ଏହାକୁ ଦେଖି ଅନ୍ୟ ଦଳମାନେ ମଧ୍ୟ ଭିନ୍ନ ଭିନ୍ନ ରାଜ୍ୟରେ ଏଭଳି ପ୍ରତିଶ୍ରୁତି ଦେବାକୁ ଚାହିଁଲେ। ଲୋକେ ମଧ୍ୟ କହୁଛନ୍ତି, ଯଦି ଦିଲ୍ଲୀରେ ମାଗଣା ବିଜୁଳି ଦିଆଯାଉଛି, ଓଡ଼ିଶାରେ କାହିଁକି ଏହା ସମ୍ଭବ ନୁହେ? କିନ୍ତୁ ବିଜୁଳି ଉତ୍ପାଦନ ଲାଗି ବିପୁଳ ଅର୍ଥ ବ୍ୟୟ ହେଉଛି। ଏହାକୁ କିଏ ଭରଣା କରିବ? ଶିକ୍ଷା ଏବଂ ସ୍ୱାସ୍ଥ୍ୟ ସେବା ଭଳି ଏହା ଲୋକଙ୍କ ମୌଳିକ ଅଧିକାର ପରିସରଭୁକ୍ତ ନୁହେଁ। ଏହା ଏକ ସେବା ଯାହାର ଗୁଣାତ୍ମକ ମାନ ବଜାୟ ରହିବା ଉଚିତ। ଏଥିପାଇଁ ସର୍ବନିମ୍ନ ଅର୍ଥ ପ୍ରଦାନ ଜରୁରୀ। ସମ୍ପୂର୍ଣ୍ଣ ମାଗଣା ବିଜୁଳି ସବୁଦିନ ସମ୍ଭବ ନୁହେଁ। ସେହିପରି ମହିଳାଙ୍କ ଖାତାକୁ ସମର ବୋନାଞ୍ଜା ନାମରେ ୨ ହଜାର ଟଙ୍କା ଲେଖାଏଁ ପଠାଇବା ଜନକଲ୍ୟାଣ ନୁହେଁ। କୋଭିଡ ସମୟରୁ କେନ୍ଦ୍ର ସରକାର ଦେଶର ୮୦ କୋଟି ଗରିବଙ୍କୁ ପ୍ରତି ମାସରେ ମୁଣ୍ଡପିଛା ୫ କେଜି ରାସନ ଦେଉଛନ୍ତି। କୋଭିଡ ମହାମାରୀ ଚାଲିଯିବା ପରେ ମଧ୍ୟ ଏହା ଜାରି ରହିଛି। ଏହା ହେଉଛି ସମସ୍ୟା। ଥରେ ଲୋକଙ୍କୁ ମାଗଣା ମିଳିଲେ ସେମାନେ ସବୁ ବେଳେ ଏହା ପାଇବାକୁ ଚାହିଁବ। ଏହାକୁ ଯିଏ ପ୍ରତ୍ୟାହାର କରିବ ସେ କ୍ଷମତାଚ୍ୟୁତ ହେବ। କିନ୍ତୁ ମାଗଣା ବଣ୍ଟନ ଦ୍ୱାରା ଦେଶରେ ଏକ ପରଜୀବୀ ଶ୍ରେଣୀ ସୃଷ୍ଟି ହେଉଛନ୍ତି। ନିକଟରେ ସୁପ୍ରିମକୋର୍ଟ ଏ ସମ୍ପର୍କିତ ଏକ ମାମଲାର ଶୁଣାଣୀ ବେଳେ ଏଭଳି ମନ୍ତବ୍ୟ ଦେଇଛନ୍ତି। ମାଗଣା ବଣ୍ଟନ ଦ୍ୱାରା ରାଜକୋଷ ଶୂନ୍ୟ ହୋଇଯାଉଛି। ବିକାଶ ମୂଳକ କାମ ପାଇଁ ଟଙ୍କା ନାହିଁ।

# ସାଧୁ - ସର୍ବ ଭୂତ ହିତେ ରତଃ

॥ ହେମନ୍ତ କୁମାର ପରିଡ଼ା ॥

"

**;ସାଧୁସନ୍ଥମାନେ ଏ ଧରଣୀର ଆଶୀର୍ବାଦ। ଏମାନେ ଚଳନ୍ତି ଈଶ୍ୱର ଭାବେ ଅବିହିତ। ବର୍ଷାଣାଂ ଭାରତ ଶ୍ରେଷ୍ଠ। ବିଶ୍ୱ ବକ୍ଷରେ ଭାତ ଭୂଖଣ୍ଡ ସର୍ବ ଶ୍ରେଷ୍ଠ ବୋଲି ବିହିତ ଅଛି। ପ୍ରାୟ ସମସ୍ତ ଦେବାଦେବୀମାନେ ଏହି ଭୂଖଣ୍ଡରେ ହିଁ ଅବତାର ଗ୍ରହଣ କରିଛନ୍ତି। ଏହା କେବଳ ମାଟି ଗୋଡ଼ିର ଏକ ଭୂଭାଗ ନୁହେଁ, ଏହି ମାଟି ଆମର ମା'। ଏହି ଦେଶର ମାଟି ପାଣି ପବନ ସବୁ ଅତ୍ୟନ୍ତ ପବିତ୍ର। ଏହାର ମାଟି ଆମ ପାଇଁ ଚନ୍ଦନ, ପାଣି ପବିତ୍ର ଗଙ୍ଗାଜଳ, ପବନ ସାକ୍ଷାତ ମଳୟ ହିଲ୍ଲୋଳ।**

ଭଗବାନ ତାଙ୍କ ପରମ ଶାସ୍ତ୍ର ଭାଗବତରେ ଏକ ଘୋଷଣା କରିଛନ୍ତି। 'ଏ ଜୀବ ସାଧୁସଙ୍ଗ ବିନୁ। ଲଭି ନପାରେ ମୋର ତନୁ।' ଏହା ଏକ ସିଦ୍ଧାନ୍ତ, ଏକ ଉଦଘୋଷଣା। ଜୀବନରେ ପରମ ଶାନ୍ତି ଓ ଆନନ୍ଦ ପ୍ରାପ୍ତି ପାଇଁ ଭଗବତ ସାକ୍ଷାତକାର ସଭିଙ୍କର ଶ୍ରେଷ୍ଠ ଅଭିଳାଷ। କିନ୍ତୁ ଏହି ଅଭିଳାଷର ପୂର୍ତ୍ତି ପାଇଁ ସାଧୁସଙ୍ଗ ଏକମାତ୍ର ପଥ ବୋଲି ସ୍ୱୟଂ ଭଗବାନ ନିର୍ଦ୍ଦେଶ କରିଛନ୍ତି। ଭାଗବତ ମହାପୁରାଣରେ ସାଧୁଙ୍କ ମହିମା ଘୋଷଣା କରି କୁହାଯାଇଛି 'ସାଧୁ ଯେ ମଳୟ ପବନ, କାଷ୍ଠକୁ କରଇଁ ଚନ୍ଦନ।' ଯେପରି ମଳୟ ସ୍ପର୍ଶରେ ନିମ୍ବ ଦାରୁ ଚନ୍ଦନରେ ରୂପାନ୍ତର ହୋଇଯାଏ, ସେହିଭଳି ସାଧୁଙ୍କ ସଂସ୍ପର୍ଶରେ ପାଶାଣ୍ଡ ମଧ ପ୍ରସିଦ୍ଧ ସନ୍ଥ ହୋଇଥିବାର ବହୁ ଉଦାହରଣ ଆମ ଶାସ୍ତ୍ର ପୁରାଣ ଓ ଲୋକ କଥାରେ ବର୍ଣ୍ଣିତ ହୋଇଛି।

ଦସ୍ୟୁ ରତ୍ନାକର ଭଳି ଦୂରଚାରୀ ଦେବର୍ଷି ନାରଦଙ୍କ ସଂସ୍ପର୍ଶରେ ଆସି ମହାନ ତପସ୍ୱୀ ହୋଇଗଲେ। ସାଧୁ ହୋଇ ଆଦିକବି ଭାବେ ପ୍ରସିଦ୍ଧି ଲାଭ କଲେ। ଅଙ୍ଗୁଳୀମାଳ ଭଳି ଦୁର୍ଦ୍ଧର୍ଷ ଡାକୁ ଭଗବାନ ବୁଦ୍ଧଙ୍କ ଦର୍ଶନ କରି ମହାତ୍ମା ହୋଇଗଲେ। ଜଗାଇ ମାଧୋଇ ଦୁଇଜଣ ଦୁରାଚାରୀ ଥିଲେ। ପ୍ରେମମୂର୍ତ୍ତି ଶ୍ରୀଚୈତନ୍ୟଙ୍କ ସଂସ୍ପର୍ଶରେ ଆସି ସାଧୁ ବୈଷ୍ଣବ ହୋଇଗଲେ ଜୟ ପ୍ରକାଶ ନାରାୟଣଙ୍କ ପ୍ରଭାବରେ ଚମ୍ବଲ ଉପତ୍ୟକାର ଦସ୍ୟୁମାନେ ତାଙ୍କର କୁପ୍ରବୃତ୍ତି ପରିତ୍ୟାଗ କରି ଭଲ ମଣିଷ ହେବାକୁ ସଙ୍କଳ୍ପ ନେଇଥିଲେ। ଏହିଭଳି ଅନେକ ଉଦାହରଣ ଆମ ସମାଜରେ ଅଛି। ଅଗ୍ନି ସଂସ୍ପର୍ଶରେ ଆସି ଧାତୁ କାଷ୍ଠାଦି ଇତର ପଦାର୍ଥମାନ ଅଗ୍ନିରୂପ ଧାରଣ କରିଥାନ୍ତି। ଚୁମ୍ବକ ପ୍ରଭାବରେ ଲୁହା ଚୁମ୍ବକର ଗୁଣମାନ ଧାରଣ କରିଥାଏ। ଏହା ମହତ ଆଶ୍ରୟ ବା ସାଧୁ ସଙ୍ଗର ପ୍ରଭାବ। ସ୍ପର୍ଶମଣିର ସ୍ପର୍ଶରେ ଲୁହା ସୁନାରେ ପରିଣତ ହୋଇଯାଏ। ସେହିଭଳି ମଣିଷ ମଣିଷ ଇତର ପ୍ରାଣୀମାନେ ମଧ ସାଧୁସଙ୍ଗ ପ୍ରଭାବରେ ପରିବର୍ତ୍ତନ ହେବାର ଅନେକ ଉଦାହରଣ ଅଛି। ସଂସାର ବନ୍ଧନରୁ ପରିତ୍ରାଣ ପାଇଁ ସାଧୁସଙ୍ଗ ପ୍ରସସ୍ତ ପଥ ଅଟେ। ସେଥିପାଇଁ କୁହାଯାଇଛି 'କ୍ଷଣମିହ ସଜ୍ଜନ ସଙ୍ଗତିରେକା, ଭବତି ଭବାର୍ଣ୍ଣବ ତରଣେନୌକା।'

ସାଧୁସନ୍ଥମାନେ ଏ ଧରଣୀର ଆଶୀର୍ବାଦ। ଏମାନେ ଚଳନ୍ତି ଈଶ୍ୱର ଭାବେ ଅବିହିତ। ବର୍ଷାଣାଂ ଭାରତ ଶ୍ରେଷ୍ଠ। ବିଶ୍ୱ ବକ୍ଷରେ ଭାତ ଭୂଖଣ୍ଡ ସର୍ବ ଶ୍ରେଷ୍ଠ ବୋଲି ବିହିତ ଅଛି। ପ୍ରାୟ ସମସ୍ତ ଦେବାଦେବୀମାନେ ଏହି ଭୂଖଣ୍ଡରେ ହିଁ ଅବତାର ଗ୍ରହଣ କରିଛନ୍ତି। ଏହା କେବଳ ମାଟି ଗୋଡ଼ିର ଏକ ଭୂଭାଗ ନୁହେଁ, ଏହି ମାଟି ଆମର ମା'। ଏହି ଦେଶର ମାଟି ପାଣି ପବନ ସବୁ ଅତ୍ୟନ୍ତ ପବିତ୍ର। ଏହାର ମାଟି ଆମ ପାଇଁ ଚନ୍ଦନ, ପାଣି ପବିତ୍ର ଗଙ୍ଗାଜଳ, ପବନ ସାକ୍ଷାତ ମଳୟ ହିଲ୍ଲୋଳ। ଏଠିକାର ସମୁଦ୍ର ମହୋଦଧି। ଏହି ମାର ଧୂଳିକୁ ଆମେ ତିଳକ କରି ମଥାରେ ଧାରଣ କରୁ। ଭାରତମାତା ତୀର୍ଥ ରାଜିରେ ପରିପୂର୍ଣ୍ଣ ବୋଲି ନକହି କୁହାଯାଇପାରେ ଏହି ବିଶାଳ ଭାରତ ଭୂଖଣ୍ଡ ଏକ ତୀର୍ଥକ୍ଷେତ୍ର। ଯେତେବେଳେ ସାରା ବିଶ୍ୱ ଅଜ୍ଞାନ ଅନ୍ଧକାରରେ ଆବୃତ ଥିଲା ସେତେବେଳେ ଭାରତ ବର୍ଷରେ ଜ୍ଞାନଦୀପ ପ୍ରଜ୍ଜ୍ୱଳିତ ଥିଲା। ଭାରତର ଅଧିବାସୀମାନେ ନିତ୍ୟ ଜ୍ଞାନରତ ରହି ଭାରତ ମାତାର ମୁଖଶ୍ରୀକୁ ଉଜ୍ଜ୍ୱଳ କରିବା ସହିତ ବିଶ୍ୱବାସୀଙ୍କୁ ଆପଣ ଜ୍ଞାନାଲୋକରେ ଜ୍ଞାନଦୀପ୍ତ କରିଥିଲେ। ଜୀବନର ପରିପୂର୍ଣ୍ଣତା ପଥେ ଏମାନଙ୍କ ମାର୍ଗ ଦର୍ଶନ ଅବିସ୍ମରଣୀୟ। ସର୍ବ ଭୂତଙ୍କ ହିତରେ ରତିଥିବା ବ୍ୟକ୍ତି ହେଉଛନ୍ତି ସାଧୁ। ସଫଳ ଜୀବନର ସହଜ ନିର୍ଯ୍ୟାସକୁ ଯେଉଁମାନେ ପ୍ରତିପାଦନ କରିଛନ୍ତି। ସମାଜ ତାଙ୍କୁ ସାଧୁ, ଗୁରୁ, ମାର୍ଗଦର୍ଶକ କହି ଶ୍ରଦ୍ଧା ସମ୍ମାନ କରିଛି। ଅନ୍ୟର ପିଡାକୁ ଅନୁଭବ କରୁଥିବା ବ୍ୟକ୍ତି ବୈଷ୍ଣବ ବୋଲି କୁହାଯାଇଛି। ସମାଜ ସେମାନଙ୍କୁ ପୂଜା ଅର୍ଘ୍ୟ ପ୍ରଦାନ କରି ଶ୍ରେଷ୍ଠସ୍ଥାନ ପ୍ରଦାନ କରିଛି। ସେଥିପାଇଁ କୁହାଯାଇଛି ସାଧୁନାଂ ଦର୍ଶନଂ ପୂଣ୍ୟ ତୀର୍ଥ ଭୂତାଃ ହି ସାଧବଃ, କାଳେନ ଫଳତେ ତୀର୍ଥଂ ସଦ୍ୟଃ ସାଧୁ ସମାଗମଃ।' ଅର୍ଥାତ୍ ସାଧୁ ଦର୍ଶନରେ ଅଶେଷ ପୂଣ୍ୟ। ସାଧୁ ସାକ୍ଷାତ ତୀର୍ଥମୟ। ତୀର୍ଥମାନେ ସମୟ କ୍ରମେ ଫଳଦନା କରନ୍ତି। ସାଧୁ ମାନଙ୍କ ଦର୍ଶନ ତତକ୍ଷଣାତ ଫଳଦାୟକ ଅଟେ। ସାଧୁମାନେ ସାକ୍ଷାତ ଈଶ୍ୱରଙ୍କ ସ୍ୱରୂପ ଅଟନ୍ତି। ଭଗବାନ ମଧ ସ୍ୱୟଂ ସବୁବେଳେ ସାଧୁମାନଙ୍କ ପଦ ବନ୍ଦନ କରିଛନ୍ତି। ଆଶୀର୍ବାଦ ନେଇଛନ୍ତି, ଅଭିଶାପକୁ ମଥାପାତି ସହିଛନ୍ତି। କ୍ଷମା ଯାଚନା କରିଛନ୍ତି ପୁନଶ୍ଚ ସେମାନଙ୍କ ପରିତ୍ରାଣ ପାଇଁ ଅବତାର ମଧ ଗ୍ରହଣ କରିଛନ୍ତି। ସନ୍ଥ ତୁଳସୀ ଦାସଙ୍କ ଭାଷାରେ - 'ନିର୍ମଳ ଯେନ ସୋମୋହି ପାବା, ମୋହ କପଟ ଛଳ ଚିଦ୍ରନ ପାବା।' ଯାହାର ହୃଦୟ ନିର୍ମଳ, ମନ ପବିତ୍ର ଏବଂ ମୋହ, କପଟାଚାର, ଛଳନାମୁକ୍ତ ସେହି କେବଳ ପ୍ରଭୁଙ୍କୁ ପାଇ ପାରିବ। ଅଭିଧାନରେ ସାଧୁ ଶବ୍ଦର ଅନେକ ପରିଭାଷା ଉଲ୍ଲେଖ ଅଛି। ସେ ସବୁ ମଧରେ ସୁଶୀଳ, ସତସ୍ୱଭାବ, ସାଦାଶ୍ରୟ, ସଦାଚାର, ଧର୍ମ ନିପୁଣ ଆଦି ପ୍ରଧାନ। ସଦଗୁଣଯୁକ୍ତ ଦୈବୀ ଭାବାପନ୍ନ ଉଦାର ହୃଦୟଶୀଳ ବ୍ୟକ୍ତି ସାଧୁ ସ୍ୱଭାବର। ଶ୍ରୀମଦ୍ ଭଗବତ ଗୀତାରେ ଭଗବାନ ଅତି ସୁନ୍ଦର ଭାବେ ଦୈବୀ ଗୁଣ ସମ୍ପନ୍ନ ସାଧୁ ସ୍ୱଭାବର ବର୍ଣ୍ଣନା କରିଛନ୍ତି। 'ଅଭୟଂ ସତ୍ୱସଂଶୁଦ୍ଧି ଜ୍ଞାନ ଯୋଗ ବ୍ୟବସ୍ଥିତି। ଦାନଂ ଦମଶ୍ଚ ଯଜ୍ଞଶ୍ଚ ସ୍ୱାଧ୍ୟାୟସ୍ତପ ଆର୍ଜବମ୍। ଅହିଂସା ସତ୍ୟମକ୍ରୋଧ ସ୍ତ୍ୟାଗଃ ଶାନ୍ତିରପୈଶୁନମ୍। ଦୟା ଭୂତେଷ୍ୱଲୋ ଲୁପ୍ତଂ ମାର୍ଜବଂ ହୀରଚାପଳମ୍। ତେଜଃ କ୍ଷମା ଧୃତିଃ ଶୌଚମଦ୍ରୋହୋନାତି ମାନିତା। ଭବନ୍ତି ସମ୍ପଦଂ ଦୈବୀମ ଅଭିଜାତସ୍ୟ ଭାରତ।'

ଶ୍ରୀ ଭଗବାନ କହିଲେ ହେ ଅର୍ଜୁନ! ଅଭୟ, ଶୁଦ୍ଧ ଅନ୍ତକରଣ, ଜ୍ଞାନ ନିମନ୍ତେ ଯୋଗରେ ଦୃଢ଼ ସ୍ଥିତି, ସାତ୍ୱିକ ଦାନ, ଇନ୍ଦ୍ରିୟ ସଂଯମ, ଯଜ୍ଞ, ସ୍ୱାଧ୍ୟାୟ, କର୍ତ୍ତବ୍ୟ ପାଳନ ନିମନ୍ତେ କଷ୍ଟ ସହନ, କାୟମନ ବାକ୍ୟରେ ସରଳତା, ଅହିଂସା, ସତ୍ୟ କଥନ, କ୍ରୋଧଶୂନ୍ୟତା, ବିଷୟବାସନା ତ୍ୟାଗ, ରାଗଦ୍ୱେଷ ବିବର୍ଜିତ ଅନ୍ତକରଣ, ଚୁଗୁଲି ନକରିବା, ଦୟାଶୀଳ, ଆସକ୍ତି ରହିତ ଅନ୍ତକରଣ, ଅକରଣ କରଣେ ଲଜ୍ଜ୍ୟା ବୋଧ, ଚପଳତା ରହିତ ସ୍ଥିର ବୁଦ୍ଧି, ତେଜ, କ୍ଷମା, ଧୈର୍ଯ୍ୟ, ଶାରୀରିକ ଶୁଚି, ନିର୍ବୈର ଭାବ ଏବଂ ନମ୍ର ଅମାନିତ୍ୱ ଭାବ ଆଦି ଦୈବୀ ଗୁଣ ଗୁଡ଼ିକ ସାଧୁର ସ୍ୱଭାବ ଅଟେ।

ଭାରତ ବର୍ଷରେ ସାଧୁ ସନ୍ଥ ମାନଙ୍କୁ ସର୍ବାଗ୍ରେ ସମ୍ମାନ ପ୍ରଦର୍ଶନ କରାଯାଇଛି। ଆମେମାନେ ସାଧୁ କହିଲେ ଉପରୋକ୍ତ ସ୍ୱଭାବଯୁକ୍ତ ବ୍ୟକ୍ତିଙ୍କୁ ବୁଝୁ। ବେଶବାସ ପରିଧାନଯୁକ୍ତ ସାଧୁବେଶଧାରୀ ମାନଙ୍କୁ ଆମ ସମାଜ ଅଧିକ ମାନ୍ୟତା ପ୍ରଦାନ କରେ। ସେଥିପାଇଁ ତ ସାଧୁ ବେଶରେ ଅନେକ ଭଣ୍ଡଙ୍କର ଉତ୍ପାତ ସମାଜ ସହିଛି। ସାଧୁବେଶରେ ରାବଣ ମା ସୀତାଙ୍କୁ ହରଣ କରି ନେଇଥିଲେ, କାଳନେମି ସାଧୁବେଶରେ ହନୁମାନଙ୍କୁ ଭଣ୍ଡିବାକୁ ଚେଷ୍ଟା କରିଥିଲା। ଏହିଭଳି ଏକାଧିକ ଦୃଷ୍ଟାନ୍ତ ସମାଜରେ ଅଛି। ସାଧୁ ବେଶ ସାଧୁର ଏକ ଭୂଷଣ। ଏହି ସାଧୁବେଶ ସଠତାର ପରିଚାୟକ ନହୋଇ ଆତ୍ମ ବିଶ୍ୱାସ, ସରଳତାର ପ୍ରତୀକ ହେଉ। ସାଧୁର ଯେଉଁ ମହାନ ପରମ୍ପରା ଅନାଦି କାଳରୁ ପ୍ରତିଷ୍ଠିତ ହୋଇ ଆସିଛି। ସେଥିରେ କଳଙ୍କ ନଲାଗୁ। ଭାରତ ବର୍ଷ ସାଧୁ ସ୍ୱଭାବକୁ ସମ୍ମାନ ଦିଏ। ସେ ପଟଧାରୀ ସନ୍ୟାସୀ ବା ବୈଷ୍ଣବ ହୁଅନ୍ତୁ ଅଥବା ଗୃହସ୍ଥ ହୁଅନ୍ତୁ। ସାଧୁ ସ୍ୱଭାବ ହିଁ ଜଣେ ବାସ୍ତବ ସାଧୁର ପରିଚୟ। ଆମର ସବୁ ମୁନିଋଷି ଗୃହସ୍ଥ ଥିଲେ। ବିଶ୍ୱଗୁରୁ ବ୍ୟାସ ମଧ ଗୃହସ୍ଥ ଥିଲେ। ସାଧୁର ବେଶବାସ ବାହ୍ୟ ଶୁଚି ଅପେକ୍ଷା ଅନ୍ତଶୁଚିକୁ ଅଧିକ ମହତ୍ୱ ପ୍ରଦାନ କରାଯାଇଛି। ସମାଜରେ ନାନା ପ୍ରକାର ବେଶ ଧାରୀ ସାଧୁ ସନ୍ଥ ଦୃଶ୍ୟ ହୁଅନ୍ତି। ଗୈରୀକ କଷାୟ, ଶୁଭ୍ର, ରକ୍ତ, ପିତ, କୃଷ୍ଣ, ଏହିପରି ଅନେକ ବେଶବାସର ସାଧୁସନ୍ଥ ଦୃଷ୍ଟ ହୁଅନ୍ତି। କିଏ ଲଣ୍ଡିତ କିଏ ଜଟାଜୁଟ ବିମଣ୍ଡିତ କିଏ ଚିତାଚଇତନ ଯୁକ୍ତ ତ କିଏ ଭସ୍ମ ବିଲେପିତ ଧୂଳିଧୁଷରିତ, କିଏ କୌପୁନିବନ୍ତ ତ କିଏ ବସ୍ତ୍ର ବିରହିତ ତ୍ୟାଗ ବୈରାଗ୍ୟଯୁକ୍ତ। ନିର୍ମଳ ହୃଦୟ, ସରଳ ଜୀବନ, ଉଚ୍ଚ ଚିନ୍ତନ, ତ୍ୟାଗ ବୈରାଗ୍ୟଯୁକ୍ତ ଜୀବନ ଯାପନ ସାଧୁର ଭୂଷଣ ଅଟେ। କାଚକାଚ ମଣି ମଣି କୟ ବିକ୍ରୟେ ଜଣାଜଣି। ବିଶେଷକରି ସର୍ବଭୂତ ହିତେରତା। ଦୈବୀଗୁଣଯୁକ୍ତ ତ୍ୟାଗୀ ବ୍ୟକ୍ତି ହିଁ ବାସ୍ତବ ସାଧୁ ପଦବାଚ୍ୟ। ସେହିମାନେ ଏ ଧରଣୀର ଆଶୀର୍ବାଦ ତଥା ସମସ୍ତଙ୍କର ପୂଜ୍ୟ ଓ ଆଦର୍ଶ।


ମାଳତୀକୁଞ୍ଜ, ପ୍ଲଟ ନଂ - ୫୨୬/ଡ଼ି,
ସେକ୍ଟର-୧୦, ସିଡିଏ, କଟକ
ଦୂରଭାଷ : ୮୭୬୩୧୦୭୧୨୬


# ହ୍ୟୁମାନ ପାରାଇନଫ୍ଲୁଏଞ୍ଜା ଭାଇରସ

॥ ଗୋପାଳ ମହାପାତ୍ର ॥

ଏବେ ଶୀତଋତୁର ଶେଷ ସମୟ ପହଞ୍ଚିଛି। ପ୍ରତିବର୍ଷ ଋତୁ ପରିବର୍ତ୍ତନକୁ ଦୃଷ୍ଟିରେ ରଖି ସମସ୍ତେ ଏକ ପ୍ରକାର ନିଜ ଅସୁସ୍ଥତାକୁ ଗ୍ରହଣ କରିଥାନ୍ତି କହିଲେ ଅତ୍ୟୁକ୍ତି ହେବନାହିଁ। କାରଣ ପାଣିପାଗ ବଦଳିବା ସମୟରେ ସ୍ୱାଭାବିକ ଭାବେ ଦେହ ଖରାପ ହୁଏ। ତେବେ ବର୍ତ୍ତମାନର ପ୍ରାୟତଃ ଘରେ ଘରେ ଦେଖାଯାଉଥିବା ଜ୍ୱରକୁ ନେଇ ଅନେକଙ୍କ ଭିତରେ ବିଭିନ୍ନ ଆଲୋଚନା ଓ ଭୟ ଦେଖାଦେଉଛି। ପ୍ରତିଦିନ ଅନେକଙ୍କ ଠାରୁ ଏ ନେଇ ଅଭିଯୋଗ ଆମେ ପାଉଛୁ। ଏହା ନିଃସନ୍ଦେହ। ସାରା ଓଡ଼ିଶା ଏବେ ଜ୍ୱରରେ ଥରୁଛି। ଇନଫ୍ଲୁଏଞ୍ଜା (ଏଚ୍‌୩ଏନ୨) ରେସ୍ପିରେଟୋରି ସିନସିଟିଆଲ ଭାଇରସ (ଆରଏସଭି) ଓ ହ୍ୟୁମାନ ପାରାଇନଫ୍ଲୁଏଞ୍ଜା ଭାଇରସ (ଏଚପିଆଇଭି) ରାଜ୍ୟକୁ ଗତ ଏକମାସ ହେବ କବଳିତ କରି ରଖିଛି। ଏହା ସାଙ୍ଗକୁ ସ୍ୱାଇନ ଫ୍ଲୁ ମଧ ଚିନ୍ତା ବଢ଼ାଇଛି। ଘରେ ଘରେ ଲୋକମାନେ ଥଣ୍ଡା, ଜ୍ୱରରେ ଆକ୍ରାନ୍ତ ହୋଇଥିବା ବେଳେ ଅନେକ ଏହାକୁ କୋଭିଡ଼ ଭାବି ଦ୍ୱନ୍ଦ୍ୱରେ ପଡୁଛନ୍ତି। ମାତ୍ର ଏହା କୋଭିଡ଼ ନୁହେଁ ବରଂ ଭାଇରାଲ ଫିଭର। ଏହାସହ ଯେଉଁମାନେ ଏହି ଭୂତାଣୁ ଦ୍ୱାରା ଆକ୍ରାନ୍ତ ହେଉଛନ୍ତି ସେମାନଙ୍କ ଶରୀରରେ ଦୀର୍ଘଦିନ ପର୍ଯ୍ୟନ୍ତ କାଶ ଲାଗି ରହୁଥିବା ଦେଖିବାକୁ ମିଳୁଛି।

ଋତୁ ପରିବର୍ତ୍ତନ ଫଳରେ ସାଧାରଣତଃ ଭୂତାଣୁଜନିତ ସଂକ୍ରମଣ ବଢ଼ିଥାଏ। ବିଶେଷକରି ଗ୍ରୀଷ୍ମ ଓ ଶୀତ ଋତୁରେ ଅଧିକ ସଂଖ୍ୟାରେ ଲୋକମାନେ ଥଣ୍ଡା, ଜ୍ୱରରେ ଆକ୍ରାନ୍ତ ହୋଇଥାନ୍ତି। ତେବେ ଗତ ଦୁଇ ବର୍ଷ ହେବ କୋଭିଡ଼ ମହାମାରୀ ବ୍ୟାପିଥିବାରୁ ଭାଇରାଲ ଫିଭର ଉପରେ ସେତେଟା ଗୁରୁତ୍ୱ ନଥିଲା। କୋଭିଡ଼ ଥମିବା ପରେ ଚଳିତବର୍ଷ ଭାଇରାଲ ଫିଭର ବଢ଼ିବାରେ ଲାଗିଛି। ପରିବାରରେ ଜଣେ ଏଥିରେ ଆକ୍ରାନ୍ତ ହେଲେ ଅନ୍ୟମାନେ ଜ୍ୱରରେ ପଡୁଛନ୍ତି। ବୟସ୍କମାନେ ଧଇଁସଇଁ ହୋଇ ପଡୁଛନ୍ତି। ତଥାପି ଆସନ୍ତା କିଛି ଦିନ ପର୍ଯ୍ୟନ୍ତ ଏଥିରୁ ନିସ୍ତାର ମିଳି ନପାରେ।

ଚଳିତ ବର୍ଷ ଅଧିକ ସଂଖ୍ୟାରେ ରୋଗୀ ଇନଫ୍ଲୁଏଞ୍ଜା-ଏ (ଏଚ୩ଏନ୨)ରେ ଆକ୍ରାନ୍ତ ହେଉଥିବା ନଜରକୁ ଆସୁଛି। ଏହାସହ ଅନ୍ୟ ଭୂତାଣୁରେ ମଧ ଲୋକମାନେ କେତେକାଂଶରେ ଆକ୍ରାନ୍ତ ହେଉଛନ୍ତି। ଲୋକମାନଙ୍କ ଶରୀରରେ ପ୍ରବଳ ଜ୍ୱର ସହିତ ନିଶ୍ୱାସ ପ୍ରଶ୍ୱାସରେ ସମସ୍ୟା ହେଉଛି। ଦୀର୍ଘଦିନ ପର୍ଯ୍ୟନ୍ତ କାଶ ଲାଗି ରହୁଛି। ଏହା କେବଳ ଓଡ଼ିଶାର ସମସ୍ୟା ନୁହେଁ, ସାରା ଦେଶରେ ଏବେ ସମାନ ସ୍ଥିତି ଦେଖିବାକୁ ମିଳୁଛି। ପୂର୍ବରୁ ଏହା ଦେଖିବାକୁ ମିଳୁଥିଲେ ବି ଲୋକମାନେ ନିଜର ପରୀକ୍ଷା କରୁନଥିଲେ। ମାତ୍ର କୋଭିଡ଼ ପରେ ଲୋକମାନେ ଅଧିକ ସଚେତନ ହୋଇଛନ୍ତି, ଯାହାଫଳରେ ଏସବୁ ଭୂତାଣୁ ଚିହ୍ନଟ ହେଉଛି। ଇନଫ୍ଲୁଏଞ୍ଜାରୁ ନିଜକୁ ରକ୍ଷା କରିବାକୁ ହେଲେ ଟିକା ନେବା ଜରୁରୀ। ଛୋଟ ପିଲା ଓ ବୟସ୍କ ବ୍ୟକ୍ତିମାନଙ୍କୁ ଇନଫ୍ଲୁଏଞ୍ଜା ଟିକା ଦିଆଯିବା ଉପରେ ଗୁରୁତ୍ୱ ଦିଆଯିବା ଆବଶ୍ୟକ। ଦେଶରେ ନଭେମ୍ବର ସୁଦ୍ଧା ଇନଫ୍ଲୁଏଞ୍ଜାର ୧୨,୮୮୧ ମାମଲା ଆସିଛି। ଯେଉଁମାନଙ୍କ ଠାରେ ଅକ୍ସିଜେନସ୍ତର ହ୍ରାସ ପାଉଛି ସେମାନେ ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନେବା ଜରୁରୀ।

ଋତୁ ପରିବର୍ତ୍ତନ ସମୟରେ ଏଭଳି ଥଣ୍ଡା, ଜ୍ୱର ଦେଖିବାକୁ ମିଳିଥାଏ। ଔଷଧ ଖାଇଲେ କମି ଯାଉଛି। ମାତ୍ର କୋଭିଡ଼ ସହିତ ଏହାର ସଂପର୍କ ନାହିଁ। ରାଜ୍ୟରେ ଟିକାକରଣ ବେଶ ଭଲ ଥିବାବେଳେ କୋଭିଡ଼ରେ ଆକ୍ରାନ୍ତ ହୋଇଥିବା କାରଣରୁ ଲୋକଙ୍କ ଠାରେ ରୋଗ ପ୍ରତିରୋଧ ଶକ୍ତି ଅଧିକ ରହିଛି। ତେବେ ଟାଣ ଖରା ଆରମ୍ଭ ହେଲେ ଥଣ୍ଡା, ଜ୍ୱର କମିଯିବ। ଆସନ୍ତା ୭/୧୦ ଦିନ ପରେ ଏଥିରୁ ନିସ୍ତାର ମିଳିବ। ଅପରପକ୍ଷରେ ରାଜ୍ୟରେ ଇନଫ୍ଲୁଏଞ୍ଜା ବାଦ ସ୍ୱାଇନ ଫ୍ଲୁ ଆକ୍ରାନ୍ତଙ୍କ ସଂଖ୍ୟା ମଧ ବଢ଼ିବାରେ ଲାଗିଛି। ୨୦୨୨ ଡିସେମ୍ବର ସୁଦ୍ଧା ରାଜ୍ୟରେ ୧୪୨ ଜଣ ଏଥିରେ ଆକ୍ରାନ୍ତ ହୋଇଛନ୍ତି। ମାତ୍ର କେହି ପ୍ରାଣ ହରାଇ ନାହାନ୍ତି। ଋତୁ ପରିବର୍ତ୍ତନ ହେଲେ ଭାଇରାଲ ଫିଭର ବଢ଼ିଥାଏ। ତେଣୁ ଯେଉଁମାନଙ୍କର ଥଣ୍ଡା, ଜ୍ୱର ହେଉଛି ସେମାନେ ପାରାସିଟାମଲ ଖାଆନ୍ତୁ। ଏସବୁ କୋଭିଡ଼ ନୁହେଁ। ରାଜ୍ୟରେ କୋଭିଡ଼ ଆକ୍ରାନ୍ତଙ୍କ ସଂଖ୍ୟା ହାତଗଣତି ରହିଛି। ରାଜ୍ୟରେ ଇନଫ୍ଲୁଏଞ୍ଜାର ପରୀକ୍ଷା ପାଇଁ ସୁବିଧା ରହିଛି। ଏହାସହ ନମୁନା ପରୀକ୍ଷା ସଂଖ୍ୟା ବଢୁଥିବାରୁ ସ୍ୱାଇନ ଫ୍ଲୁ ଆକ୍ରାନ୍ତ ଚିହ୍ନଟ ହେଉଛନ୍ତି। ବର୍ତ୍ତମାନର ଭାଇରାଲ ଫିଭରକୁ ନେଇ ଭୟଭୀତ ହୁଅନ୍ତୁ ନାହିଁ। କାରଣ ପ୍ରାୟ ପ୍ରତି ଘରେ ଏପରି ସମସ୍ୟା ଦେଖାଦେଉଛି। ଯଦିଓ ଦିନକୁ ଦିନ ତାପମାତ୍ରା ବଢୁଛି କିନ୍ତୁ ଥଣ୍ଡାର ମାତ୍ରା ଅଧିକ ରହୁଥିବାରୁ ଏହା ଜ୍ୱର ସମସ୍ୟାକୁ ବଢ଼ାଇ ଦେଉଛି। ଏ କ୍ଷେତ୍ରରେ ତୁରନ୍ତ କୌଣସି ଘରୋଇ ଚିକିତ୍ସା କରିବା ଅପେକ୍ଷା ସରକାରୀ ଡାକ୍ତରଖାନାରେ ସ୍ୱାସ୍ଥ୍ୟସେବାର ସୁଯୋଗ ନିଅନ୍ତୁ। ଥଣ୍ଡାରେ ବାହାରକୁ ବାହାରନ୍ତୁ ନାହିଁ, ବିଶୁଦ୍ଧ ଉଷୁମ ପାଣି ପିଅନ୍ତୁ, ବାହାର ଖାଦ୍ୟ ଓ ବର୍ତ୍ତମାନ ପାଇଁ ଆମିଷ ଖାଦ୍ୟ ନଖାଇବା ଭଲ। ଜ୍ୱର ଅଧିକ ଦିନ ଲାଗିରହୁଥିଲେ ପରୀକ୍ଷା କରାଇ ନିଅନ୍ତୁ। ନିଜର ବ୍ୟବହାର କରୁଥିବା ପୋଷାକ ପତ୍ରକୁ ଗରମ ପାଣିରେ ସଫା କରନ୍ତୁ ଏବଂ ଉପଯୁକ୍ତ ଡାକ୍ତରୀ ପରାମର୍ଶରେ ରହିଲେ ଆପଣଙ୍କ ସ୍ୱାସ୍ଥ୍ୟ ଭଲ ରହିବ।


ବିଭାଗୀୟ ମୁଖ୍ୟ, ଶିଶୁରୋଗ ବିଭାଗ, ଫକୀରମୋହନ ମେଡ଼ିକାଲ କଲେଜ, ବାଲେଶ୍ୱର


# ମହାତ୍ମାଙ୍କ ଶେଷ ଦିନ ଓ ପରମପିତା

॥ ଉମେଶ ଚନ୍ଦ୍ର ପାତ୍ର ॥

ବିନା ମେଘରେ ବଜ୍ରପାତ ଭଳି ମହାତ୍ମାଜୀଙ୍କର ମୃତ୍ୟୁ ସମ୍ବାଦରେ ପରମପିତା ଓ ଯୁଗାବତାର ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ଅତ୍ୟନ୍ତ ଉଦବିଗ୍ନ, ବିଷର୍ଣ୍ଣ ଓ ଭାରାକ୍ରାନ୍ତ ହୋଇପଡ଼ିଲେ। ସ୍ୱତଃବ୍ୟକ୍ତ କଲେ - କି ଯେ କାଣ୍ଡ ଘଟିଲା, ଜାତି, ଧର୍ମ, ବର୍ଣ୍ଣ ଓ ଦଳ ନିର୍ବିଶେଷରେ ସମସ୍ତେ ଅନ୍ତରର ସହିତ ଶ୍ରଦ୍ଧା କରୁଥିବା ଜଣେ ବ୍ୟକ୍ତିଙ୍କୁ ଆଜି ଆଉ ଦେଖିବାକୁ ମିଳିବନାହିଁ। ଭିନ୍ନ ମତାବଲମ୍ବୀ ଲୋକମାନେ ମଧ ମହାତ୍ମାଜୀଙ୍କୁ ଆନ୍ତରିକ ଭାବେ ଶ୍ରଦ୍ଧା କରୁଥିଲେ। ଯେଉଁ କ୍ଷତି ହୋଇଗଲା ତାହାର ଆଉ ତୁଳନା ନାହିଁ, ଅପୂରଣୀୟ। ମହାତ୍ମାଜୀଙ୍କର ଦେଶ ପ୍ରତି ଏତେ ଅବଦାନ - ଆଉ ତାର କଣ ଏହି ପ୍ରତିଦାନ? ଏହା ଅତ୍ୟନ୍ତ ବେଦନା ଦାୟକ। ଦୁଃଖରେ ମ୍ରିୟମାଣ ହୋଇ ଛଳ ଛଳ ନେତ୍ରରେ ଶ୍ରୀ ଶ୍ରୀ ଠାକୁର ସ୍ୱଗତୋକ୍ତି ପ୍ରକାଶ କରି କହିଲେ - ଯେଉଁମାନେ ମହାତ୍ମାଙ୍କୁ ମୃତ୍ୟୁବିଦ୍ଧ କରିଛନ୍ତି, ସେମାନେ ସତ୍ତାନୁରାଗୀ ସମସ୍ତଙ୍କ ହୃଦୟକୁ ବିଦ୍ଧ କରିଛନ୍ତି, ବିଦୀର୍ଣ୍ଣ କରି ଉଠାଇଛନ୍ତି। ହେ ମହାତାପସ, ତୁମର ଆଶୀର୍ବାଦ ଯେପରି ସମସ୍ତଙ୍କର ଅନ୍ତର୍ନିହିତ ଅମଙ୍ଗଳକୁ ଚିରଦିନ ପାଇଁ ଅବଲୁପ୍ତ କରି ତୋଳୁ। ହେ ଦୟାଳ ପରମପିତଃ! ମନୁଷ୍ୟର ଏହି ଆବେଦନକୁ ତୁମେ ମଙ୍ଗଳପୂର୍ଣ୍ଣ କରିତୋଳ। (୧.୨.୧୯୪୮, ଅପରାହ୍ନ ୩ଘ,) ମହାତ୍ମାଜୀ ଯାହା ସତ୍ୟ ବୁଝୁଥିଲେ ତାହା ନିଜ ଜୀବନରେ କଠୋର ଭାବରେ ପାଳନ କରୁଥିଲେ। ସମଗ୍ର ପରିବେଶକୁ ସେହି ପଥରେ ଚଳାଇବା ନିମିତ୍ତ ଚେଷ୍ଟା କରୁଥିଲେ। କାୟମନୋବାକ୍ୟରେ ଏକମୁଖୀ ଚଳନର 'ଳ ସ୍ୱରୂପ ତାଙ୍କର ବ୍ୟକ୍ତିତ୍ୱ ଓ ଇଚ୍ଛାଶକ୍ତି ଏତେ ପ୍ରବଳ ହୋଇଥିଲା ଯେ ସମଗ୍ର ଦେଶକୁ ତାଙ୍କ ପରି ଜାଗ୍ରତ କରି ଉଠାଇଥିଲେ। ମହାତ୍ମାଙ୍କର ଆବେଷ୍ଟନୀ ଶକ୍ତ ହୋଇଥିଲେ ଏହିପରି ଭାବରେ ତାଙ୍କର ଜୀବନ ଯାଇ ନଥାନ୍ତା। ମହାତ୍ମାଜୀ ଯେପରି ଭାବରେ ମୃତ୍ୟୁବରଣ କଲେ, ଆମେ ଏତେ ଲୋକ ତାଙ୍କୁ ଭଲ ପାଉ, ଅଥଚ ପୂର୍ବରୁ ସାବଧାନ ପାଇବା ସତ୍ତ୍ୱେ ମଧ ନିଜ ଦାୟିତ୍ୱରେ ତାଙ୍କୁ ରକ୍ଷା କରିବାର ବ୍ୟବସ୍ଥା କଲୁନାହିଁ, ଏହା ଆମର ଭଲ ପାଇବା ପକ୍ଷେ ଘୋର ଅପମାନ ଓ ଅତ୍ୟନ୍ତ ସନ୍ଦେହଜନକ। ମରନା, ମାରନା, ଯଦିପାର ମୃତ୍ୟୁକୁ ଅବଲୁପ୍ତ କର, ଏହା ହିଁ ପରମପିତା ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କର ଆହ୍ୱାନ।

ଏହି ପ୍ରସଙ୍ଗରେ ଶ୍ରୀ ଶ୍ରୀ ଠାକୁର ମତବ୍ୟକ୍ତ କରିଛନ୍ତି, ଯୀଶୁଖ୍ରୀଷ୍ଟଙ୍କର ଆବେଷ୍ଟନୀ ଥିଲା ଦୁର୍ବଳ, ମୋର ମନେହୁଏ - ଇଚ୍ଛା କରିଥିଲେ ଶିଷ୍ୟ ପିଟର ହିଁ ପ୍ରଭୁଙ୍କର ଜୀବନ ରକ୍ଷା କରି ପାରିଥାନ୍ତା। ଜୁଡ଼ାସ୍ ମାତ୍ର ତିରିଶ ଖଣ୍ଡ ମୁଦ୍ରା ବିନିମୟରେ ପ୍ରଭୁ ଯୀଶୁଙ୍କୁ ଧରାଇ ଦେଇଥିଲା। ପ୍ରଭୁ ଯୀଶୁଙ୍କର ପ୍ରାଣଦାନ ପାଇଁ ତତ୍କାଳୀନ ନିଷ୍ଠୁର ସମାଜ ଓ ରାଷ୍ଟ୍ର ବ୍ୟବସ୍ଥା ଏବଂ ତାଙ୍କର ଶିଷ୍ୟବର୍ଗଙ୍କର ଉଦାସୀନ ଓ ଅଦୂରଦର୍ଶିତା ହିଁ ଦାୟୀ। ତାଙ୍କର ଶିଷ୍ୟବର୍ଗ ଯଦି ଆହୁରି ଅନୁରକ୍ତ, ଶକ୍ତିମାନ ଓ ସୁକୌଶଳୀ ହୋଇଥାନ୍ତେ ତାହାହେଲେ ଏହି ଦାରୁଣ ମୃତ୍ୟୁକୁ ଏଡ଼ାଇ ହୋଇଥାନ୍ତା। କ୍ରୁଶବିଦ୍ଧ ହେବା କଦାପି ଭାଗବତ ବିଧାନ ନୁହେଁ। ମର୍ଯ୍ୟାଦାପୁରୁଷୋତ୍ତମ ଶ୍ରୀରାମଚନ୍ଦ୍ରଙ୍କର ପାର୍ଷଦମାନେ ଅତ୍ୟନ୍ତ ଶକ୍ତିଶାଳୀ ଥିଲେ, ପରମବୀର ହନୁମାନ ସଦାସର୍ବଦା ଶ୍ରୀରାମଙ୍କୁ ଜଗି ରହୁଥିଲେ। ମହମ୍ମଦ ରସୁଲଙ୍କର ଆବେଷ୍ଟନୀ ମଧ ଖୁବ୍ ଶକ୍ତ ଥିଲା। ରସୁଲ୍ଙ୍କ ପାଖରେ ଆଲି, ଓମର, ଓସ୍‌ମାନ ଓ ଆବୁବକର୍ ସଦାସର୍ବଦା ଜଗି ରହୁଥିଲେ। ଶ୍ରୀରାମଚନ୍ଦ୍ର ଓ ରସୁଲ୍ ତାଙ୍କର ଶିଷ୍ୟ ବର୍ଗଙ୍କୁ କେତେ ଅନୁରୋଧ କରୁଥିଲେ ଶତ୍ରୁମାନଙ୍କର ପ୍ରତିଶୋଧ ନ ନେବା ପାଇଁ, କିନ୍ତୁ ତାଙ୍କର ଶିଷ୍ୟମାନେ କହୁଥିଲେ, ତୁମର ଜୀବନ ହାନି ଯାହା ଘଟାଏ ତାହା ଆମେ ବରଦାସ୍ତ କରି ପାରିବୁ ନାହିଁ, ସେ ଆଦେଶ ଆମେ ପାଳନ କରିପାରିବୁ ନାହିଁ। ଏହା ହିଁ ହେଉଛି ଭଲ ପାଇବାର ତେଜୋଦୀପ୍ତ ଉଦାହରଣ। ମାନବ ଜାତି ପ୍ରତି ଶ୍ରୀ ଶ୍ରୀ ଠାକୁର ଆହ୍ୱାନ ଦେଲେ - ଧର୍ମ କେବେହେଲେ ବହୁ ହୁଏନା, ଧର୍ମ ଏକ, ଆଉ ତାର କୌଣସି ପ୍ରକାର ନାହିଁ। ମତ ବହୁତ ହୋଇପାରେ, ଏପରିକି ଯେତେ ମଣିଷ ସେତେ ମତ ହୋଇପାରେ, କିନ୍ତୁ ତାହାବୋଲି ଧର୍ମ ବହୁତ ହୋଇପାରେ ନାହିଁ। ହିନ୍ଦୁ ଧର୍ମ, ମୁସଲମାନ ଧର୍ମ, ଖ୍ରୀଷ୍ଟିଆନ ଧର୍ମ, ବୌଦ୍ଧଧର୍ମ ଇତ୍ୟାଦି ମୋ ମତରେ ଭୁଲ, ବରଂ ସେ ଗୁଡ଼ିକ ସବୁ ମତ। କୌଣସି ମତ ସହିତ କୌଣସି ମତର ପ୍ରକୃତପକ୍ଷରେ କୌଣସି ବିରୋଧ ନାହିଁ, ଭାବର ବିଭିନ୍ନତା, ପ୍ରକାର ଭେଦ, ଗୋଟିଏକୁ ନାନା ପ୍ରକାରରେ ଏକ ରୂପେ ଅନୁଭବ। ବହୁ ସମ୍ପ୍ରଦାୟ ଥାଉ କିନ୍ତୁ ସାମ୍ପ୍ରଦାୟିକତାର ବିଲୁପ୍ତି ହେଉ, ଧର୍ମ ରକ୍ଷା ହେଉ କିନ୍ତୁ ଧର୍ମାନ୍ତରୀକରଣ ଲୁପ୍ତ ହେଉ, ସ୍ୱର୍ଗ ବିସର୍ଗ ନହେଉ, ଏକ ସ୍ୱରରେ ସମସ୍ତେ ଗାଇ ଉଠିବା - " "ମା ମ୍ରିୟସ୍ୱ ମା ଯହି ଶକ୍ୟତେ ଚେତ୍ ମୃତ୍ୟୁଂ ଅବଲୋପୟ''।


ସହ-ପ୍ରତିରତ୍ୱିକ ଓ ପ୍ରଫେସର, ହେପାଟୋଲୋଜି ବିଭାଗ,
ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ,
ଦୂରଭାଷ : ୯୪୩୭୦୫୧୯୫୭



# ରାଇଜ କଥା

ଆଖି ଦେଖୁଥା କାନ ଶୁଣୁଥା
ପ୍ରତିଟି ଖବରରେ ଟଳୁଛି ମଥା





## ଭୋଟରଙ୍କ ନିରପେକ୍ଷ ଯାଞ୍ଚ ଦାବି ନେଇ ବିଜେଡ଼ିର ଖବର ଦାତା ସମ୍ମିଳନୀ



ଧାମନଗର, (ମହାଭାରତ) : ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟାକୁ ନେଇ ଧାମନଗର ରାଜନୀତିରେ ଚର୍ଚ୍ଚା ଜୋର ଧରିଛି । ଏହି ପରିପ୍ରେକ୍ଷୀରେ ଫର୍ମ-୭ କୁ ଆୟୁଧ କରି ଯୋଗ୍ୟ ଭୋଟରଙ୍କ ନାମ ତାଲିକାରୁ ବାଦ୍ ଦେବାକୁ ଉଦ୍ୟମ ହେଉଥିବା ଅଭିଯୋଗ ଆଣି ବୁଧବାର ପୂର୍ବାହ୍ନରେ ଦୋବଲ ଜୋନ୍ ବିଜେଡ଼ି ପକ୍ଷରୁ ଖବର ଦାତା ସମ୍ମିଳନୀ ଦୋବଲ ବଜାର ସ୍ଥିତ ହାଟପିଣ୍ଡି କରାଯାଇଛି । ଏହି ଅବସରରେ ବିଜେଡି ବ୍ଲକ ସଭାପତି ପ୍ରତାପ ସାମଲ, ପଞ୍ଚାୟତ ସମିତି ଉପାଧ୍ୟକ୍ଷ ଜଗବନ୍ଧୁ ପ୍ରଧାନ, ମୁସ୍ତାଫାପୁର ପଞ୍ଚାୟତ ସରପଞ୍ଚ ଜିସ୍ନାରା ବିବି, ଧାମନଗର ଏନ୍ଏସି ବିଜେଡି ସଂଖ୍ୟାଲଘୁ ନେତା ମହମ୍ମଦ ଫକୀରୁଦ୍ଦୀନ, ମୁସ୍ତାଫାପୁର ବିଜେଡି ଯୁବ ପ୍ରତିନିଧି ରିୟାଜ୍ ହୁସେନ୍ ଖାନ୍ ଓ ସରପଞ୍ଚ ପ୍ରତିନିଧି ଶେଖ୍ ମୁସ୍ତାକଙ୍କ ସମେତ ବହୁ ଦଳୀୟ ନେତା ଓ ଶତାଧିକ କର୍ମୀ ଉପସ୍ଥିତ ଥିଲେ । ଅଭିଯୋଗ ଅନୁଯାୟୀ ଅନ୍ୟ ପଞ୍ଚାୟତର କିଛି ଭାଜପା ନେତା ଓ ସମର୍ଥକ ଅନ୍‌ଲାଇନ୍ ମାଧ୍ୟମରେ ଫର୍ମ-୭ ଦାଖଲ କରି ଦୋବଲ ଜୋନ୍ ଅଧୀନରେ ଥିବା ଯୋଗ୍ୟ ଭୋଟରଙ୍କ ନାମ ବାଦ୍ ଦେବାକୁ ଉଦ୍ୟମ କରାଯାଉଛି । ଏହା ଏକ ସୁଚିନ୍ତିତ ରାଜନୈତିକ ପଦକ୍ଷେପ ବୋଲି ଦଳ ଅଭିଯୋଗ କରିଛି । ବିଶେଷ ଭାବେ ମୁସ୍ତାଫାପୁର ପଞ୍ଚାୟତର ୧୯୩, ୧୯୪, ୧୯୫ ଓ ୧୯୬ ନମ୍ବର ବୁଥର ଭୋଟର ତାଲିକାର ଭୋଟରଙ୍କ ନାମରେ ହୋଇଥିବା ପରିବର୍ତ୍ତନ, ଫର୍ମ-୭ ମାଧ୍ୟମରେ ଦାଖଲ ହୋଇଥିବା ଆବେଦନ ଓ ତାହାର ଯାଞ୍ଚ ପ୍ରକ୍ରିୟା ସମ୍ପର୍କରେ ତଥ୍ୟ ସଂଗ୍ରହ ହେବ । ଭୋଟର ତାଲିକାରେ ଜଣେ ଯୋଗ୍ୟ ନାଗରିକଙ୍କ ନାମ ଭୁଲ୍ ଭାବେ ବାଦ୍ ପଡ଼ିବା କେବଳ ଏକ ତାଲିକାଗତ ତ୍ରୁଟି ନୁହେଁ, ଏହା ତାଙ୍କର ମତଦାନ ଅଧିକାରକୁ ସିଧାସଳଖ ପ୍ରଭାବିତ କରିପାରେ । ତେଣୁ ଫର୍ମ-୭ ମାଧ୍ୟମରେ ଦାଖଲ ହେଉଥିବା ପ୍ରତ୍ୟେକ ଆବେଦନର ଅଧିକାରୀଙ୍କ ପକ୍ଷରୁ ନିରପେକ୍ଷ ଯାଞ୍ଚ ସହ ଆବଶ୍ୟକସ୍ଥଳେ କ୍ଷେତ୍ରସ୍ତରରେ ତଦନ୍ତ କରାଯାଉ । ଏପରିକି ଆବଶ୍ୟକ ପଡ଼ିଲେ ଘରଘର ବୁଲି ଭୋଟରଙ୍କ ବାସ୍ତବ ଉପସ୍ଥିତି, ବାସସ୍ଥାନ ଓ ଠିକଣା ଯାଞ୍ଚ କରାଯାଉ । ଏହାଦ୍ୱାରା ମୃତ, ସ୍ଥାନାନ୍ତରିତ କିମ୍ବା ଡୁପ୍ଲିକେଟ୍ ଭୋଟରଙ୍କ ନାମ ବାଦ୍ କରିବା ନାମରେ କୌଣସି ଜୀବିତ ଓ ଯୋଗ୍ୟ ଭୋଟରଙ୍କ ନାମ ଭୁଲ୍‌ରେ ବାଦ୍ ହେବ ନାହିଁ । ଭୋଟର ତାଲିକା ପ୍ରସ୍ତୁତି ଓ ସଂଶୋଧନ ପ୍ରକ୍ରିୟାରେ ଇଖଡଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ଥିବାରୁ ସେମାନେ କୌଣସି ରାଜନୈତିକ ଚାପରେ ନଆସି ନିର୍ବାଚନ ଆୟୋଗଙ୍କ ନିୟମ ଅନୁଯାୟୀ କାର୍ଯ୍ୟ କରନ୍ତୁ ବୋଲି ବିଜେଡି କହିଛି । କୌଣସି ଆବେଦନ ମିଥ୍ୟା କିମ୍ବା ଭୁଲ୍ ତଥ୍ୟ ଆଧାରିତ ବୋଲି ପ୍ରମାଣିତ ହେଲେ ସେଥିରେ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ ଆଇନ ଅନୁଯାୟୀ ପଦକ୍ଷେପ ନିଆଯାଉ । ଏଥିସହ ଯୋଗ୍ୟ ଭୋଟରଙ୍କ ନାମ କୌଣସି ପରିସ୍ଥିତିରେ ବାଦ୍ ଦିଆଯିବାକୁ ଦିଆଯିବ ନାହିଁ ବୋଲି ମଧ୍ୟ ବିଜେଡି ଚେତାବନୀ ଦେଇଛି । ଅଭିଯୋଗର ନିରପେକ୍ଷ ତଦନ୍ତ କରାନଗଲେ ଆଗାମୀ ଦିନରେ ବ୍ୟାପକ ଜନଆନ୍ଦୋଳନ କରାଯିବ ବୋଲି ଦଳ ପକ୍ଷରୁ କୁହାଯାଇଛି । ଭୋଟର ତାଲିକା ଭଳି ଏକ ସମ୍ବେଦନଶୀଳ ଗଣତାନ୍ତ୍ରିକ ପ୍ରକ୍ରିୟାକୁ ନେଇ ଉଠିଥିବା ଏହି ଅଭିଯୋଗ ଏବେ ପ୍ରଶାସନ ପାଇଁ ମଧ୍ୟ ଚ୍ୟାଲେଞ୍ଜ ସୃଷ୍ଟି କରିଛି । ଅଭିଯୋଗର ସତ୍ୟତା ଯାଞ୍ଚ କରି ଯୋଗ୍ୟ ଭୋଟରଙ୍କ ଅଧିକାର ସୁରକ୍ଷିତ ରଖିବା ସହ ଭୋଟର ତାଲିକାରେ ଯେକୌଣସି ଅନିୟମିତତା ଥିଲେ ତାହାର ନିରପେକ୍ଷ ତଦନ୍ତ ହିଁ ଏବେ ମୁଖ୍ୟ ଆବଶ୍ୟକତା ରହିଛି ।

## ଉଦୟବଟ ଧାମରେ ତତ୍ତ୍ୱ ଗୁରୁଙ୍କ ଶ୍ରାଦ୍ଧ ବାର୍ଷିକ ପାଳନ



ପାରାଦୀପ, (ମହାଭାରତ) :ପୂର୍ବୋଦୟ ବିକାଶ ଦ୍ୱାର ଦେଶ ଉଦୟବଟ ଧାମରେ ଶ୍ରୀଜଗନ୍ନାଥ ତତ୍ତ୍ୱାଶ୍ରମର ପ୍ରତିଷ୍ଠାତା ଗୁରୁ ଭଗବାନ ଦାସଙ୍କ ୨୬ତମ ଶ୍ରାଦ୍ଧୋତ୍ସବ ଆଶ୍ରମର ଗୁରୁଭାଇ ଓ ଶ୍ରଦ୍ଧାଳୁଙ୍କ ଦ୍ୱାରା ଶ୍ରାବଣ କୃଷ୍ଣ ଚତୁର୍ଦ୍ଦଶୀ ତିଥିରେ ପାରମ୍ପରିକ ରୀତିରେ ମଙ୍ଗଳବାର ଦିନ ପାଳିତ ହୋଇଯାଇଛି । ଗତ ଶତାବ୍ଦୀର ଅଶି ଦଶକରେ ପ୍ରତିଷ୍ଠିତ ଶ୍ରୀଜଗନ୍ନାଥ ତତ୍ତ୍ୱାଶ୍ରମର ଲକ୍ଷ୍ୟ, ଉଦ୍ଦେଶ୍ୟ ତଥା ଯୁଗାନ୍ତ କାଳୀନ ସମୟରେ ଉଦୟବଟ ଧାମର ଭୂମିକା ସମ୍ପର୍କରେ ସଭାପତି ବସନ୍ତ କୁମାର ନାୟକ ବହୁ ତଥ୍ୟ ଉପସ୍ଥାପନ କରିଥିଲେ । ପୁରାଣ ଓ ମାଳିକା ସାହିତ୍ୟରେ ଦର୍ଶାଯାଇଥିବା ଭବିଷ୍ୟତ ବାଣୀ ଅନୁଯାଇ ଏଠାରେ ମହାପ୍ରଭୁଙ୍କ ଦଶମ ଅବତାର 'କଳକି'ଙ୍କର ନାମ,ରୂପ ଆଉ ତତ୍ତ୍ୱର ପ୍ରଚାର ପ୍ରସାର ସହ ମଠ,ମନ୍ଦିର, ଆଶ୍ରମ ପ୍ରତିଷ୍ଠା କରାଯାଇଛି । ଅନ୍ୟ ପକ୍ଷରେ ପାରାଦୀପ ଭଳି ଏକ ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ଶିଳ୍ପ ସମୃଦ୍ଧ ସହରରେ ପ୍ରାକୃତିକ ପରିବେଷ୍ଟିତ ଶାନ୍ତି ସଦଭାବନା ଜାଗରଣର ଏକମାତ୍ର କ୍ଷେତ୍ର ଭାବେ ଉଭାହୋଇ ଅଞ୍ଚଳବାସୀଙ୍କ ଆସ୍ଥା ଓ ବିଶ୍ୱାସର କେନ୍ଦ୍ର ବିନ୍ଦୁ ପାଲଟିଛି । ଏସବୁକୁ ଦୃଷ୍ଟିରେ ରଖି ସଂପ୍ରତି ରାଜ୍ୟ ସରକାର ,ପାରାଦୀପ ପୌରପରିଷଦ ଏହି କ୍ଷେତ୍ରର ବିକାଶ ପ୍ରକ୍ରିୟା କାର୍ଯ୍ୟ ଆରମ୍ଭ ସହିତ ଏକ ବିସ୍ତୃତ ମାଷ୍ଟର ପ୍ଲାନ ପ୍ରସ୍ତୁତ କରିବାକୁ ସ୍ଥିର କରିଛନ୍ତି ଫଳରେ ଏହା ଏକ ପର୍ଯ୍ୟଟନ ସ୍ଥଳୀର ମାନ୍ୟତା ପ୍ରାପ୍ତ ହେବ । ଏହି ପରିପ୍ରେକ୍ଷୀରେ ପୀଠର ସୁରକ୍ଷା,ବିକାଶ ଓ ଐତିହ୍ୟର ସଂରକ୍ଷଣ ପାଇଁ ଅନୁଷ୍ଠାନର ପରାମର୍ଶଦାତା ବୈଷ୍ଣବ ଚରଣ ପଟ୍ଟନାୟକ, ଉପ ସଭାପତି ସଂନ୍ଦିପ୍ତ ଚୌଧୁରୀ, ସମ୍ପାଦକ ଚିନ୍ମୟ ଦାସ ,ସେବକ ଡା. ରାଜେନ୍ଦ୍ର ନାୟକ,ପଦ୍ମନାଭ ରାଉତ,ପୀଠାଧୀଶ ବାବା ଭାବ ସାଗର ଦାସ,ନିକୁଞ୍ଜ ସ୍ୱାଇଁ,ବିଭୁତି ଭୂଷଣ ତରାଇ, ଶ୍ରୀଧର ମଲ୍ଲିକ, ବିଦ୍ୟାଧର ମାଝି ପ୍ରମୁଖ ନିବେଦନ କରିଛନ୍ତି ।

## ସ୍ୱାଧୀନତା ଦିବସ ଉପଲକ୍ଷେ ପ୍ରତିଯୋଗିତା



ପାଟଣା, (ମହାଭାରତ): ସ୍ୱାଧୀନତା ଦିବସ ଉପଲକ୍ଷେ ବୁଧବାର ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ସ୍ୱାମ ପାଟଣା ଓ ଗୋପୀନାଥ ନାରାୟଣ ସରକାରୀ ଉଚ୍ଚ ବିଦ୍ୟାଳୟରେ ଜାତୀୟ ଦିବସ ପାଳନ କମିଟି ପକ୍ଷ ରୁ ବ୍ଲକ ସ୍ତରୀୟ ଉଚ୍ଚ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ସାଧାରଣ ଜ୍ଞାନ, ପ୍ରବନ୍ଧ ଲିଖନ, ବକ୍ତୃତା ଓ ଚିତ୍ରାଙ୍କନ ପ୍ରତିଯୋଗିତାର ବରିଷ୍ଠ, କନିଷ୍ଠ ଓ ଉପ କନିଷ୍ଠ ବର୍ଗରେ ବିଭିନ୍ନ ପ୍ରାଥମିକ, ଉଚ୍ଚ ପ୍ରାଥମିକ, ଉଚ୍ଚ ବିଦ୍ୟାଳୟ, କଲେଜ ରୁ ୩୦୦ ରୁ ଉର୍ଦ୍ଧ ଛାତ୍ର ଛାତ୍ରୀ ଅଂଶ ଗ୍ରହଣ କରିଥିଲେ । ପ୍ରତିଯୋଗୀତା ପୂର୍ବରୁ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପାର୍ଥ ସାରଥି ବେଜ୍ ଙ୍କ ସଭାପତିତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଥିଲା ସଭା ର ମୁଖ୍ୟଅତିଥି ଭାବେ ବଡ଼ପାଟଣା ଗ୍ରାମ ପଞ୍ଚାୟତ ର ସରପଞ୍ଚ ବିନତି ବାନରା, ସମ୍ମାନୀତ ଅତିଥି ଭାବରେ କେନ୍ଦୁଝର ଜିଲ୍ଲା ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକସଂଘର ସମ୍ପାଦକ କମଳାକାନ୍ତ ପତି, ପାଟଣା ବ୍ଲକ୍ ର ସହ ଶିକ୍ଷା ଅଧିକାରୀ ଜଗଦୀଶ ଚନ୍ଦ୍ର ନାଏକ, ଜି ଏନ୍ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ କେଦାରଣି ନାୟକ,ଏନ୍ ସି ସି ଅଫିସର କ୍ୟାପଟେନ ଧର୍ମେନ୍ଦ୍ର କୁମାର ସାହୁ,ପାଟଣା ସାଧନା କେନ୍ଦ୍ର ର ସଂଯୋଜକ ଜ୍ୟୋତିର୍ମୟ ତ୍ରିପାଠୀ,ଜିଲ୍ଲା ପରିଷଦ ଶିକ୍ଷକ ସଂଘ ସଭାପତି ପ୍ରମୋଦ ମହାନ୍ତ ଓ ମୁଖ୍ୟବକ୍ତା ଭାବରେ ବରିଷ୍ଠ ସାମ୍ବାଦିକ ତଥା ଉତ୍ତର ଓଡ଼ିଶା ସାହିତ୍ୟ ସମ୍ମେଳନର ସଭାପତି ନୃସିଂହ ନାଥ ସିଂହ ଓ ବିଭିନ୍ନ ପ୍ରତଯୋଗିତାର ବିଚାରକ ଭାବରେ ଅଧ୍ୟାପିକା ସୁସ୍ମାତା ଶୋଭାଳିନ ମହାପାତ୍ର, ଅଧ୍ୟାପକ ସୁଶାନ୍ତ ମଢେଇ, ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ନଳିନୀକାନ୍ତ ଘଣା, ଶିକ୍ଷକ ଶରତ ଚନ୍ଦ୍ର ସାହୁ,ଶିକ୍ଷକ ରାମେଶ୍ୱର ବାରିକ ପ୍ରତିଯୋଗିତାର ମୂଲ୍ୟାଙ୍କନ କରିଥିଲେ ଦୁଇ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ଓ ଶିକ୍ଷା କର୍ମଚାରୀ ପ୍ରତିଯୋଗୀତା ରେ ସହଯୋଗ କରିଥିଲେ । କୃତୀ ପ୍ରତିଯୋଗୀମାନଙ୍କୁ ସ୍ୱାଧୀନତା ଦିବସ ରେ ପାଟଣା ଷ୍ଟାଡିୟମ୍ ରେ ମାନ୍ୟବର ବିଧାୟକ ଶ୍ରୀଯୁକ୍ତ ଅଖିଳ ଚନ୍ଦ୍ର ନାଏକ ଙ୍କ ଦ୍ୱାରା ପୁରସ୍କୃତ କରାଯିବ ।

## ଇଣ୍ଡିଆନ୍‌ଅଏଲ୍ ପାରଦୀପ ରିଫାଇନରୀରର ଲେଭଲ-୨ ଅନ୍ ସାଇଟ୍ ଡିଜାଷ୍ଟର ଡ୍ରିଲ୍




ପାରାଦୀପ, (ମହାଭାରତ) : ଇଣ୍ଡିଆନ୍ ଅଏଲ୍ ପାରାଦୀପ ରିଫାଇନରୀ ୧୨ ଅଗଷ୍ଟ ୨୦୨୬ ଲେଭଲ-୨ ମକ୍ ଡ୍ରିଲ୍ (ଅନ୍‌ସାଇଟ୍ ଡିଜାଷ୍ଟର ଡ୍ରିଲ୍) ଆୟୋଜନ କରିଥିଲା ଯେଉଁଥିରେ ରିଫାଇନରୀ ତାହାର ଜରୁରୀକାଳୀନ ପ୍ରତିକ୍ରିୟା ଏବଂ ପ୍ରସ୍ତୁତରି ପ୍ରଭାବ ଯାଞ୍ଚ କରିଥିଲା । ପାରାଦୀପ ରିଫାଇନରୀର ଅନୁମୋଦତି ଇମରରଜେନ୍ସୀ ରିସପନସ୍ ଆଣ୍ଡ୍ ଡିଜାଷ୍ଟର୍ଣ୍ଣପ ମ୍ୟାନଜେମେଣ୍ଟ ପ୍ଲାନ ଅନୁଯାଇ ଏହି ଡ୍ରିଲ୍ କାର୍ଯ୍ୟକାରୀ କରାଜାଇଇଥିଲା । ମିୟୁଚୁଆଲ୍ ଏବଂ ସଂସ୍ଥାର ପ୍ରତିନିଧିମାନେ ମଧ୍ୟ ଏହି ଅଭ୍ୟାସରେ ଅଂଶଗ୍ରହଣ କରିଥିରଲ । ଏଥିରର ଜରୁରୀକାଳୀନ ପ୍ରତିକ୍ରିୟା ଏବଂ ବିପର୍ଯ୍ୟୟ ପରିଚାଳନା ଜୋଜନାର ପ୍ରୋଟୋକଲ ଅନୁଯାଇ ନିଆଯାଇଥିବା ପ୍ରତିକ୍ରିୟା ଏବଂ ନିୟନ୍ତ୍ରଣ ପଦରେପ ଗୁଡକ ସଠିକ୍ ଭାବରର ସମନ୍ୱିତ ହୋଇଥିଲା ଏବଂ ଏହାକୁ ସମସ୍ତ କର୍ତ୍ତୃପକ୍ଷ ପ୍ରଶଂସା କରିଥିରଲ । ଏହି ଡ୍ରିଲ୍ ପରର ପାରାଦୀପ ରିଫାଇନରୀର କାର୍ଯ୍ୟକାରୀ ନିର୍ଦ୍ଦେଶକ ତଥା ରିଫାଇନରୀ ର ପ୍ରମୁଖ ଶ୍ରୀ କୌଶିକ ବସୁଙ୍କ ଅଧକ୍ଷତାରେ ଏକ ଆରଲାଚନା ସଭାର ଆୟୋଜନ କରାଜାଇଥିଲା ।

## ତିନିଦିନଧରି କାର୍ଯ୍ୟବନ୍ଦ ଆନ୍ଦୋଳନରେ ଅସ୍ଥାୟୀ ବନକର୍ମଚାରି

ଗଣିଆ, (ମହାଭାରତ): ନୟାଗଡ଼ ମହାନଦୀ ବନ୍ୟପ୍ରାଣୀ ବନଖଣ୍ଡ ଛାମୁଣ୍ଡିଆ ବନାଞ୍ଚଳରେ ଆଜକୁ ତିନି ଦିନ ଧରି ଅସ୍ଥାୟୀ ବନକର୍ମଚାରି ମାନେ ତିନି ମାସର ବକେୟା ଦରମା ପାଇଁ କାଯ୍ୟ ବନ୍ଦ ଆନ୍ଦୋଳନ ଜାରି ରଖିଛନ୍ତି । ଫଳରେ ବନ ଓ ବନ୍ୟଜନ୍ତୁ ଙ୍କୁ ସୁରକ୍ଷା ଦେଉଥିବା ଅସ୍ଥାୟୀ ବନ କର୍ମଚାରୀଙ୍କ କାଯ୍ୟବନ୍ଦ ଆନ୍ଦୋଳନ ଯୋଗୁ ଜଙ୍ଗଲ ମୁକୁଳା ପଡ଼ିଥିବା ଜଣାପଡିଛି । ଅସ୍ଥାୟୀ ବନ କର୍ମଚାରୀ ମାନେ କାଯ୍ୟବନ୍ଦ ଆନ୍ଦୋଳନରେ ସାମିଲ ଥିବା ବେଳେ ହାତ ଗଣତି କେତେକ ସରକାରୀ ବନ କର୍ମଚାରୀ କାଯ୍ୟ କରୁଛନ୍ତି । ଫଳରେ ଜଙ୍ଗଲ ମୁକୁଳା ପଡିବା ସହ ଶିକାରୀ, କେନ୍ଦୁପତ୍ର ମାଫିଆ ଓ ଜଙ୍ଗଲ ମାଫିଆ ମାନେ ସାକ୍ରିୟ ହେବା ସ୍ଥାନୀୟ ଅଧିବାସୀ ମାନେ ଆଶଙ୍କା ପ୍ରକଟ କରିଛନ୍ତି ।

## ପରଜଙ୍ଗ ବ୍ଲକରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର



ପରଜଙ୍ଗ, (ମହାଭାରତ ) : ଢ଼େଙ୍କାନାଳ ଜିଲ୍ଲା ପରଜଙ୍ଗ ବ୍ଲକ ପି ଏମ ଶ୍ରୀ ମହେଶ୍ୱନ୍ଦ୍ର ସୁବାହୁ ସିଂ ବିଦ୍ୟାପୀଠ ରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ପରଜଙ୍ଗ ବ୍ଲକ ପ୍ରଶାସନ ପକ୍ଷରୁ ଆୟୋଜିତ ହୋଇଯାଇଛି । ଏହି ଶିବିର ପରଜଙ୍ଗ ବ୍ଲକ ଗୋଷ୍ଠି ଉନ୍ନୟନ ଅଧିକାରୀ ସୌଭାଗ୍ୟ କୁମାର ବେହେରା ଙ୍କ ନେତୃତ୍ୱରେ ହୋଇଥିଲା କ୍ଷ ମୂଖ୍ୟ ଅତିଥି ଭାବେ ବ୍ଲକ ଅଧକ୍ଷା ଶର୍ମିଷ୍ଠା ଦଳବେହେରା,ସମ୍ମାନିତ ଅତିଥି ଭାବେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ନରେଶ ଚନ୍ଦ୍ର ସ୍ୱାଇଁ,୨ ନଂ ଜୋନ ଜିଲ୍ଲାପରିଷଦ ସଭ୍ୟ ନିରାକାର ପ୍ରଧାନ, ସାନ୍ଧା ସରପଞ୍ଚ ଜୟନ୍ତୀ ଦାସ,କାମାକ୍ଷା ନଗର ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ସୁବାସ ଚନ୍ଦ୍ର ନାୟକ ମଞ୍ଚାସୀନ ହୋଇଥିଲେ । ମଞ୍ଚ ପରିଚାଳନା ପରଜଙ୍ଗ ସାମାଜିକ ସୁରକ୍ଷା ଅଧିକାରୀ ସୁମନ୍ତ କୁମାର ବେହେରା କରିଥିଲେ । ଅତିରିକ୍ତ ଉନ୍ନୟନ ଅଧିକାରୀ ରଣଜିତ୍ ଜେନା ଙ୍କ ସହ ବ୍ଲକ ର ସମସ୍ତ କାର୍ଯ୍ୟରତ କର୍ମଚାରୀ ଓ ମହେଶ୍ୱନ୍ଦ୍ର ସୁବାହୁ ସିଂ ନୋଡାଲ ବିଦ୍ୟାପୀଠ ର ଶିକ୍ଷକ ମାନେ ଉପସ୍ଥିତ ଥିଲେ । ଏଠାରେ ବ୍ଲକ ଉନ୍ନୟନ ଅଧିକାରୀ ସୌଭାଗ୍ୟ କୁମାର ବେହେରା ବସ୍ ଓ ଟ୍ରେନ୍ ପାସ୍ ଏବଂ ସରକାର ଙ୍କ ସମସ୍ତ ଯୋଜନା ର ସାଧାରଣ ଲୋକମାନେ କିପରି ସୁବିଧାରେ ଲାଭ ପାଇପାରିବେ ତାହାର ସବିଶେଷ ତଥ୍ୟ ପ୍ରଦାନ କରିଥିଲେ । ମାନସିକ ଅନଗ୍ରସର,ଦୃଷ୍ଟି ବାଧକ,ଶ୍ରବଣ ବାଧକ,ଅସ୍ଥିଶଲ୍ୟଙ୍କ ସମେତ ଅଭିଜ୍ଞ ଡାକ୍ତରମାନେ ଭିନ୍ନକ୍ଷମ ଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ । ଏହି ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ରେ ସମୁଦାୟ ୧୫୮ ଜଣ ପଞ୍ଜିକରଣ କରିଥିବାବେଳେ ଶାରିରୀକ ଅକ୍ଷମ ୭୯ ଜଣ, ଦୃଷ୍ଟି ବାଧିତ ୧୭ ଜଣ, ଶ୍ରବଣ ବାଧିତ ୨୬ ଜଣ, ବୌଦ୍ଧିକ ଅକ୍ଷମତା ୩୦ ଜଣ, ଔଷଧ ଚିକିତ୍ସା ୫ ଜଣ ଓ ଅନ୍ୟାନ୍ୟ ୧ ଜଣ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ରେ ପଞ୍ଜିକରଣ କରି ଡାକ୍ତର ଙ୍କ ପରାମର୍ଶ ନେଇଥିଲେ ।

## ବାଲିଆପଟା ମଠ ସମ୍ପତ୍ତି ହଡ଼ପ ଚକ୍ରାନ୍ତ ଅଭିଯୋଗ

ଅସ୍ତରଙ୍ଗ, (ମହାଭାରତ) : ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ୍ କନ୍ତପଏଁରା ସ୍ଥିତ ପ୍ରାଚୀନ 'ଶ୍ରୀ ରାଧାକାନ୍ତ ମହାପ୍ରଭୁ ବାଲିଆପଟା ମଠ'ର କୋଟି କୋଟି ଟଙ୍କାର ଦେବୋତ୍ତର ସମ୍ପତ୍ତିକୁ ହଡ଼ପ କରିବା ପାଇଁ ବଡ଼ଧରଣର ଚକ୍ରାନ୍ତ ହୋଇଥିବା ଅଭିଯୋଗ ହୋଇଛି । ଓଡ଼ିଶା ହିନ୍ଦୁ ଧାର୍ମିକ ଦେବୋତ୍ତର ଆଇନ, ୧୯୫୧ ର ଖୋଲା ଉଲ୍ଲଂଘନ କରି କିଛି ସରକାରୀ ଅଧିକାରୀ ବେଆଇନ ଭାବେ ଏହି ମଠର ନିୟନ୍ତ୍ରଣ ଅନ୍ୟ ଏକ ମଠକୁ ହସ୍ତାନ୍ତର କରିଥିବା ଦର୍ଶାଇ ସ୍ଥାନୀୟ ସାମାଜିକ କର୍ମୀ ଅମିୟ ରଞ୍ଜନ ବାରିକ ମୁଖ୍ୟମନ୍ତ୍ରୀ, ଆଇନ ବିଭାଗ, ରାଜ୍ୟ ଭିଜିଲାନ୍ସ ଏବଂ କ୍ରାଇମ୍ ବ୍ରାଞ୍ଚ୍ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି, ଅଭିଯୋଗ ଅନୁଯାୟୀ, ବାଲିଆପଟା ମଠଟି ଦେବୋତ୍ତର ବିଭାଗରେ 'ଇଣ୍ଡେକ୍ସ ନଂ ୨୮୬ ପି' ଅଧୀନରେ ପଞ୍ଜିକୃତ ଏକ ସ୍ୱତନ୍ତ୍ର ଧାର୍ମିକ ଅନୁଷ୍ଠାନ । ମାତ୍ର ଗତ ୧ ଜୁଲାଇ ୨୦୨୬ ରେ ଦେବୋତ୍ତର କମିଶନରଙ୍କ କାର୍ଯ୍ୟାଳୟ ପକ୍ଷରୁ ଜାରି (ମେମୋନଂ୬୯୦୪/୨୮୬-ପି) ବଳରେ ଏହି ମଠର ଦାୟିତ୍ୱ ପୁରୀ ବାଲିସାହି ସ୍ଥିତ ଅନ୍ୟ ଏକ ରାଧାକାନ୍ତ ମଠ (ଇଣ୍ଡେକ୍ସ ନଂ ୧୩୪୮ ପି) ର ମହନ୍ତ ଶ୍ରୀ କୃଷ୍ଣ ଗୋପାଳ ଦାସଙ୍କୁ ବେଆଇନ ଭାବେ ହସ୍ତାନ୍ତର କରାଯାଇଛି । ଦୁଇଟି ସମ୍ପୂର୍ଣ୍ଣ ଭିନ୍ନ ପଞ୍ଜିକରଣ ନମ୍ବର ଥିବା ଅନୁଷ୍ଠାନକୁ ଏପରି ମିଶାଇ ଦେବା ଆଇନ ବିରୋଧୀ, ଅନ୍ୟପଟେ, ଓଡ଼ିଶା ଦେବୋତ୍ତର ଆଇନର ଧାରା ୨୭ ଅନୁଯାୟୀ ମଠର ପରିଚାଳନା ପାଇଁ ସ୍ଥାନୀୟ ଟ୍ରଷ୍ଟ ବୋର୍ଡ ଗଠନ କରାଯିବାର ବ୍ୟବସ୍ଥା ଥିଲେ ହେଁ ତାହା କରାଯାଇନାହିଁ ।

## ଧନୀଙ୍କ ଦୁଆରେ ଡ୍ରେନ୍ ବାଟ ବଦଳାଏ, ଗରିବଙ୍କ ଘର ଭାଙ୍ଗି ନିର୍ମାଣ !

ରାଇଘର, ମହାଭାରତ): ରାଇଘର ରେ ଡ୍ରେନ୍ ନିର୍ମାଣରେ ଅନିୟମିତତା ଅଭିଯୋଗ, ଗରିବଙ୍କ ପାଇଁ ନିୟମ କଠୋର ବଡ଼ବଡ଼ିଆଙ୍କ ପାଖରେ କାହିଁକି ଅଙ୍କାବଙ୍କା ରାସ୍ତା ସୂଚନା ଅନୁଯାୟୀ ନବରଙ୍ଗପୁର ଜିଲ୍ଲାର ରାଇଘର ବ୍ଲକ ର ହନୁମାନ ମନ୍ଦିର ରୁ ସୀମାନ୍ତବର୍ତ୍ତୀ ଅଞ୍ଚଳା ଗ୍ରାମ ପର୍ଯ୍ୟନ୍ତ ରାସ୍ତାର ପ୍ରଶସ୍ତିକରଣ କାମ ଚାଲିଛି ।ଏହା ସହ ହନୁମାନ ମନ୍ଦିର ରୁ କୋଦଭାଟା ପର୍ଯ୍ୟନ୍ତ ଡ୍ରେନ୍ ନିର୍ମାଣ କାର୍ଯ୍ୟ ଚାଲିଛି । ହେଲେ ଡ୍ରେନ୍ ନିର୍ମାଣ ହେବ ନିର୍ଦ୍ଧାରିତ ମାପ ଓ ନକ୍ସା ଅନୁଯାୟୀ । ଉଭୟ ପାର୍ଶ୍ୱରେ ସମାନ ଭାବରେ ଡ୍ରେନ୍ ନିର୍ମାଣ ହେବା କଥା । କିନ୍ତୁ ନିର୍ମାଣ ସମୟରେ ଏହା ସିଧାସଳଖ ନହୋଇ ଅଙ୍କାବଙ୍କା ଭାବରେ ନିର୍ମାଣ ହେଉଥିବା ଅଭିଯୋଗ ଏବେ ସାଧାରଣରେ ପ୍ରଶ୍ନ ଉଠାଇଛି । ଅଭିଯୋଗ ଅନୁସାରେ, ଡ୍ରେନ୍ ନିର୍ମାଣ ପାଇଁ ଗରିବ ଓ ଅସହାୟ ଲୋକଙ୍କ ଘର, ପାଚେରୀ ଭାଙ୍ଗିବା ସହ ବହୁ ମୂଲ୍ୟବାନ ଗଛ କାଟି ଦିଆଯାଇଛି । ଅନେକ ପରିବାର ନିଜ ଜାଗା ଓ ସମ୍ପତ୍ତି ହରାଇ ନିର୍ମାଣକୁ ସହଯୋଗ କରିଥିବା ବେଳେ, ଅନ୍ୟପଟେ ବଡ଼ବଡ଼ିଆଙ୍କ ଘର ନିକଟରେ ପହଞ୍ଚିଲେ ଡ୍ରେନ୍‌ର ଦିଗ ହଠାତ୍ ବଦଳିଯାଉଥିବା ଦୃଶ୍ୟ ଚର୍ଚ୍ଚାର ବିଷୟ ହୋଇଛି । ତେବେ ପ୍ରଶ୍ନ ଉଠୁଛି ଗରିବଙ୍କ ଘର ଓ ପାଚେରୀ ଭାଙ୍ଗିବା ବେଳେ ନିୟମ ମନେ ପଡୁଛି, କିନ୍ତୁ ପ୍ରଭାବଶାଳୀଙ୍କ ଘର ସାମ୍ନାରେ ପହଞ୍ଚିଲେ ନିୟମ କାହିଁକି ବଦଳିଯାଉଛି ?ସ୍ଥାନୀୟ ଲୋକଙ୍କ ମଧ୍ୟରେ ଏଭଳି ଆଲୋଚନା ମଧ୍ୟ ହେଉଛି ଯେ, ଠିକାଦାର କ'ଣ ସାଧାରଣ ଲୋକଙ୍କୁ ଦେଖାଇ କାମ କରୁଛନ୍ତି, ନା ପ୍ରଭାବଶାଳୀଙ୍କୁ ଦେଖି କାମର ମାପ ଓ ଦିଗ ବଦଳାଉଛନ୍ତି ? ସରକାରୀ ଅର୍ଥରେ ନିର୍ମାଣ ହେଉଥିବା ଏହି ଡ୍ରେନ୍‌ର ଗୁଣବତ୍ତା, ନିର୍ଦ୍ଧାରିତ ନକ୍ସା ଓ ମାପଦଣ୍ଡ ଅନୁସାରେ କାମ ହେଉଛି କି ନାହିଁ, ତାହାର ତଦନ୍ତ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି ।ଗରିବଙ୍କ ଲୁହରେ ନୁହେଁ, ସମସ୍ତଙ୍କ ପାଇଁ ସମାନ ନିୟମରେ ବିକାଶ ହେଉ ଏହା ହିଁ ଏବେ ଲୋକଙ୍କ ଦାବି ।।

## ଅଟୋ ସହିତ ପିକଅପ ଧକ୍କାରେ ଜଣେ ମୃତ, ଅନ୍ୟମାନେ ଆହତ

ଦଶପଲ୍ଲା,୧୨/୦୮(ମହାଭାରତ): ଖୋର୍ଦ୍ଧା - ବଲାଙ୍ଗୀର ୫୭ ନମ୍ବର ଜାତୀୟ ରାଜପଥର ଟାକରା ନିକଟରେ ସଡ଼କ ଦୁର୍ଘଟଣାରେ ଜଣେ ମହିଳାଙ୍କ ମୃତ୍ୟୁ ହୋଇଥିବାବେଳେ ଅନ୍ୟମାନେ ଆହତ ହୋଇଛନ୍ତି । ମିଳିଥିବା ସୂଚନା ଅନୁଯାୟୀ ଟାକରା ପଞ୍ଚାୟତର ବୁରୁସାହି ଗ୍ରାମର ଜଳେଶ୍ୱର ନାୟକଙ୍କ ସ୍ତ୍ରୀ ଶାନ୍ତିଲତା ନାୟକ ଏବଂ ସ୍ଥାନୀୟ ବୁଗୁଡ଼ା କଲୋନୀ ଗ୍ରାମର ନିଆତା କହଁର ଉଭୟ ଦିନ ମଜୁରିଆ କାର୍ଯ୍ୟକରିବା ପାଇଁ ଅଟୋ ରେ ଦଶପଲ୍ଲା ଅଭିମୁଖେ ଯାଉଥିବା ସମୟରେ ଅପର ପାର୍ଶ୍ୱ ରୁ ଏକ ଅଜଣା ପିକପ ଭ୍ୟାନ ଧକ୍କା ଦେଇଥିଲା । ସଂଗେସଂଗେ ସ୍ଥାନୀୟ ଲୋକେ ଉଭୟଙ୍କୁ ୧୦୮ ଆମ୍ବୁଲାନ୍ସରେ ଦଶପଲ୍ଲା ମେଡିକାଲ କୁ ପଠାଇଥିବାବେଳେ ସେଠାରେ ଡାକ୍ତର ଶାନ୍ତିଲତା ଙ୍କୁ ମୃତ ଘୋଷଣା କରିଥିବା ଜଣାପଡ଼ିଛି ।ଖବର ପାଇ ଦଶପଲ୍ଲା ପୋଲିସ ଘଟଣା ସ୍ଥଳରେ ପହଂଚି ତଦନ୍ତ ଚଳାଇଥିବା ଜଣାପଡ଼ିଛି ।

## ଉଦଳା ବିଜେପି ସଦର ମଣ୍ଡଳ ପକ୍ଷରୁ ତ୍ରିରଙ୍ଗା ସଭାଯାତ୍ରା




ଉଦଳା, ( ମହାଭାରତ ) :ଯଶସୀ ପ୍ରଧାନ ମନ୍ତ୍ରୀ ନରେନ୍ଦ୍ର ମୋଦି ଙ୍କ ନିର୍ଦ୍ଦେଶ କ୍ରମେ ମୟୁରଭଞ୍ଜ ଜିଲ୍ଲା ବିଜେପି ସଭାପତି ନିହାର ମୋଦି ଙ୍କ ଆହ୍ୱାନ କ୍ରମେ ଦେଶ ପ୍ରେମର ଭାବନା ଓ ଜାତୀୟ ଏକତାର ବାର୍ତ୍ତା ନେଇ ଉଦଳା ସଦର ମଣ୍ଡଳ ପକ୍ଷରୁ ଆୟୋଜିତ ତ୍ରିରଙ୍ଗା ଯାତ୍ରା ସମାରୋହ ଉତ୍ସାହ ଓ ଉଦ୍ଦୀପନାର ସହିତ ସମାପନ ହୋଇଛି । ହାତରେ ତ୍ରିରଙ୍ଗା ଧରି ବହୁ ସଂଖ୍ୟା ରେ ଏହି ତ୍ରିରଙ୍ଗା ସଭା ଯାତ୍ରାରେ ସାମିଲ ହୋଇ ଦେଶପ୍ରେମର ବାର୍ତ୍ତା ଦେଇଥିଲେ । ଉଦଳା ସଦର ମଣ୍ଡଳ ପକ୍ଷରୁ ଆୟୋଜିତ ଏହି ତ୍ରିରଙ୍ଗା ଯାତ୍ରାରେ ଦଳୀୟ କର୍ମକର୍ତ୍ତା, କାର୍ଯ୍ୟକର୍ତ୍ତା ଓ ସ୍ଥାନୀୟ ଲୋକଙ୍କ ସହ ବହୁ ସଂଖ୍ୟାରେ ଯୁବକ-ଯୁବତୀ ଯୋଗ ଦେଇଥିଲେ । ହାତରେ ଜାତୀୟ ପତାକା ଧରି ରାଡ଼ କଲେଜ ଛକ ଠାରୁ ଆରମ୍ଭ ହୋଇ ରାଡ଼ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଏହି ତ୍ରିରଙ୍ଗା ଯାତ୍ରା ରେ ସମସ୍ତେ ଦେଶପ୍ରେମର ସ୍ଲୋଗାନ୍ ଦେଇ ଆଗେଇ ଚାଲିଥିଲେ ।ମୁଖ୍ୟ ଅତିଥି ଭାବେ ଉଦଳା ବିଧାୟକ ତଥା ମୟୁରଭଞ୍ଜ ଜିଲ୍ଲା ଯୋଜନା ବୋର୍ଡ ଅଧକ୍ଷ ଭାସ୍କର ମଢେଇ ଏବଂ ଉଦଳା ସଦର ମଣ୍ଡଳ ର ସଭାପତି ଭାଗିରଥି ସେଠି ଯୋଗ ଦେଇ ଥିବା ବେଳେ ସମଗ୍ର ପରିବେଶ ଦେଶ ଭକ୍ତିମୟ ହୋଇଉଠିଥିଲା । ଭାରତ ମାତାଙ୍କ ଜୟଧ୍ୱନି ସହ ତ୍ରିରଙ୍ଗାର ଗୌରବ ଓ ଦେଶର ଏକତା ଅଖଣ୍ଡତାର ବାର୍ତ୍ତା ଦିଆଯାଇଥିଲା । ତ୍ରିରଙ୍ଗା କେବଳ ଏକ ପତାକା ନୁହେଁ, ବରଂ ଏହା ଦେଶର ଗୌରବ, ଏକତା ଓ ଅଖଣ୍ଡତାର ପ୍ରତୀକ । ଯୁବପିଢ଼ିଙ୍କ ମଧ୍ୟରେ ଦେଶପ୍ରେମର ଭାବନାକୁ ଆହୁରି ମଜବୁତ କରିବା ଏହି ଯାତ୍ରାର ମୁଖ୍ୟ ଉଦ୍ଦେଶ୍ୟ ବୋଲି ଉପସ୍ଥିତ ଅତିଥି ତାଙ୍କର ବକ୍ତବ୍ୟ ରେ କହିଥିଲେ ।ଉତ୍ସାହ ଓ ଦେଶପ୍ରେମର ପରିବେଶ ମଧ୍ୟରେ ତ୍ରିରଙ୍ଗା ଯାତ୍ରା ସମାରୋହର ସମାପନ ହୋଇଥିଲା । ଶେଷରେ ଉପସ୍ଥିତ ସମସ୍ତେ ଜାତୀୟ ପତାକା ପ୍ରତି ସମ୍ମାନ ଜଣାଇବା ସହ ଦେଶର ଗୌରବ ଓ ଏକତାକୁ ଅକ୍ଷୁଣ୍ଣ ରଖିବା ପାଇଁ ସଂକଳ୍ପ ନେଇଥିଲେ ।ଓ ଉଦଳା ସଦର ମଣ୍ଡଳ ପକ୍ଷରୁ ଆୟୋଜିତ ଏହି ତ୍ରିରଙ୍ଗା ଯାତ୍ରା ସ୍ଥାନୀୟ ଅଞ୍ଚଳରେ ଦେଶପ୍ରେମ ଓ ଜାତୀୟ ଏକତାର ଏକ ମଜବୁତ ବାର୍ତ୍ତା ଦେଇ ସମାପନ ହୋଇଥିଲା । ଆଜିର ଏହି କାର୍ଯ୍ୟକ୍ରମ ରେ ସଦର ମଣ୍ଡଳ ର ପ୍ରଭାରୀ ପ୍ରଭାତ ପରିଡା,ବରିଷ୍ଠ ନେତା ସନ୍ତୋଷ ବାଛିନି, ଯୁବମୋର୍ଚ୍ଚା ସଭାପତି ଜନ୍ମେଞ୍ଜୟ ସାହୁ,ମୟୁରଭଞ୍ଜ ଜିଲ୍ଲା ସାଂସଦ ପ୍ରତିନିଧି ଜିତେନ୍ ଦତ୍ତ , ନୁଦୁଡିହକ୍ଷ ମଣ୍ଡଳ ପ୍ରଭାରୀ ବିଜୟ ସେନାପତି, ଯୁବ ନେତା ରାକେଶ ପୁହାଣ, ଦୀପକ ମିଶ୍ର, ଦୁଲାଲ ସୋରେନ,ଗୁଣମଣୀ ଖଣ୍ଡେଇ,ପୀତବାସ ସେଠି, ହିମାଂଶୁ ବେହେରା,ମଙ୍ଗଲ ସିଂ ପ୍ରମୁଖ ଯୋଗ ଦେଇଥିବା ବେଳେ ଲୁଇପା ମହାବିଦ୍ୟାଳୟ ର ଛାତ୍ର ଛାତ୍ରୀ ଙ୍କ ସମେତ ରାଡ଼ ହାଇସ୍କୁଲ ର ଛାତ୍ର ଛାତ୍ରୀ ଯୋଗ ଦେଇ ଏହି ତ୍ରିରଙ୍ଗା ଯାତ୍ରା କାର୍ଯ୍ୟକ୍ରମ ରେ ସାମିଲ ହୋଇଥିଲେ ।



# ଅଞ୍ଚଳ କଥା

ଆପଣା ମାଟିର କଥା ଓ ବ୍ୟଥା





## ବିଶାଳ ତ୍ରିରଙ୍ଗା ବାଇକ୍ ରାଲି



**ନବରଙ୍ଗପୁର (ମହାଭାରତ):** ଆଜି ନବରଙ୍ଗପୁରଠାରେ 'ହର ଘର ତ୍ରିରଙ୍ଗା ଅଭିଯାନ-୨୦୨୬' ଅବସରରେ ଏକ ବିଶାଳ ତ୍ରିରଙ୍ଗା ବାଇକ୍ ରାଲି ଅନୁଷ୍ଠିତ ହୋଇଯାଇଛି। ସକାଳ ୭:୩୦ ଘଣ୍ଟା ସମୟରେ ଏହି ତ୍ରିରଙ୍ଗା ବାଇକ ଶୋଭାଯାତ୍ରା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଠାରୁ ଆରମ୍ଭ ହୋଇ ବାଇପାସ୍ ରୋଡ୍ ଦେଇ ମଙ୍ଗଳ ଟିମ୍ବର ଛକ ଏବଂ ସେଠାରୁ ନବରଙ୍ଗପୁର ସହର ପରିକ୍ରମା କରି ପୁଣିଥରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ଫେରିଥିଲା। ଦେଶପ୍ରେମରେ ଉଦବୁଦ୍ଧ ଏହି ରାଲିରେ ୫୦୦ରୁ ଊର୍ଦ୍ଧ୍ୱ ବାଇକ୍ ଚାଳକ ହାତରେ ତ୍ରିରଙ୍ଗା ପତାକା ଧରି ସାମିଲ ହୋଇଥିଲେ।ଏହି ତ୍ରିରଙ୍ଗା ବାଇକ ଶୋଭାଯାତ୍ରା ରେ ମାନ୍ୟବର ନବରଙ୍ଗପୁର ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଗୌରୀ ଶଙ୍କର ମାଝୀ, ଜିଲ୍ଲାପାଳ ଡା. ମହେଶ୍ୱର ସ୍ୱାଇଁ, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ପ୍ରମୋଦ କୁମାର ପୃଷ୍ଟି, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ବିଶ୍ୱଜି ବର୍ମନ, ପୌରାଧ୍ୟକ୍ଷ କୁନୁ ନାୟକ,ସିଡିଓ ତଥା ଜିଲ୍ଲା ପରିଷଦ ଇଓ , ବିରଞ୍ଚି ନାରାୟଣ ଦରୱାନ, ଉପଜିଲ୍ଲାପାଳ ପ୍ରକାଶ କୁମାର ମିଶ୍ର, ପି ଏ ,ଆଇ ଟି ଡି ଏ ରାଜୀବ ସାହୁ, ଡି ଆଇ ପି ଆର୍ ଓ ମନୋଜ ବେହେରା, ଡି ସି ଓ ଘାଶିଆ ହରିଜନଙ୍କ ସମେତ ଜିଲ୍ଲାପାଳଙ୍କ କାର୍ଯ୍ୟଳୟ କର୍ମଚାରୀ, ବିଭିଓ ବିଭାଗୀୟ ଅଧିକାରୀ,କାର୍ଯ୍ୟାଳୟ କର୍ମଚାରୀ,ସୁରକ୍ଷା କର୍ମୀ,ବିଭିନ୍ନ ଅନୁଷ୍ଠାନ ର ଯୁବ କର୍ମୀ, ସି ଆର୍ ପି ଏଫ୍, ପୋଲିସ, ଗଣମାଧ୍ୟମ ପ୍ରତିନିଧି,ଇଚ୍ଛୁକ ଦେଶପ୍ରେମୀ, ଯୁବା ବନ୍ଧୁ ଏବଂ ସ୍ଥାନୀୟ ଜନସାଧାରଣ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ଏକ ବଡ଼ ସଫଳତା ପ୍ରଦାନ କରିଥିଲେ। ସମଗ୍ର ସହରରେ ଏକ ଅପୂର୍ବ ଦେଶପ୍ରେମ ଓ ଉତ୍ସାହର ବାତାବରଣ ଖେଳିଯାଇଥିଲା।

## ବିପଦ ସଂକୁଳ ଆଜବେଷ୍ଟସ ଶ୍ରେଣୀ ଗୃହରେ ଚାଲିଛି ପାଠପଢ଼ା

**ଆଳି(ମହାଭାରତ):** କେନ୍ଦ୍ରାପଡ଼ା ଜିଲ୍ଲା ଆଳି ବ୍ଲକ ଅନ୍ତର୍ଗତ ମହୁ ଗ୍ରାମ ପଞ୍ଚାୟତରେ ଥିବା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଷଷ୍ଠ , ସପ୍ତମ ଏବଂ ଅଷ୍ଟମ ଶ୍ରେଣୀରେ ମୋଟ ( ୧୧୮ ) ଛାତ୍ରଛାତ୍ରୀ ମାନେ ପାଠ ପଢୁଛନ୍ତି । ତିନୋଟି ଶ୍ରେଣୀର ଛାତ୍ରଛାତ୍ରୀମାନଙ୍କ ପାଠ ପଢ଼ିବା ପାଇଁ ଆଜବେଷ୍ଟ ବିଶିଷ୍ଟ ତିନୋଟି ଶ୍ରେଣୀଗୃହ ରହିଛି ।ଉକ୍ତ ଆଜବେଷ୍ଟ ଗୁଡ଼ିକ ବହୁ ପୁରୁଣା ହୋଇଯିବା ସହିତ ଅନେକ ସ୍ଥାନ ଫାଟିଯିବା ସହିତ ଅନେକ ସ୍ଥାନରେ ବଡ଼ ବଡ କଣା ହୋଇ ଯାଇଛି । ପୂର୍ବରୁ ଏହି ଆଜବେଷ୍ଟକୁ ମରାମତି କରାଯାଇ ପାଠ ପଢ଼ା ଯାଉଥିଲେ ହେଁ ବର୍ତ୍ତମାନ ସମୟରେ ଏହାକୁ ମରାମତି କରି ପାଠ ପଢ଼ାଇବା ଭରଷା ଯୋଗ୍ୟ ନୁହେଁ ତେଣୁ ଏହାର ତୁରନ୍ତ ସମାଧାନ କରିବାକୁ ଦାବି କରି ଆଜି ଆଳି ବିଡ଼ିଓ ଙ୍କ ନିକଟରେ ବିଦ୍ୟାଳୟର ପରିଚାଳନା କମିଟି ତରଫରୁ ଲିଖିତ ଅଭିଯୋଗ ହୋଇଛି। ଅଭିଯୋଗ ମୁତାବକ ଶ୍ରେଣୀ ଗୃହର ଆଜବେଷ୍ଟ ଗୁଡ଼ିକ ଅନେକ ସ୍ଥାନରେ ଫାଟିଯିବା ସହିତ



ଅନେକ ସ୍ଥାନରେ ହୋଇଥିବା ବଡ଼ ବଡ଼ କଣାରେ ବର୍ଷା ସମୟରେ ଶ୍ରେଣୀଗୃହରେ ପାଣି ହୋଇଯାଉଛି । ଅନେକ ସମୟରେ ଶ୍ରେଣୀ ଗୃହରେ ବିଭିନ୍ନ ପ୍ରକାରର ବିଷଧର ସାପ ବାହାରୁଛି ।ଯାହା ଦ୍ୱାରା ପିଲା ମାନଙ୍କ ଜୀବନ ପ୍ରତି ଘୋର ବିପଦ ରହିଥିବା ବେଳେ ବର୍ଷା ପବନ ପାଠ ପଢ଼ାରେ ଦାଉ ସାଜୁଛି । ଯଦି ବର୍ଷା ସମୟରେ ଜୋରରେ ପବନ ହେଉଛି ତେବେ ଆଜବେଷ୍ଟର ଅବସ୍ଥା ଶିକ୍ଷକ ଓ ଶିକ୍ଷୟତ୍ରୀଙ୍କ ମନରେ ଅନେକ ଭୟ ଜାଗ୍ରତ କରିବା ସହିତ ପାଠ ପଢୁଥିବା ପିଲାଙ୍କ ଜୀବନ ଅନେକ ବିପଦ ରହିଛି । ବର୍ତ୍ତମାନ ଏପରି ବିପଦ ସଙ୍କୁଳ ଅବସ୍ଥାରେ ଛାତ୍ରଛାତ୍ରୀ ମାନଙ୍କୁ ପାଠ ପଢ଼ା ଯାଉଥିବାରୁ କିଛି ଯଦି ଦୁର୍ଘଟଣା ଘଟି ପାଠ ପଢୁଥିବା ଛାତ୍ରଛାତ୍ରୀଙ୍କ ଜୀବନ ପ୍ରତି କିଛି କ୍ଷତି ପହଞ୍ଚେ ତେବେ ଏଥିପାଇଁ କିଏ ଦାୟୀ ରହିବ ବୋଲି ଅଭିଯୋଗ କାରୀ ପ୍ରଶ୍ନ କରିଛନ୍ତି । ଏବାବଦରେ ପୂର୍ବରୁ ବାରମ୍ବାର ଲିଖିତ ଅଭିଯୋଗ କରାଯାଇଥିଲେ ସୁଦ୍ଧା ଆଜି ପର୍ଯ୍ୟନ୍ତ ଏହି ସମସ୍ୟାର କୌଣସି ସମାଧାନ କରାନଯାଇ ସ୍କୁଲରେ ପାଠ ପଢୁଥିବା ଛାତ୍ରଛାତ୍ରୀଙ୍କ ଜୀବନକୁ ବିପଦକୁ ଠେଲି ଦିଆଯାଇଛି ବୋଲି ଲିଖିତ ଭାବେ ଅଭିଯୋଗ କରିଛନ୍ତି । ତୁରନ୍ତ ପଦକ୍ଷେପ ନେଇ ବିଦ୍ୟାଳୟର ପାଠ ପଢୁଥିବା ଛାତ୍ରଛାତ୍ରୀଙ୍କ ସୁରକ୍ଷା ଦୃଷ୍ଟିରୁ ଆଜବେଷ୍ଟ ବିଶିଷ୍ଟ ସମସ୍ତ ଶ୍ରେଣୀଗୃହ ପରିବର୍ତ୍ତେ ପକ୍କା ଛାତ କରାଯାଇ ବିପଦସଙ୍କୁଳ ଅବସ୍ଥାରେ ପାଠ ପଢୁଥିବା ଛୋଟ ଛୋଟ ଛାତ୍ରଛାତ୍ରୀ ମାନଙ୍କ ଜୀବନ ପ୍ରତି ଥିବା ବିପଦକୁ ହଟାଇବାକୁ ଉକ୍ତ ବିଦ୍ୟାଳୟର ପରିଚାଳନା କମିଟିର ସଦସ୍ୟ ବୃନ୍ଦ ମନୋରଞ୍ଜନ ସାହୁ , ଦୀନବନ୍ଧୁ ତ୍ରିପାଠୀ , ହୃଦାନନ୍ଦ ପରିଡ଼ା , ରତିକାନ୍ତ ପାତ୍ର , ମାନସ ରଞ୍ଜନ ଧଳ , ନିତ୍ୟାନନ୍ଦ ବିଶ୍ୱାଳ , ନବଘନ ତରାଇ , ଦୁଷ୍ମନ୍ତ ନାରାୟଣ ଆଚାର୍ଯ୍ୟ , ଦିପ୍ତିରେଖା ପାତ୍ର , ଗାୟତ୍ରୀ ଦାସ , ସନ୍ଧ୍ୟାରାଣୀ ତରାଇ , ଲିଳିମା ଦାସ , ମିନତୀ ମଲ୍ଲିକ , ମାନସ ସାହୁ , ଜୟନ୍ତୀ ତରାଇ , ଶଶିକଳା ମଲ୍ଲିକ , ମଧୁସ୍ମିତା ତ୍ରିପାଠୀ , ଲିଖିତ ଅଭିଯୋଗ କରି ଦାବି କରିଛନ୍ତି।

## ୭୭୫୦ ଲିଟର ମହୁଲି ମଦ ପ୍ରସ୍ତୁତି ସାମଗ୍ରୀ ଓ ୨୪୫ ଲିଟର ଦେଶୀ ମଦ ନଷ୍ଟ



**କରଞ୍ଜିଆ,(ମହାଭାରତ):** ଠାକୁରମୁଣ୍ଡା ଅବକାରୀ ବିଭାଗ ପକ୍ଷରୁ ମଙ୍ଗଳବାର ବେଆଇନ ମଦ ପ୍ରସ୍ତୁତି ଓ ବିକ୍ରି ବିରୋଧରେ ଚଢ଼ାଉ କରାଯାଇଛି। ବିଭାଗୀୟ କର୍ମଚାରୀଙ୍କ ଏକ ଟିମ୍ ଚଢ଼ାଉ କରି ତିନୋଟି ସ୍ଥାନରୁ ବିପୁଳ ପରିମାଣର ବେଆଇନ ମଦ ପ୍ରସ୍ତୁତି ସାମଗ୍ରୀ ଓ ଦେଶୀ ମଦ ଜବତ କରି ନଷ୍ଟ କରିଥିବା ଜଣାପଡ଼ିଛି ।ସୂଚନା ଅନୁଯାୟୀ, ଟିମ୍ ପକ୍ଷରୁ ଚମ୍ପାଝର ପଞ୍ଚାୟତ ଦିଲିଗଞ୍ଜ, ତରାମରା ଗିରିବେଡ଼ା ଓ ହାତିଗୋଡା ପଞ୍ଚାୟତର ଆସନକୁଦର ଅଞ୍ଚଳରେ ଚଢ଼ାଉ କରାଯାଇଥିଲା। ଚଢ଼ାଉ ସମୟରେ ଦାବିଦାର ବିହୀନ ଭାବେ ପଡ଼ିଥିବା ତିନୋଟି ମାମଲା ସାମ୍ନାକୁ ଆସିଥିଲା। ଏହି ତିନୋଟି ମାମଲାକୁ ନେଇ କେସ୍ ନମ୍ବର ୮୮, ୮୯ ଓ ୯୦ ରୁଜୁ କରାଯାଇଥିବା ସୂଚନା ମିଳିଛି ।ଚଢ଼ାଉରେ ମୋଟ ୭,୭୫୦ ଲିଟର ମହୁଲ ପୋଚ ଏବଂ ୨୪୫ ଲିଟର ମହୁଲି ମଦ ଠାବ ହୋଇଥିଲାୟ ବେଆଇନ ଭାବେ ମଦ ପ୍ରସ୍ତୁତି ପାଇଁ ରଖାଯାଇଥିବା ଏହି ବିପୁଳ ପରିମାଣର ମହୁଲ ପୋଚ ଓ ଦେଶୀ ମଦକୁ ବିଭାଗୀୟ ନିୟମ ଅନୁଯାୟୀ ନଷ୍ଟ କରାଯାଇଛି। ଏହି ଚଢ଼ାଉ ରେ ଠାକୁରମୁଣ୍ଡା ଅବକାରୀ ଥାନା ଓଆଇସି ଲକ୍ଷ୍ମୀଧର ମାଝୀ, ଏଏସଆଇ ଲକ୍ଷ୍ମଣ ନାୟକ, ଚନ୍ଦ୍ରକାନ୍ତ ମୁଦୁଲି , ସସ୍ମିତା ବେହେରା ପ୍ରମୁଖ ସାମିଲ ଥିଲେ।

## ଅସୁରକ୍ଷିତ ପର୍ଯ୍ୟଟନସ୍ଥଳ: ପ୍ରକୃତି କୋଳରେ ମୃତ୍ୟୁର ଫାଶ



**କେନ୍ଦୁଝର,:** ପ୍ରକୃତିର କୋଳରେ ମୃତ୍ୟୁର ଫାଶୟ ଜଳପ୍ରପାତର ଗର୍ଜନ ଭିତରେ ଲିଭିଯାଉଛି ଜୀବନ ଦୀପ। କେହି ରିଲ୍ସ ପାଇଁ ବିପଦକୁ ଆମନ୍ତ୍ରଣ କରୁଛନ୍ତି, ତ ଆଉ କେହି ନିଶାସକ୍ତ ଅବସ୍ଥାରେ ଜଳସ୍ରୋତରେ ଭାସିଯାଉଛି। ପର୍ଯ୍ୟଟନର ଆନନ୍ଦ ଅନେକ ପରିବାର ପାଇଁ ଦୁଃଖ ପାଲଟୁଛି। କେନ୍ଦୁଝରର ପ୍ରମୁଖ ପର୍ଯ୍ୟଟନସ୍ଥଳ ଗୁଣ୍ଡିଚାଘାଗି ସମେତ ଏକାଧିକ ସ୍ଥାନରେ ଏଭଳି ଅଘଟଣ ଏବେ ଚିନ୍ତାର କାରଣ ପାଲଟିଛି ।ଘଟଗାଁଠାରୁ ପ୍ରାୟ ୧୦ କିଲୋମିଟର ଦୂରରେ ରହିଛି ମନୋରମ ଜଳପ୍ରପାତ ଗୁଣ୍ଡିଚାଘାଗି। ଏଠାକୁ ପ୍ରତିଦିନ ବହୁ ସଂଖ୍ୟାରେ ପର୍ଯ୍ୟଟକ ଆସୁଛନ୍ତ। ବଣଭୋଜି କରିବା ସହ ପ୍ରାକୃତିକ ସୌନ୍ଦର୍ଯ୍ୟକୁ ଉପଭୋଗ କରୁଛନ୍ତି। ପର୍ଯ୍ୟଟକଙ୍କପାଇଁ ଏଠାରେ ଭିତ୍ତିଭୂମି ବିକାଶ କରାଯାଇଛି। ବସିବା ସ୍ଥାନ, ବଣଭୋଜି ପିଣ୍ଡି, ସେତୁ ଓ ଅନ୍ୟାନ୍ୟ ସୁବିଧା ରହିଛି। ପର୍ଯ୍ୟଟକଙ୍କଠାରୁ ଟିକସ ଓ ପରିବେଶ ସୁରକ୍ଷା ନାମରେ ଅର୍ଥ ଆଦାୟ ହେଉଛି। ହେଲେ ସୁରକ୍ଷା ବ୍ୟବସ୍ଥାକୁ ଗୁରୁତ୍ୱ ଦିଆଯାଉ ନାହିଁୟ ଜଳପ୍ରପାତ ନିକଟରେ ରିଲ୍ସ ଓ ସେଲ୍ଫି ନେବାର ନିଶା ଯୁବପିଢ଼ିଙ୍କୁ ବିପଦ ମୁହଁକୁ ଟାଣି ନେଉଛି। ସେହିପରି ନିଶାସକ୍ତ ହୋଇ ଜଳପ୍ରପାତରେ ପଶିବା ଯୋଗୁଁ ଦୁର୍ଘଟଣା ଘଟୁଛି। ଅନେକ ପର୍ଯ୍ୟଟକ ନିଶାସକ୍ତ ହୋଇ ପ୍ରଖର ସ୍ରୋତରେ ଭାସିଯାଉଛନ୍ତି। ଗତ ୮ ମାସ ତଳେ ଗୁଣ୍ଡିଚାଘାଗିରେ ବୁଡ଼ି ଦୁଇ ମେଧାବୀ ଛାତ୍ରଙ୍କ ମୃତ୍ୟୁ ଘଟିଥିଲା। ବାଲେଶ୍ୱର ଜିଲ୍ଲା ସୋର ଅଞ୍ଚଳର ଦେବେଶ କୁମାର ବେହେରା ପାଣିରେ ବୁଡ଼ି ପ୍ରାଣ ହରାଇଥିଲେ। ହରିଚନ୍ଦନପୁର ବ୍ଲକ୍ର ସତ୍ୟପ୍ରକାଶ ମହାନ୍ତ ଜଳପ୍ରପାତର ପ୍ରଖର ସ୍ରୋତରେ ଭାସି ନିଖୋଜ ହୋଇଥିଲେ। ପରେ ତାଙ୍କ ମୃତଦେହ ମିଳିଥିଲା। କେନ୍ଦ୍ରାପଡ଼ାର ଜଣେ ଯୁବକଙ୍କ ମଧ୍ୟ ଜଳପ୍ରପାତରେ ବୁଡ଼ି ପ୍ରାଣ ହରାଇଥିଲେ ।ପର୍ଯ୍ୟଟକଙ୍କ ମୃତ୍ୟୁ ପରେ ମୁକୁନ୍ଦପୁରପାଟଣା ପଞ୍ଚାୟତ ପକ୍ଷରୁ ଜଳପ୍ରପାତରେ ଗାଧୋଇବା ଓ ବିପଦପୂର୍ଣ୍ଣ ସ୍ଥାନରେ ରିଲ୍ସ କିମ୍ବା ଫଟୋ ଉଠାଇବା ଉପରେ କଟକଣା ଜାରି କରାଯାଇଥିଲା। ନିୟମ ଅମାନ୍ୟ କଲେ ୫ହଜାର ଟଙ୍କା ଜରିମାନା ନେଇ ଚେତାବନୀ ଦିଆଯାଇଥିଲାୟ କଟକଣା ଲାଗିଲା, ହେଲେ ତାହାକୁ ଜଗିବ କିଏ ? ଗତ ୬ବର୍ଷ ମଧ୍ୟରେ ଗୁଣ୍ଡିଚାଘାଗିରେ ୧୩ଜଣ ପର୍ଯ୍ୟଟକଙ୍କ ଜୀବନ ଯାଇଥିବା ସୂଚନା ମିଳିଛି। ଏହା ସ□ ଏଠାରେ ପର୍ଯ୍ୟଟକଙ୍କ ସୁରକ୍ଷା ପାଇଁ କେଣସି ପଦକ୍ଷେପ ଗ୍ରହଣ କରାନଯିବାରୁ ପ୍ରଶ୍ନ ଉଠିଛି। କେବଳ ଗୁଣ୍ଡିଚାଘାଗି ନୁହେଁ, ଜିଲ୍ଲାର ଅନ୍ୟାନ୍ୟ ଜଳପ୍ରପାତ ଓ ନଦୀକୂଳରେ ଥିବା ପର୍ଯ୍ୟଟନସ୍ଥଳରେ ମଧ୍ୟ ଅସାବଧାନତା ଯୋଗୁଁ ଲୋକଙ୍କ ଜୀବନ ଯାଉଛି। ଗୋପାଳପୁର ନିକଟସ୍ଥ କାଳୀଞ୍ଜର ନଦୀରେ ଗାଧୋଇବା ବେଳେ ମେ ମାସରେ ଜଣେ ୨୧ ବର୍ଷୀୟ ଇଞ୍ଜିନିୟରିଂ ଛାତ୍ର ଆଦିତ୍ୟ ମହାନ୍ତ ପାଣିରେ ବୁଡ଼ି ପ୍ରାଣ ହରାଇଥିଲେ। ଦୁଇବର୍ଷ ତଳେ ଖଣ୍ଡାଧାର ଜଳପ୍ରପାତରେ ବୁଡ଼ିଯାଇ ଜଣେ ଯୁବକଙ୍କ ଜୀବନ ଯାଇଥିଲା। ପ୍ରକୃତିର ସୌନ୍ଦର୍ଯ୍ୟ ଉପଭୋଗ କରିବାକୁ ଆସୁଥିବା ଲୋକଙ୍କ ଅକାଳ ମୃତ୍ୟୁ ଅନେକ ପରିବାର ମୁହଁରୁ ହସ ଲିଭେଇ ଦେଉଛି।

## ବ୍ଲକସ୍ତରୀୟ ତ୍ରିରଙ୍ଗା ଯାତ୍ରା




**ରାଇଘର,(ମହାଭାରତ):** ରାଇଘର ଠାରେ ଆଜି ବନ୍ଦେ ମାତରମର ୧୫୦ ବର୍ଷ ପୂର୍ତ୍ତି ଅବସରରେ ପାଳନ ସହିତ ଘରେ ଘରେ ତ୍ରିରଙ୍ଗା ୨୦୨୬ ଅଭିଯାନକୁ ନେଇ ରାଇଘର ବ୍ଲକସ୍ତରରେ ଏକ ଭବ୍ୟ ତ୍ରିରଙ୍ଗା ଯାତ୍ରା ଆୟୋଜିତ ହୋଇଥିଲା। ଦେଶପ୍ରେମ ଜାତୀୟ ଏକତା ଓ ଦେଶର ଗୌରବର ବାର୍ତ୍ତା ନେଇ ଆୟୋଜିତ ଏହି ଯାତ୍ରାରେ ଅନେକ ଜନପ୍ରତିନିଧି ପ୍ରଶାସନିକ ଅଧିକାରୀ ବିଭିନ୍ନ ବର୍ଗର ବ୍ୟକ୍ତିବିଶେଷ ଏବଂ ସ୍କୁଲ କଲେଜର ଛାତ୍ରଛାତ୍ରୀ ଉତ୍ସାହର ସହିତ ସାମିଲ ହୋଇଥିଲେ ।ଆଜି ପୂର୍ବାହ୍ନ ପ୍ରାୟ ୯ଟା ସମୟରେ ରାଇଘରସ୍ଥିତ ଜଗନ୍ନାଥ ମନ୍ଦିର ଠାରୁ ଏହି ବିଶାଳ ତ୍ରିରଙ୍ଗା ଯାତ୍ରାର ଶୁଭାରମ୍ଭ କରାଯାଇଥିଲା। ହାତରେ ଜାତୀୟ ପତାକା ଧରି ଛାତ୍ରଛାତ୍ରୀ, ଜନପ୍ରତିନିଧି ଓ ସାଧାରଣ ଲୋକେ ଦେଶପ୍ରେମର ଭାବନା ସହ ଯାତ୍ରାରେ ଆଗେଇ ଚାଲିଥିଲେ। ଯାତ୍ରା ସମୟରେ ଜାତୀୟ ଏକତା,ଦେଶପ୍ରେମ ଓ ତ୍ରିରଙ୍ଗାର ସମ୍ମାନକୁ ନେଇ ବିଭିନ୍ନ ସ୍ଲୋଗାନରେ ଦେଇଥିଲେ ।ଏହି ତ୍ରିରଙ୍ଗା ଯାତ୍ରାରେ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ରାଇଘର ବ୍ଲକ ଅଧ୍ୟକ୍ଷ ଗୁପ୍ତ ଝାଙ୍କାର,ବ୍ଲକ ଉନ୍ନୟନ ଅଧିକାରୀ ରିତୁ ସିଂ,ବ୍ଲକ ଉପାଧ୍ୟକ୍ଷ ବିଜୟ କୁମାର ସେଠୀ ପଞ୍ଚାୟତ ସମିତି ମଙ୍ଗଳ ଅଧିକାରୀ ଶ୍ୟାମସୁନ୍ଦର ଧୁରୁଆ,ଗଣ ମାଧ୍ୟମ ପ୍ରତିନିଧି ଭୁଭୁନା ସୁନାନୀ,ଲଳିତ ସୁନାନୀ,ସାଇକ୍ରୀଷ୍ଣା, ସୁଜିତ କୁମାର ପଣ୍ଡା,ମାମୋନି ଚକ୍ରବର୍ତ୍ତୀ ଏବଂ ବିଜେପି ନେତା ତୀରୁ ପାତ୍ର ଓ ଅନନ୍ୟା ବୁଦ୍ଧି ଯିବି ସମେତ ବହୁ ବ୍ୟକ୍ତିବିଶେଷ ଉପସ୍ଥିତ ଥିଲେ ।ବିଶେଷକରି ସ୍କୁଲ ଓ କଲେଜର ଛାତ୍ରଛାତ୍ରୀଙ୍କ ଉପସ୍ଥିତି ତ୍ରିରଙ୍ଗା ଯାତ୍ରାକୁ ଅଧିକ ଆକର୍ଷଣୀୟ କରିଥିଲେ। ଛାତ୍ରଛାତ୍ରୀମାନେ ହାତରେ ତ୍ରିରଙ୍ଗା ଧରି ଦେଶପ୍ରେମର ବାର୍ତ୍ତା ଦେଇ ତିରଙ୍ଗଯାତ୍ରାରେ ସାମିଲ ହୋଇଥିଲେ। ଯୁବପିଢ଼ିଙ୍କ ମଧ୍ୟରେ ଜାତୀୟତାବୋଧ ଓ ଦେଶପ୍ରେମର ଭାବନାକୁ ଆହୁରି ସୁଦୃଢ଼ କରିବା ଏହି ଅଭିଯାନର ଏକ ପ୍ରମୁଖ ଉଦ୍ଦେଶ୍ୟ ବୋଲି ଅଂଶଗ୍ରହଣକାରୀମାନେ ମତ ପ୍ରକାଶ କରିଥିଲେ ।ଚବକା ମନ୍ଦିରଠାରୁ ଆରମ୍ଭ ହୋଇଥିବା ଏହି ତ୍ରିରଙ୍ଗା ଯାତ୍ରା ରାଇଘର ସହରର ବିଭିନ୍ନ ଗ୍ରାମର ପଞ୍ଚାୟତ ସମିତି କାର୍ଯ୍ୟାଳୟ ପର୍ଯ୍ୟନ୍ତ ପହଞ୍ଚିଥିଲେ। ସେଠାରେ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ଧୂପ ଦୀପ ପ୍ରଜ୍ୱଳନ କରାଯିବା ସହ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ଏହାପରେ ଦେଶର ସ୍ୱାଧୀନତା ସଂଗ୍ରାମୀ ଓ ମହାନ ବ୍ୟକ୍ତିତ୍ୱମାନଙ୍କୁ ସ୍ମରଣ କରି ତ୍ରିରଙ୍ଗା ଯାତ୍ରାର କରାଯାଇଥିଲା ।ଘରେ ଘରେ ତ୍ରିରଙ୍ଗା ୨୦୨୬ ଅଭିଯାନ ମାଧ୍ୟମରେ ପ୍ରତ୍ୟେକ ଘରେ ଜାତୀୟ ପତାକା ଉତ୍ତୋଳନ କରି ଦେଶପ୍ରେମ ଓ ଜାତୀୟ ଏକତାର ଭାବନାକୁ ମଜବୁତ କରିବା ପାଇଁ ଆହ୍ୱାନ ଦିଆଯାଇଛି । ରାଇଘରର ଏହି ବ୍ଲକସ୍ତରୀୟ ତ୍ରିରଙ୍ଗା ଯାତ୍ରା ମାଧ୍ୟମରେ ସାଧାରଣ ଲୋକଙ୍କ ମଧ୍ୟରେ ଦେଶପ୍ରେମ ଓ ଜାତୀୟ ପତାକା ପ୍ରତି ସମ୍ମାନର ବାର୍ତ୍ତା ପହଞ୍ଚିଥିଲା। ସମଗ୍ର କାର୍ଯ୍ୟକ୍ରମଟି ଦେଶପ୍ରେମ ଓ ଉତ୍ସାହର ପରିବେଶ ମଧ୍ୟରେ ସମ୍ପନ୍ନ ହୋଇଥିବା ବେଳେ ଏଥିରେ ଜନପ୍ରତିନିଧି ପ୍ରଶାସନ ଶିକ୍ଷକ ଶିକ୍ଷୟିତ୍ରୀ ଛାତ୍ରଛାତ୍ରୀ ଓ ସାଧାରଣ ଲୋକଙ୍କ ସକ୍ରିୟ ଯୋଗଦାନ ଦେଖିବାକୁ ମିଳିଥିଲା।

## ବନବିଭାଗ ଦ୍ୱାରା ବିପୁଳ ଶାଳକାଠ ଜବତ,ଦୁଇ ଗିରଫ

**ହିନ୍ଦୋଳ,(ମହାଭାରତ):** ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ବନାଞ୍ଚଳ ଅନ୍ତର୍ଗତ କାନ୍ଦରାଶୁଣି ସଂରକ୍ଷିତ ଜଙ୍ଗଲରେ ଆଜି ମଧ୍ୟାହ୍ନ ରେ ହିନ୍ଦୋଳ ବନବିଭାଗର ଏକ ଟିମ ବିପୁଳ ପରିମାଣରେ ଶାଳଗଣ୍ଡୀ ଜବତ କରିବାସହ କାନ୍ଦରାଶୁଣି ଗ୍ରାମର ଦୁଇ ଜଣଙ୍କୁ ଅଟକ ରଖିଛି। ଏଥିସହ ଅଭିଯୁକ୍ତଙ୍କ ଠାରୁ ସାଇକେଲ ଏବଂ କୁରାଢ଼ୀ ଜବତ କରିଛି ବନବିଭାଗ। ଅଟକ ଥିବା ଦୁଇଜଣ ହେଲେ ରଙ୍ଗାଧର ବେହେରା ଓ କୁଞ୍ଜ ବେହେରାୟ ସୂଚନା ମୁତାବକ କାନ୍ଦରାଶୁଣି ସଂରକ୍ଷିତ ଜଙ୍ଗଲ ରୁ ପୂର୍ବରୁ ଅନେକ ମୂଲ୍ୟବାନ ଶାଳ, ପିଆଶାଳ, ଶାଗୁଆନ, ଖଙ୍ଗଡ଼ା ଭଳି ମୂଲ୍ୟବାନ କାଠ ଦୁର୍ବୃତ୍ତ ମାନେ ଚୋରି କରୁଥିବାର ଅଭିଯୋଗ ହୋଇଆସୁଥିଲା। ଅନେକଥର କାଠ ମାଫିଆ ମାନଙ୍କୁ ଧରିବାକୁ ବନବିଭାଗ ଜାଲ ବିଛାଇଥିବା ବେଳେ ମାଫିଆ ମାନେ ବନବିଭାଗ କୁ ଚକମା ଦେଇଆସୁଥିଲେ।

## ମୂଳ ନିବାସୀଙ୍କ ଆମୁସ ତିହାର୍

**ରାଇଘର,(ମହାଭାରତ):** ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକର ବିଭିନ୍ନ ଗ୍ରାମରେ କୃଷିଭିତ୍ତିକ ପର୍ବ ଚିତାଲାଗି ଅମାବାସ୍ୟା ବା ଆମୁଷ ତିହାର ଆଜି ନିରାଡମ୍ବର ଭାବେ ପାଳିତ ହୋଇଛି। ଧାନ ଓ ମକା ଫସଲ ଭଲ ଭାବେ ବଢ଼ିବା ସହ ରୋଗପୋକ ଦାଉରୁ ଫସଲକୁ ସୁରକ୍ଷା କରିବା ପାଇଁ ଚାଷୀମାନେ ନିଜ ନିଜ ବିଲରେ ପାରମ୍ପରିକ ରୀତିନୀତିରେ ପୂଜାର୍ଚ୍ଚନା କରିଛନ୍ତି ।ଚିତାଲାଗି ଅମାବାସ୍ୟା ଅବସରରେ ଚାଷୀମାନେ ବିଲ ମଝିରେ ଭାଲିଆ ଡାଳ ପୂଜା କରି ପୋତିଥାନ୍ତି। ଏହାଦ୍ୱାରା ଚାଷ ଜମିରେ ରୋଗପୋକ ହୁଏ ନାହିଁ ବୋଲି ଚାଷୀମାନଙ୍କ ମଧ୍ୟରେ ପାରମ୍ପରିକ ବିଶ୍ୱାସ ରହିଛି ।ସେହିପରି ଗ୍ରାମବାସୀମାନେ ଜଙ୍ଗଲରୁ ବିଭିନ୍ନ ପ୍ରକାର ଗଛର ଡାଳ ଓ ପତ୍ର ଆଣି ଘରର ଦ୍ୱାରବନ୍ଧ ଏବଂ ଗୁହାଳରେ ଲଗାଇଥିଲେୟ ଏହାଦ୍ୱାରା ଘରକୁ ରୋଗଜୀବାଣୁ ପ୍ରବେଶ କରିବା ସହ ଗାଈଗୋରୁଙ୍କୁ ଫାଟୁଆ ରୋଗ ହୁଏ ନାହିଁ ବୋଲି ଲୋକଙ୍କ ବିଶ୍ୱାସ ରହିଆସିଛି। ପୂଜାବିଧି ସମାପ୍ତ କରି ଗ୍ରାମବାସୀମାନେ ପର୍ବ ପାଳନ କରିଥିଲେୟଚିତାଲାଗି ଅମାବାସ୍ୟା ନବରଙ୍ଗପୁର ଜିଲ୍ଲା ର ଏକ ପ୍ରମୁଖ କୃଷିଭିତ୍ତିକ ଲୋକପର୍ବ ଭାବେ ପରିଚିତ୍।

## ବ୍ଲକ ସ୍ତରୀୟ ଘର ଘର୍ ତ୍ରିରଙ୍ଗାର ଯାତ୍ରା

**ଜୁନାଗଡ଼ (ମହାଭାରତ):** କଳାହାଣ୍ଡି ଜିଲ୍ଲା ଜୁନାଗଡ଼ ଠାରେ ବ୍ଲକସ୍ତରୀୟ ଘର ଘର ତ୍ରିରଙ୍ଗା କାର୍ଯ୍ୟକ୍ରମ ବୁଧବାର ମହାଆଡ଼ମ୍ବରରେ ପାଳିତ ହୋଇଯାଇଛି ।ଦେଶପ୍ରେମ ଓ ଜାତୀୟତାର ବାର୍ତ୍ତା ନେଇ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜୁନାଗଡ଼ ବ୍ଲକର ବିଭିନ୍ନ କର୍ମଚାରୀ ଉତ୍ସାହର ସହ ସାମିଲ ହୋଇଥିଲେ,ଜୁନାଗଡ଼ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦେବାଶିଷ କରଙ୍କ ସଭାପତିତ୍ୱରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ପ୍ରଥମେ ଜୁନାଗଡ଼ ବ୍ଲକ କାର୍ଯ୍ୟାଳୟ ପରିସରରୁ ତ୍ରିରଙ୍ଗା ପତାକା ଧରି ଏକ ସଚେତନତା ରାଲି ବାହାରିଥିଲାୟ ରାଲିରେ ବ୍ଲକର ସମସ୍ତ କର୍ମଚାରୀ ଉତ୍ସାହର ସହ ଯୋଗଦେଇ ଦେଶର ଏକତା, ଅଖଣ୍ଡତା ଓ ଦେଶପ୍ରେମର ବାର୍ତ୍ତା ପ୍ରଚାର କରିଥିଲେ। ଏହି ରାଲି ବ୍ଲକ କାର୍ଯ୍ୟାଳୟରୁ ବାହାରି ସ୍ଥାନୀୟ ଲଙ୍କେଶ୍ୱରୀ ମନ୍ଦିର ପର୍ଯ୍ୟନ୍ତ ଯାଇଥିଲା। ରାସ୍ତାରେ କର୍ମଚାରୀମାନେ ହାତରେ ତ୍ରିରଙ୍ଗା ପତାକା ଧରି ଘର ଘର ତ୍ରିରଙ୍ଗା ଅଭିଯାନରେ ସମସ୍ତଙ୍କୁ ସାମିଲ ହେବା ପାଇଁ ବାର୍ତ୍ତା ଦେଇଥିଲେ। ଦେଶର ଜାତୀୟ ପତାକା ପ୍ରତି ସମ୍ମାନ ଓ ନାଗରିକଙ୍କ ମନରେ ଦେଶପ୍ରେମର ଭାବନାକୁ ଆହୁରି ଦୃଢ଼ କରିବା ଏହି ଅଭିଯାନର ମୁଖ୍ୟ ଉଦ୍ଦେଶ୍ୟ ବୋଲି କୁହାଯାଇଥିଲା ।ବ୍ଲକସ୍ତରରେ ଆୟୋଜିତ ଏହି ତ୍ରିରଙ୍ଗା ରାଲି ଓ କାର୍ଯ୍ୟକ୍ରମକୁ ବ୍ଲକ କର୍ମଚାରୀମାନଙ୍କ ସକ୍ରିୟ ସହଯୋଗରେ ସଫଳତାର ସହ ସମ୍ପନ୍ନ କରାଯାଇଥିଲା।

## ସାଇବର ସଚେତନତା ଶିବିର

**ଫୁଲନଖରା,:** ସାଇବର ଅପରାଧରୁ ସାଧାରଣ ଲୋକଙ୍କୁ ରକ୍ଷା କରିବା ପାଇଁ କଟକ ସଦର ଥାନା ପକ୍ଷରୁ ବ୍ରାହ୍ମଣଝରିଲା ବିଟ୍ ହାଉସ୍ରେ ଏକ ସଚେତନତା ଶିବିର ଆୟୋଜିତ ହୋଇଯାଇଛି। ଥାନା ଅଧିକାରୀ ତୁଷାରକାନ୍ତ ସେଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବରିଷ୍ଠ ନାଗରିକମାନଙ୍କୁ ଅନଲାଇନ୍ ଠକେଇରୁ ବଞ୍ଚିବା ପାଇଁ ସତର୍କ କରାଯାଇଥିଲା ।ଶିବିରରେ କାହା ସହ ଓଟିପି କିମ୍ବା ବ୍ୟାଙ୍କ ତଥ୍ୟ ଶେୟାର ନକରିବା, ଅଜଣା ଲିଙ୍କ୍ କ୍ଲିକ୍ ନକରିବା ଏବଂ ଠକେଇ ହେଲେ ତୁରନ୍ତ ୧୯୩୦ ନମ୍ବରରେ ଅଭିଯୋଗ କରିବାକୁ ପୋଲିସ ପରାମର୍ଶ ଦେଇଛି। ଏହି ଅବସରରେ ବରିଷ୍ଠ ନାଗରିକ ସଂଗଠନର କର୍ମକର୍ତ୍ତା, ସ୍ଥାନୀୟ ସରପଞ୍ଚ ଓ ଅଞ୍ଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।

## ରାସନ କାର୍ଡ ଥିଲେ ମଧ୍ୟ ମିଳୁନି ଚାଉଳ, ଦିବ୍ୟାଙ୍ଗ ବ୍ୟକ୍ତିଙ୍କ ଦୁଃଖ ଏଠି କିଏ ବୁଝିବ

**ପାଟଣାଗଡ,(ମହାଭାରତ):** ବଲାଙ୍ଗୀର ଜିଲ୍ଲା ପାଟଣାଗଡ଼ ବ୍ଲକ ଅନ୍ତର୍ଗତ ବାଲିପଟା ଗାଁର ଜଣେ ଦିବ୍ୟାଙ୍ଗ ବ୍ୟକ୍ତିଙ୍କର ଗୋଟିଏ ଗୋଡ଼ ନାହିଁ । ସରକାରୀ ରାସନ କାର୍ଡ ଥିବା ସ□ତ୍ତ ସେ ନିୟମିତ ଭାବରେ ରାସନ ଚାଉଳ ପାଉ ନ ଥିବା ଅଭିଯୋଗ କରିଛନ୍ତି ।ଆର୍ଥିକ ଦୁର୍ବଳତା ଏବଂ ଶାରୀରିକ ଅସମର୍ଥତା ଯୋଗୁଁ ତାଙ୍କ ପରିବାର ଦୈନନ୍ଦିନ ଜୀବନରେ ବହୁ ସମସ୍ୟାର ସମ୍ମୁଖୀନ ହେଉଛି । ଦିବ୍ୟାଙ୍ଗ ବ୍ୟକ୍ତିଙ୍କ କହିବା ଅନୁଯାୟୀ, ରାସନ କାର୍ଡ ଥିଲେ ମଧ୍ୟ ଦୀର୍ଘ ଦିନ ଧରି ଚାଉଳ ବଣ୍ଟନରୁ ବଞ୍ଚିତ ହେଉଛନ୍ତି । ଏହାକୁ ନେଇ ସେ ସମ୍ପୃକ୍ତ ବିଭାଗ ଓ ପ୍ରଶାସନ ନିକଟରେ ନ୍ୟାୟ ଦାବି କରିଛନ୍ତି । ସ୍ଥାନୀୟ ଲୋକମାନେ ମଧ୍ୟ ଏହି ଘଟଣା ପ୍ରତି ଅସନ୍ତୋଷ ପ୍ରକାଶ କରି ଯୋଗ୍ୟ ହିତାଧିକାରୀଙ୍କୁ ସରକାରୀ ସୁବିଧା ଯଥାଶୀଘ୍ର ପ୍ରଦାନ କରିବାକୁ ପ୍ରଶାସନକୁ ଅନୁରୋଧ କରିଛନ୍ତି ।

## ମିଳୁନି ଭତ୍ତା: ଦୁର୍ଦ୍ଦିନରେ ବୃଦ୍ଧ,ବୃଦ୍ଧା ଓ ଭିନ୍ନକ୍ଷମ

**କେନ୍ଦ୍ରାପଡ଼ା,:** ବିଗତ ୪ମାସ ହେବ ମିଳୁନି ବାର୍ଦ୍ଧକ୍ୟ, ବିଧବା ଓ ଭିନ୍ନକ୍ଷମ ଭତ୍ତା। ଫଳରେ ବୃଦ୍ଧ, ବୃଦ୍ଧା ଓ ଭିନ୍ନକ୍ଷମମାନେ ଦୁର୍ଦ୍ଦିନ ମଧ୍ୟରେ ଗତି କରୁଥିବା ଦେଖିବାକୁ ମିଳିଛି। ପରିଣତ ବୟସରେ ପ୍ରତ୍ୟେକ ମାସରେ ମିଳୁଥିବା ଏହି ଭତ୍ତା ଗଣ୍ଡାକୁ ଆଶ୍ରାକରି ସେମାନେ କୌଣସି ପ୍ରକାର ଚଳି ଯାଉଥିଲେ। କିନ୍ତୁ ଗତ ୪ମାସ ହେବ ଭତ୍ତା ଗଣ୍ଡାକ ନମିଳିବାରୁ ଏହା ଉପରେ ଆଶ୍ରାକରି ଜୀବନ ବିତାଉଥିବା ବୃଦ୍ଧ, ବୃଦ୍ଧା ଓ ଭିନ୍ନକ୍ଷମମାନେ ନାହିଁନଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ରାଜ୍ୟ ଓ କେନ୍ଦ୍ର ସରକାର ସମାଜର ଅସହାୟ, ନିଃସ୍ୱ, ଦରିଦ୍ୟ ଓ ଭିନ୍ନକ୍ଷମମାନଙ୍କୁ ସାମାଜିକ ନିରାପତ୍ତା ଯୋଗାଇ ଦେଇ ସେମାନଙ୍କ ମୁହଁରେ ଟିକେ ହସ ଫୁଟାଇବା ନିମନ୍ତେ ଏଭଳି ଯୋଜନାମାନ ପ୍ରଣୟନ କରିଛନ୍ତି। କିନ୍ତୁ ଏହିସବୁ ସାମାଜିକ ନିରାପତ୍ତା ଯୋଜନାର ସୁଫଳ ଯଦି ସେହିମାନଙ୍କୁ ନମିଳେ ଯାହାଙ୍କ ପାଇଁ ଏହା ପ୍ରଣୟନ ହୋଇଛି ତେବେ ଏତେସବୁ ଯୋଜନା କେବଳ ଯାହା ଲକ୍ଷ୍ୟଭ୍ରଷ୍ଟ ହେବା ବ୍ୟତୀତ ଆଉ କିଛି ମାନେ ନାହିଁ ବୋଲି ଭତ୍ତା ଯୋଜନାରେ ସାମିଲ ହୋଇଥିବା ହିତାଧିକାରୀଙ୍କ ପରିବାର ସଦସ୍ୟ କହିଛନ୍ତି। ସରକାରଙ୍କ ଏଭଳି ଯୋଜନାରେ ଯୋଡି ହୋଇଥିବା ନିଃସ୍ୱ, ଅସହାୟ, ଅବହେଳିତ ବୃଦ୍ଧ, ବୃଦ୍ଧା ଓ ଭିନ୍ନକ୍ଷମମାନେ ଯଦି ସେଥିରୁ ବଞ୍ଚିତ ହୁଅନ୍ତି ଓ ଏହାମଧ୍ୟରେ କିଛି ଅଘଟଣ ଘଟେ ତେବେ ଏଭଳି ଯୋଜନାର ମୂଲ୍ୟ କ'ଣ ବୋଲି ହିତାଧିକାରୀମାନେ ପ୍ରଶ୍ନ କରିଛନ୍ତି ।୬୦ବର୍ଷରୁ ଊର୍ଦ୍ଧ୍ୱ ବ୍ୟକ୍ତିଙ୍କୁ ମାସିକ ମାତ୍ର ଏକ ହଜାର ଟଙ୍କା, ୮୦ବର୍ଷରୁ ଊର୍ଦ୍ଧ୍ୱ ବ୍ୟକ୍ତିଙ୍କୁ ମାତ୍ର ମାସିକ ସାଢେ ୩ହଜାର ଟଙ୍କା ଯୋଗାଇବାରେ ବିଜେପି ସରକାର ବିଫଳ ହୋଇଛି ବୋଲି ବରିଷ୍ଠ କଂଗ୍ରେସ ନେତା ଫକୀର ଚରଣ ଖଟୁଆ କହିଛନ୍ତି। ସେ କହିଛନ୍ତି ଯେଉଁ ରାଜ୍ୟରେ ସରକାର ବୃଦ୍ଧ, ବୃଦ୍ଧା ଓ ଭିନ୍ନକ୍ଷମ ଅସହାୟମାନଙ୍କ ବିପଦରେ ଛିଡା ହୋଇପାରୁ ନାହାନ୍ତି ସେଠାରେ ସରକାର ଅନ୍ୟ ଦିଗ ପ୍ରତି କିପରି ଯତ୍ନବାନ ହେବେ। ତେଣୁ ବାସ୍ତବରେ ବିଜେପି ସରକାର ଚଳାଇବାରେ ନିଜକୁ ଭିନ୍ନକ୍ଷମ ବୋଲି ପରିଚୟ ଦେଇଛି। ଏହି ଭିନ୍ନକ୍ଷମ ସରକାର କିପରି ଭିନ୍ନକ୍ଷମ ଲୋକମାନଙ୍କୁ ଭତ୍ତା ଦେବ ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ପରିଣତ ବୟସରେ ଏହି ଭତ୍ତା ଉପରେ ନିର୍ଭରକରି ଚଳୁଥିବା ୮୬ବର୍ଷର ବୃଦ୍ଧ ଭରତପୁର ଗ୍ରାମପଞ୍ଚାୟତର ଜଗନ୍ନାଥପୁର ଗ୍ରାମର ରାଜକିଶୋର ମହାନ୍ତି, ହରିଡାଦଣ୍ଡା ଗ୍ରାମର ଶରତ ସାମଲ, ଭରତପୁର ଗ୍ରାମର ଶ୍ରୀଧର କୁମାର ସ୍ୱାଇଁଙ୍କ ସମେତ ବହୁ ଭିନ୍ନକ୍ଷମ, ବୃଦ୍ଧ ଓ ବୃଦ୍ଧାମାନେ ଏ ନେଇ ପ୍ରଶାସନ ଓ ସରକାରଙ୍କୁ ପ୍ରଶ୍ନ କରିଛନ୍ତି। ଏସମ୍ପର୍କରେ କେନ୍ଦ୍ରାପଡା ବିଡିଓ ଅଭିଷେକ ସ୍ୱାଇଁଙ୍କୁ ପଚାରିବାରେ ସେ କହିଲେ ରାଜ୍ୟ ସ୍ତରରୁ ଭତ୍ତା ହିତାଧିକାରୀଙ୍କ ଆକାଉଣ୍ଟକୁ ଅର୍ଥ ଆସୁନି। କିଛି ବୈଷୟିକ ତ୍ରୁଟି ଯୋଗୁଁ ଏଭଳି ହୋଇଛି। ଆମେ ଏସମ୍ପର୍କରେ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅବଗତ କରାଇଛୁ। ଖୁବଶୀଘ୍ର ଏହି ସମସ୍ୟାର ସମାଧାନ ହୋଇଯିବ ବୋଲି ବିଡିଓ ଶ୍ରୀ ସ୍ୱାଇଁ କହିଛନ୍ତି।

## କର୍ଣ୍ଣାଟକରେ ଗୁଟଖା ବ୍ୟାନ

ବେଙ୍ଗାଲୁରୁ : କର୍ଣ୍ଣାଟକ ସରକାରଙ୍କ ବଡ଼ ନିଷ୍ପତ୍ତି । ବର୍ଷକ ପାଇଁ ରାଜ୍ୟରେ ତମାଖୁ ଓ ନିକୋଟିନ ସାମଗ୍ରୀ ଥିବା ସମସ୍ତ ପ୍ରକାର ଗୁଟଖା ଓ ପାନ ମସଲା ଉପରେ ବ୍ୟାନ ଲଗାଇଛନ୍ତି । ଅଗଷ୍ଟ ୧୦ ତାରିଖରେ ଏକ ବିଜ୍ଞପ୍ତି ଜାରି କରି ସରକାର ଏହି ସୂଚନା ଦେଇଛନ୍ତି । ବର୍ଷେ ଯାଏଁ କର୍ଣ୍ଣାଟକରେ ଏହି ନିୟମ ଲାଗୁ ରହିବ । ଲୋକଙ୍କ ସ୍ୱାସ୍ଥ୍ୟ ହିତରେ ଏହି ବ୍ୟାନ ଲଗାଯାଇଛି ବୋଲି କର୍ଣ୍ଣାଟକ ସରକାର ଘୋଷଣା କରିଛନ୍ତି । ଏହିସବୁ ସାମଗ୍ରୀର ବିକ୍ରି, ଡିଷ୍ଟ୍ରିବ୍ୟୁସନ ଓ ପ୍ରଡକ୍ସନ ଉପରେ ବ୍ୟାନ୍ ଲାଗିଥିବା ବେଳେ ବ୍ୟବହାର ଉପରେ କିନ୍ତୁ ରୋକ ଲଗାଯାଇ ନାହିଁ । ବ୍ୟବହାର ନେଇ ସରକାରୀ ବିଜ୍ଞପ୍ତିରେ କୌଣସି ସୂଚନା ଦିଆଯାଇ ନାହିଁ। ଖାଦ୍ୟ ସୁରକ୍ଷା ଏବଂ ଡ୍ରଗ୍ସ ଆଡମିନିଷ୍ଟ୍ରେସନ୍ ବିଭାଗର ଫୁଡ୍ ସେଫ୍‌ଟି ଡିଭିଜନ୍ ତରଫରୁ ଗୁଟଖା, ପାନ୍ ମସଲା ଏବଂ ତମାଖୁ କିମ୍ବା ନିକୋଟିନ୍ ଥିବା ଅନ୍ୟାନ୍ୟ ନିଷିଦ୍ଧ ସାମଗ୍ରୀର ଉତ୍ପାଦନ, ସଂରକ୍ଷଣ, ପରିବହନ, ବଣ୍ଟନ ଓ ବିକ୍ରି ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି । ଖାଦ୍ୟ ସୁରକ୍ଷା ଅଧିକାରୀ (ଊଝଙ) ମାନଙ୍କ ନେତୃତ୍ୱରେ ସାରା କର୍ଣ୍ଣାଟକରେ ଏଥିପାଇଁ ସ୍ୱତନ୍ତ୍ର ଯାଞ୍ଚ ଏବଂ ଚଢ଼ାଉ ଅଭିଯାନ ଜାରି ରହିଛି । କେବଳ ପ୍ରତ୍ୟକ୍ଷ ଗୁଟଖା ନୁହେଁ, ବରଂ ଅଲଗା ଅଲଗା ପ୍ୟାକେଟରେ ବିକ୍ରି ହେଉଥିବା ଏବଂ ଗ୍ରାହକ ନିଜେ ମିଶାଇ ବ୍ୟବହାର କରୁଥିବା ନିକୋଟିନ୍ କିମ୍ବା ତମାଖୁଯୁକ୍ତ ସମସ୍ତ ପ୍ରକାର ଉତ୍ପାଦ ଉପରେ ଏହି କଟକଣା ଲାଗୁ ହେବ । ଯେପରି ଆଗାମୀ ଦିନରେ ନିୟମରେ କୌଣସି ଉଲଘଂନ ନହୁଏ ସେନେଇ କର୍ଣ୍ଣାଟକ ସରକାର କଡ଼ା ନଜର ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଖାଦ୍ୟ ସୁରକ୍ଷା ଓ ମାନକ ଆଇନ୍, ୨୦୦୬ର ଧାରା ୩୦(୨)(ବ) ଏବଂ ଖାଦ୍ୟ ସୁରକ୍ଷା ଓ ମାନକ (ବିକ୍ରି ପ୍ରତିବନ୍ଧକ ଏବଂ କଟକଣା) ନିୟମାବଳୀ, ୨୦୧୧ର ନିୟମ ୨.୩.୪ ଅନୁଯାୟୀ ବିଭାଗ ପକ୍ଷରୁ ଅଗଷ୍ଟ ୧୦ ତାରିଖରେ ଏହି ସରକାରୀ ବିଜ୍ଞପ୍ତି ଜାରି କରାଯାଇଛି ।

## ସିଜେପି ମୁଖ୍ୟଙ୍କ ଘୋଷଣା, ପୁଣି ଜନ୍ତର-ମନ୍ତରରେ ଆରମ୍ଭ ହେବାକୁ ଯାଉଛି ଆନ୍ଦୋଳନ ଭାଗ-୨

ନୂଆଦିଲ୍ଲୀ : କକରୋଚ୍ ଜନତା ପାର୍ଟି (ଉଔଚ)ର ପ୍ରତିଷ୍ଠାତା ଅଭିଜିତ ଦୀପକ୍ ବୁଧବାର (୧୨ ଅଗଷ୍ଟ, ୨୦୨୬) ଏକ ବଡ଼ ଘୋଷଣା କରିଛନ୍ତି। ସେ କହିଛନ୍ତି, ଇନ୍‌ଷ୍ଟାଗ୍ରାମରେ ଅନେକ ଲୋକ କମେଣ୍ଟ କରି ପଚାରୁଥିଲେ ଯେ 'ଜନ୍ତର ମନ୍ତର'ର ସିଜନ୍-୨ କେବେ ଆରମ୍ଭ ହେବ ତେଣୁ ସେମାନଙ୍କୁ ଜଣାଇ ଦେଉଛି ଯେ, 'ଜନ୍ତର ମନ୍ତର'ର ସିଜନ୍-୨ ଖୁବଶୀଘ୍ର ଆରମ୍ଭ ହେବାକୁ ଯାଉଛି। ସିଜେପିର ସଂସ୍ଥାପକ ଅଭିଜିତ୍ ଦୀପକେ ଦିଲ୍ଲୀରେ ପାର୍ଟିର କାର୍ଯ୍ୟକର୍ତ୍ତାଙ୍କୁ ଭେଟିବାକୁ ଚେଷ୍ଟା କରୁଥିବା ବେଳେ ବିଜେପି ଓ ଗମ୍ଭୀର ଅଭିଯୋଗ କରିଛନ୍ତି । ସେ କହିଛନ୍ତି କି, ପାର୍ଟିର ବୈଠକ ବନ୍ଦ କରିବାକୁ ଚାପ ପଡୁଛି, ଯେଉଁଠି ଘର ଭଡ଼ାରେ ନେଇ ବୈଠକ କରିବାକୁ ଚେଷ୍ଟା କରାଯାଉଛି, ସେ ଘର ମାଲିକଙ୍କୁ ବିଜେପି ନେତାମାନେ ଧମକ ଦେଉଛନ୍ତି । ଦୀପକେ କହିଛନ୍ତି, ଏଥିରୁ ସ୍ପଷ୍ଟ ଯେ, ବିଜେପି ଦେଶର ଯୁବବର୍ଗଙ୍କୁ ଭୟ କରୁଛି, ଯଦି ବିଜେପିକୁ ଲାଗୁଛି କି, ଏଭଳି ଛୋଟ ଛୋଟ ପ୍ରତିବନ୍ଧକ ଲଗାଇବା ଦ୍ୱାରା ଦେଶର ଯୁବକ ଭୟ କରିବେ ତେବେ ତାହା ବିଜେପିର ଭୁଲ ଚିନ୍ତାଧାରା । ଅଭିଜିତ୍ ଦୀପକେଙ୍କ ଏଭଳି ବୟାନକୁ ନେଇ ବିଜେପି ତରଫରୁ କୌଣସି ପ୍ରତିକ୍ରିୟା ଆସିନାହିଁ ।

## ସିରିଆର ପୂର୍ବତନ ରାଷ୍ଟ୍ରପତି ବଶର ଅଲ ଅସଦଙ୍କୁ ମୃତ୍ୟୁ ଦଣ୍ଡାଦେଶ

ନୂଆଦିଲ୍ଲୀ : ସିରିଆର ପୂର୍ବତନ ରାଷ୍ଟ୍ରପତି ବଶର ଅଲ ଅସଦ ଏବଂ ତାଙ୍କ ଭାଇ ମୋହର ଅଲ ଅସଦଙ୍କୁ ମୃତ୍ୟୁଦଣ୍ଡ ଶୁଣାଇଛନ୍ତି କୋର୍ଟ । ୧୧ ଅଗଷ୍ଟ ୨୦୨୬ରେ ଦାମାସ୍କସର ଏକ ଅଦାଲତ ତାଙ୍କ ଅନୁପସ୍ଥିତିରେ ମୃତ୍ୟୁଦଣ୍ଡ ଶୁଣାଇଛନ୍ତି । ଏହା ତାଙ୍କ ବିରୋଧରେ ସିରିଆରେ ହୋଇଥିବା ପ୍ରଥମ ବଡ଼ ଦଣ୍ଡାଦେଶ ବୋଲି ରିପୋର୍ଟରେ କୁହାଯାଇଛି । ଅଦାଲତ ଅସଦଙ୍କୁ ପୂର୍ବତନ ସିରିଆ ଗୃହଯୁଦ୍ଧ ସମୟର ଗୁରୁତର ଅପରାଧ ସହ ଜଡ଼ିତ ଥିବା ମାମଲାରେ ଦୋଷୀ ସାବ୍ୟସ୍ତ କରିଛନ୍ତି । ସିରିଆ ଗୃହଯୁଦ୍ଧ ସମୟରେ ପ୍ରାୟ ୫ ଲକ୍ଷଙ୍କ ଜୀବନ ଚାଲିଯାଇଥିଲା । ଏହି ମାମଲାରେ ଅସଦଙ୍କ ମାମୁ ପୁଅ ଭାଇ ଆତିଫ ନଜୀବଙ୍କୁ ମୃତ୍ୟୁଦଣ୍ଡ ମିଳିଥିଲା । ଏମାନଙ୍କ ଉପରେ ଲାଗିଥିବା ଅଭିଯୋଗଗୁଡ଼ିକ ମଧ୍ୟରେ ପୂର୍ବପରି କଳ୍ପିତ ହତ୍ୟା, ନିର୍ଯାତନା, ମନମୁଖୀ ଗିରଫ ଏବଂ ମାନବତା ବିରୋଧୀ ଅପରାଧ ରହିଛି । ଏହି ମାମଲାରେ ଅସଦଙ୍କ ସାନଭାଇ ମାହେର ଅଲ ଅସଦ ଏବଂ ପୂର୍ବତନ ସୁରକ୍ଷା ଅଧିକାରୀ ଆତେଫ ନଜୀବଙ୍କୁ ମଧ୍ୟ ମୃତ୍ୟୁଦଣ୍ଡ ଦିଆଯାଇଛି । ୧୫ ବର୍ଷରୁ କମ୍ ବୟସର ଶିଶୁମାନଙ୍କୁ ହତ୍ୟା କରିବା ଏବଂ ଅମାନୁଷିକ ନିର୍ଯାତନା ଦେଇ ମାରିଦେବା ଅଭିଯୋଗରେ ତାଙ୍କୁ ଦୋଷୀ ସାବ୍ୟସ୍ତ କରାଯାଇଛି। ୨୦୨୪ ଡିସେମ୍ବରରେ ବିଦ୍ରୋହୀ ଆକ୍ରମଣ ପରେ ବଶର ଅଲ ଅସଦ କ୍ଷମତାରୁ ହଟିଥିଲେ ଏବଂ ପରେ ରୁଷିଆକୁ ଯାଇଥିଲେ । ତେଣୁ ସେ ଅଦାଲତରେ ଉପସ୍ଥିତ ନଥିବାରୁ ଏହି ରାୟ ସଭ ବଭସ୍ବରଭସ୍ବସବ ଭାବେ ଦିଆଯାଇଛି । ହାଫେଜ ଅଲ-ଅସଦ ଏବଂ ତାଙ୍କ ପୁଅ ବଶାର ଅଲ-ଅସଦ ପ୍ରାୟ ୫୦ ବର୍ଷରୁ ଅଧିକ ସମୟ ଧରି ସିରିଆରେ ଶାସନ କରିଥିଲେ।

## ଭାରତ-ବାଂଲା ସୀମାରେ ସନ୍ଦିଗ୍ଧ ପାକିସ୍ତାନୀକୁ ଧରିଲା ବେଙ୍ଗଲ ଏସ୍‌ଟିଏଫ୍

କୋଲକାତା: ଭାରତ-ବାଂଲାଦେଶ ସୀମା ନିକଟରୁ ଜଣେ ସନ୍ଦିଗ୍ଧ ପାକିସ୍ତାନୀନାଗରିକ ସମେତ ୨ ଜଣଙ୍କୁ ପଶ୍ଚିମବଙ୍ଗ ପୁଲିସର ସ୍ୱତନ୍ତ୍ର ଟାସ୍କ ଫୋର୍ସ (ଏସ୍‌ଟିଏଫ୍) ବୁଧବାର ଧରିଛି। ଅଧିକାରୀଙ୍କ ସୂଚନା ଅନୁସାରେ, ପାକିସ୍ତାନର ଫୈସଲାବାଦର ବାସିନ୍ଦା ରାଣା ରୌଫ୍ ଓରଫ୍ ୱାହାବ ଆଲମ୍‌କୁ ଉତ୍ତର ୨୪ ପ୍ରଗଣା ଜିଲ୍ଲାର ବନଗାଁ ଅଞ୍ଚଳରୁ ଧରାଯାଇଛି। ଅନ୍ୟ ଜଣକୁ ମଙ୍ଗଳବାର ବିଳମ୍ବିତ ରାତିରେ କୋଲକାତାର ଟପ୍‌ସିଆ ଅଞ୍ଚଳରୁ ଧରାଯାଇଥିବା ଜଣାପଡ଼ିଛି। ଏସ୍‌ଟିଏଫ୍ ଅଧିକାରୀଙ୍କ କହିବା ଅନୁସାରେ, ନିର୍ଦ୍ଦିଷ୍ଟ ସୂଚନା ପାଇବା ପରେ ବନଗାଁ ଅଞ୍ଚଳରେ ତଲାସି କରାଯାଇ ରୌଫ୍‌କୁ ଧରାଯାଇଥିଲା। ତା'ର ପାକିସ୍ତାନୀ ଗୁଇନ୍ଦା ସଂସ୍ଥା ଆଇଏସ୍‌ଆଇ ସହ ସମ୍ପର୍କ ଥିବା ନେଇ ତଦନ୍ତକାରୀମାନେ ସନ୍ଦେହ କରୁଛନ୍ତି। ଭାରତରେ ତା'ର ଗତିବିଧି, ଯୋଗାଯୋଗ ଓ ଅନ୍ୟ କାର୍ଯ୍ୟକଳାପର ଯାଞ୍ଚ କରାଯାଉଛି। ତଦନ୍ତକାରୀଙ୍କ ଅନୁସାରେ, ରୌଫ୍ ୨୦୧୨ରେ ନେପାଳ ଦେଇ ବେଆଇନ ଭାବେ ଭାରତରେ ପ୍ରବେଶ କରିଥିଲା। ଭାରତ ଆସିବା ପୂର୍ବରୁ ସେ କିଛି ସମୟ ନେପାଳରେ ରହିଥିଲା। ପରେ ପଶ୍ଚିମବଙ୍ଗରେ ରହିବା ଆରମ୍ଭ କରିଥିବା ଜଣେ ଅଧିକାରୀ କହିଛନ୍ତି। ରୌଫ୍ ଦେଶର ବିଭିନ୍ନ ଟ୍ରେନ୍ ଓ ସଶସ୍ତ୍ର ବାହିନୀର ଗତିବିଧି ଉପରେ ନଜର ରଖୁଥିବା ତଦନ୍ତକାରୀମାନେ ଜାଣିବାକୁ ପାଇଛନ୍ତି। ସେ କେଉଁ ପ୍ରକାରର ସୂଚନା ସଂଗ୍ରହ କରୁଥିଲା ଏବଂ ସେହି ସୂଚନା ଦେଶ ବାହାରେ କାହାକୁ ପଠାଯାଉଥିଲା କି ନାହିଁ, ତାହା ଯାଞ୍ଚ ଚାଲିଛି। ଟପ୍‌ସିଆରୁ ଧରାଯାଇଥିବା ଦ୍ୱିତୀୟ ବ୍ୟକ୍ତିର ପରିଚୟ ଏଯାଏଁ ପ୍ରକାଶ କରାଯାଇନାହିଁ। ତା'ର ରୌଫ୍ ସହ ସିଧାସଳଖ ଯୋଗାଯୋଗ ଥିବା ଏବଂ ସେ ବିଭିନ୍ନ ଉପାୟରେ ରୌଫ୍‌କୁ ସହାୟତା କରୁଥିବା ଅଭିଯୋଗ ରହିଛି।

# ଜେପିସିକୁ ଗଲା ଏଫସିଆର୍‌ଏ ବିଲ୍ : ସଂସଦରେ ବିରୋଧୀ ଦଳଙ୍କ ହୋହଲ୍ଲା ମଧ୍ୟରେ ପ୍ରସ୍ତାବ ପାରିତ



ନୂଆଦିଲ୍ଲୀ, ୧୨/୦୮: ଲୋକସଭାରେ ପ୍ରବଳ ହଟ୍ଟଗୋଳ ମଧ୍ୟରେ ବିଦେଶୀ ଅନୁଦାନ (ନିୟନ୍ତ୍ରଣ) ସଂଶୋଧନ ବିଲ୍ (ଏଫ୍‌ସିଆର୍‌ଏ) ୨୦୨୬କୁ ଯୁଗ୍ମ ସଂସଦୀୟ କମିଟି (ଜେପିସି)କୁ ପଠାଯାଇଛି। ବୁଧବାର ବିରୋଧୀ ସାଂସଦଙ୍କ ତୀବ୍ର ବିରୋଧ ଓ ପ୍ରବଳ ହଟ୍ଟଗୋଳ ମଧ୍ୟରେ କେନ୍ଦ୍ର ସରକାର ଲୋକସଭାରେ ଏକ ପ୍ରସ୍ତାବ ଆଗତ କରିଥିଲା। ଆଗତ ପ୍ରସ୍ତାବକୁ ବାଚନିକ ଭୋଟ ମାଧ୍ୟମରେ ଗୃହୀତ କରାଯାଇଥିଲା। ଏଫସିଆର୍‌ଏ ବିଲ୍‌କୁ ନେଇ ସମାଜବାଦୀ ପାର୍ଟି ମୁଖ୍ୟ ଅଖିଳେଶ ଯାଦବ ଓ ସଂସଦୀୟ ବ୍ୟାପାର ମନ୍ତ୍ରୀ କିରେନ୍ ରିଜିଜୁଙ୍କ ମଧ୍ୟରେ ତୀବ୍ର ଯୁକ୍ତିତର୍କ ହୋଇଥିଲା। ସରକାର ସଂଖ୍ୟାଲଘୁଙ୍କୁ ଟାର୍ଗେଟ କରି ଏହି ବିଲ୍ ଆଣିଥିବା ଅଖିଳେଶ ଯୁକ୍ତି ରଖିଥିଲେ। ଅଖିଳେଶ କହିଥିଲେ, ସମଗ୍ର ବିରୋଧୀ ଦଳ ଏହି ବିଲ୍‌କୁ ବିରୋଧ କରୁଛି। ଏହି ସରକାର ଏପର୍ଯ୍ୟନ୍ତ କେଉଁ ବିଲ୍ ଆଣିଛି ଯାହା ସଂଖ୍ୟାଲଘୁଙ୍କ ବିରୋଧରେ ନୁହେଁ ବୋଲି ପ୍ରଶ୍ନ କରିଥିଲେ। ରିଜିଜୁ ଜବାବରେ କହିଥିଲେ ଯେ, ବିରୋଧୀ ଦଳ ଗୃହକୁ ଭ୍ରମିତ କରୁଛନ୍ତି। ମୁଁ ଅଖିଳେଶ ଯାଦବଙ୍କୁ ଚ୍ୟାଲେଞ୍ଜ କରୁଛି ଯେ, ସେ ଆମକୁ ସଂଖ୍ୟାଲଘୁଙ୍କ ବିରୋଧରେ ଥିବା ଗୋଟିଏ ବିନ୍ଦୁ କୁହନ୍ତୁ। ସେ ଏହା ମଧ୍ୟ କହିଥିଲେ ଯେ, ସଂଖ୍ୟାଲଘୁଙ୍କୁ ଟାର୍ଗେଟ କରିବାର କୌଣସି ପ୍ରଶ୍ନ ଉଠୁନାହିଁ ଓ ଦେଶ ଏକ ଆଇନଗତ ଢାଞ୍ଚା ବିନା ବିଦେଶୀ ପାଣ୍ଠିକୁ ଦେଶକୁ ଆସିବାକୁ ଦେଇପାରିବ ନାହିଁ। ପୂର୍ବରୁ ଲୋକସଭା ମୁଲତବୀ ହେବା ପରେ କାର୍ଯ୍ୟ ଆରମ୍ଭ ହେବା ପରେ କେନ୍ଦ୍ର ଗୃହ ରାଷ୍ଟ୍ରମନ୍ତ୍ରୀ ନିତ୍ୟାନନ୍ଦ ରାୟ ଏଫସିଆର୍‌ଏ ବିଲ୍‌କୁ ଜେପିସିକୁ ପଠାଇବା ପାଇଁ ପ୍ରସ୍ତାବ ଆଗତ କରିଥିଲେ। କଂଗ୍ରେସ ସାଂସଦ କେସି ବେଣୁଗୋପାଳ ସରକାର ଏହି ବିଲ୍ ପ୍ରତ୍ୟାହାର କରିବାକୁ ଦାବି କରି ଅଭିଯୋଗ କରିଛନ୍ତି ଯେ, ଏହା ସଂଖ୍ୟାଲଘୁ ଓ ଏନଜିଓମାନଙ୍କୁ ଟାର୍ଗେଟ କରିବା ପାଇଁ ଉଦ୍ଦିଷ୍ଟ। ସରକାର ଏହି ବିଲ୍ ପ୍ରତ୍ୟାହାର କରିବା ଉଚିତ। ରିଜିଜୁ କହିଛନ୍ତି ଯେ, କଂଗ୍ରେସ ନିଜେ ଦାବି କରିଛି ଯେ, ବିଲ୍‌କୁ ଜେପିସି ନିକଟକୁ ପଠାଯାଉ ଓ ବିରୋଧୀ ଦଳକୁ କମିଟି ପ୍ରକ୍ରିୟା ବ୍ୟବହାର କରି ନିଜର ଚିନ୍ତା ପ୍ରକାଶ କରିବାକୁ ଅନୁରୋଧ କରିଛି। ସେ କହିଛନ୍ତି ଯେ, ସଂଖ୍ୟାଲଘୁଙ୍କୁ ଟାର୍ଗେଟ କରିବାର କୌଣସି ପ୍ରଶ୍ନ ଉଠୁନାହିଁ ଓ ବେଣୁଗୋପାଳ ଗୃହକୁ ଭ୍ରମିତ କରନାହିଁ ବୋଲି କହିଥିଲେ। ନାଗାଲାଣ୍ଡ ମୁଖ୍ୟମନ୍ତ୍ରୀ ନେଇଫିଉ ରିଓ ଓ ମିଜୋରାମ ମୁଖ୍ୟମନ୍ତ୍ରୀ ଲାଲଡୁହୋମା ପୂର୍ବରୁ ବିଲ୍‌ଟିକୁ ବିସ୍ତୃତ ତର୍ଜମା ପାଇଁ ଏକ ମିଳିତ କମିଟିକୁ ପଠାଇବାକୁ କେନ୍ଦ୍ରକୁ ଅନୁରୋଧ କରିଥିଲେ। ମେଘାଳୟ ମୁଖ୍ୟମନ୍ତ୍ରୀ କନରାଡ୍ କେ ସାଙ୍ଗମା ମଧ୍ୟ କେନ୍ଦ୍ର ନିକଟରେ ଏହାର ବ୍ୟବସ୍ଥା ଉପରେ ଚିନ୍ତା ପ୍ରକାଶ କରିଥିଲେ। ପ୍ରସ୍ତାବିତ ଯୁଗ୍ମ କମିଟିରେ ୩୧ ଜଣ ସଦସ୍ୟ ରହିବେ, ଯେଉଁଥିରେ ଲୋକସଭାରୁ ୨୧ ଜଣ ଏବଂ ରାଜ୍ୟସଭାରୁ ୧୦ ଜଣ ସଦସ୍ୟ ରହିବେ। ଲୋକସଭା ସଦସ୍ୟମାନଙ୍କୁ ବାଚସ୍ପତିଙ୍କ ଦ୍ୱାରା ମନୋନୀତ କରାଯିବ, ରାଜ୍ୟସଭା ସଦସ୍ୟମାନଙ୍କୁ ରାଜ୍ୟସଭାର ଅଧ୍ୟକ୍ଷଙ୍କ ଦ୍ୱାରା ମନୋନୀତ କରାଯିବ।

## ସ୍ପାଇସଜେଟ୍ ବିମାନର ଏସି ଖରାପ, ଧାରଣାରେ ବସିଲେ ଯାତ୍ରୀ




ନୂଆଦିଲ୍ଲୀ : ଦିଲ୍ଲୀରୁ ପୁଣେ ଯାଉଥିବା ସ୍ପାଇସ୍ ଜେଟ୍ ବିମାନରେ ଅସହ୍ୟ ଗରମ ପରେ ଯାତ୍ରୀଙ୍କ ହଙ୍ଗାମା ଓ ଧାରଣା । ତନାଘନା ପରେ ବିମାନରେ ତ୍ରୁଟି ଥିବା ମାନିଲା ସ୍ପାଇସ୍ ଜେଟ୍ ବୈଷୟିକ ଟିମ୍ । ଅନ୍ୟ ଏକ ବିମାନ ଯୋଗେ ଯାତ୍ରୀଙ୍କୁ ଗନ୍ତବ୍ୟ ସ୍ଥଳକୁ ପଠାଯାଇଛି । ସ୍ପାଇସ ଜେଟ ବିମାନର ଏସି ଖରାପ ଯୋଗୁଁ କ୍ୟାବିନରେ ତାପମାତ୍ରା ବଢିଯାଇଥିଲା । ଗରମ ଏତେ ବଢିଯାଇଥିଲା ଯେ, ଯାତ୍ରୀମାନେ ଯାତ୍ରା କରିବା ପାଇଁ ମନା କରିଦେଇଥିଲେ । ଖବର ମୁତାବକ, ଦିଲ୍ଲୀର ଇନ୍ଦିରା ଗାନ୍ଧୀ ଅନ୍ତର୍ଜାତୀୟ ବିମାନବନ୍ଦରରୁ ପୁଣେ ଯାଉଥିବା ସ୍ପାଇସ୍ ଜେଟର ବିମାନ-ଝଏ ୧୦୫ ରେ ଏଭଳି ଅଭାବନୀୟ ପରିସ୍ଥିତି ସୃଷ୍ଟି ହୋଇଥିଲା । ବିମାନ ଟେକ ଅଫ ପୂର୍ବରୁ କ୍ୟାବିନ୍ ଭିତରେ ପ୍ରବଳ ଗରମ ଓ ଅଣନିଶ୍ୱାସୀ ପରିବେଶ ଯୋଗୁଁ ଯାତ୍ରୀ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ । କିଛି ଯାତ୍ରୀ ନିଶ୍ୱାସ ନେବାରେ କଷ୍ଟ ଅନୁଭବ କରିଥିଲେ । ଯାତ୍ରୀମାନେ ବିମାନରେ ବସିବା ପରେ ହିଁ କ୍ୟାବିନ୍ ଭିତରର ତାପମାତ୍ରା ଦ୍ରୁତ ଗତିରେ ବୃଦ୍ଧି ପାଇବାକୁ ଲାଗିଥିଲା । ଏଭଳି ସମସ୍ୟା ପରେ ମଧ୍ୟ ବିମାନକୁ ରନୱେ ଆଡ଼କୁ ନିଆଯାଉଥିବାରୁ ଯାତ୍ରୀମାନେ ଏହାର ଦୃଢ ପ୍ରତିବାଦ କରିଥିଲେ । ଏହାକୁ ନେଇ ବିମାନର କ୍ୟାପ୍ଟେନ୍ ଏବଂ କ୍ରୁ' ସଦସ୍ୟଙ୍କ ସହ ଯାତ୍ରୀଙ୍କର ପାଟିତୁଣ୍ଡ ଓ ବଚସା ହୋଇଥିଲା । କ୍ରୁ' ସଦସ୍ୟମାନେ ପୋଲିସ ଡାକିବାକୁ ଧମକ ଦେଇଥିବା ମଧ୍ୟ ଅଭିଯୋଗ ହୋଇଛି । ଉତ୍ୟକ୍ତ ଯାତ୍ରୀମାନେ ବିମାନରୁ ଓହ୍ଲାଇ ଏୟାରପୋର୍ଟ ଟର୍ମିନାଲ ଧାରଣାରେ ବସିଥିଲେ । କ୍ରୁ ସଦସ୍ୟଙ୍କ ସହ ବଚସା ପରେ ସ୍ପାଇସ୍ ଜେଟ୍ ର ବୈଷୟିକ ଟିମ୍ ପହଞ୍ଚି ଯାଞ୍ଚ କରି ବିମାନରେ ତ୍ରୁଟି ଥିବା ସ୍ୱୀକାର କରିଥିଲେ । ପରେ ଯାତ୍ରୀମାନଙ୍କୁ ଭିତରକୁ ନିଆଯାଇ ଅନ୍ୟ ଏକ ବିମାନର ବ୍ୟବସ୍ଥା କରାଯାଇଥିଲା ଏବଂ ଭୋର ୫ଟା ସମୟରେ ସେମାନେ ପୁଣେ ଅଭିମୁଖେ ଯାତ୍ରା କରିଥିଲେ । ସୂଚନାଯୋଗ୍ୟ, ଆଜି କୋଲକତାରୁ ଚେନ୍ନାଇ ଆସୁଥିବା ଇଣ୍ଡିଗୋ ବିମାନର ବାମ ଇଂଜିନ ଲ୍ୟାଣ୍ଡିଂ ପୂର୍ବରୁ ଖରାପ ହୋଇଯାଇଥିଲା । ବିମାନରେ ୨୨୪ ଜଣ ଲୋକ ଥିଲେ । ପୁରା ବିମାନବନ୍ଦରରେ ଏମରଜେନ୍ସୀ ଘୋଷଣା କରାଯାଇ ବିମାନଟି ସୁରକ୍ଷିତ ଲ୍ୟାଣ୍ଡିଂ କରାଯାଇଥିଲା ।

## ବଢୁଛି କଲମ୍ବିଆ ଭୂକମ୍ପ ମୃତ୍ୟୁ ସଂଖ୍ୟା, ୧୦୦୦ ଛୁଇଁବା ଆଶଙ୍କା !

ନୂଆଦିଲ୍ଲୀ : ବଢି ବଢି ଚାଲିଛି କଲମ୍ବିଆ ଭୂକମ୍ପ ମୃତ୍ୟୁ ସଂଖ୍ୟା । କଲମ୍ବିଆ ଭୂମିକମ୍ପରେ ସରକାରୀ ଭାବେ ମୃତ୍ୟୁସଂଖ୍ୟା ୨୫୪କୁ ବୃଦ୍ଧି ପାଇଛି । ଅତିକମରେ ୨,୭୦୦ ଜଣ ନିଖୋଜ ଥିବାବେଳେ ୧,୬୦୦ଟି ଅଟ୍ଟାଳିକା କ୍ଷତିଗ୍ରସ୍ତ କିମ୍ବା ଧ୍ୱଂସ ହୋଇଛି । ସରକାର ସେନା, ପୋଲିସ, ଇଞ୍ଜିନିୟର, ଉଦ୍ଧାରକାରୀ ଦଳ ଓ ସନ୍ଧାନୀ କୁକୁରଙ୍କୁ ବ୍ୟାପକ ଭାବେ ମୁତୟନ କରିଛନ୍ତି । ପେରେଇରା ଓ କାଲିରେ ଲୁଟପାଟ ରୋକିବା ପାଇଁ ରାତ୍ରିକାଳୀନ କର୍ଫ୍ୟୁ ମଧ୍ୟ ଲାଗୁ କରାଯାଇଛି । ଧ୍ୱଂସାବଶେଷ ତଳେ ଜୀବିତ ଲୋକଙ୍କ ସନ୍ଧାନ ଜାରି ରହିଥିବାରୁ ମୃତାହତ ସଂଖ୍ୟା ଆହୁରି ବଢିପାରେ ।



୨୭୦୦ରୁ ଅଧିକ ଲୋକ ନିଖୋଜ ଥିବାବେଳେ ସେମାନଙ୍କୁ ଉଦ୍ଧାର କରିବାକୁ ଜୋରଦାର ଉଦ୍ୟମ ଜାରି ରହିଛି । ଉଦ୍ଧାରକାରୀ ଦଳ, ସେନା, ରେଡକ୍ରସ୍ ଏବଂ ହଜାର ହଜାର ସ୍ଥାନୀୟ ସ୍ୱେଚ୍ଛାସେବୀଙ୍କ ମିଳିତ ସହଯୋଗରେ ଦିନରାତି ଉଦ୍ଧାର କାର୍ଯ୍ୟ ଜାରି ରହିଛି । ଆଧୁନିକ ଯନ୍ତ୍ରପାତି ସହ ଲୋକେ ଖାଲି ହାତରେ ମଧ୍ୟ କଂକ୍ରିଟ୍ ଚଟାଣ ଖୋଳି ଜୀବନ ବଞ୍ଚାଇବାକୁ ଚେଷ୍ଟା କରୁଛନ୍ତି। ଭୂକମ୍ପ ଯୋଗୁ ବହୁ ଅଟ୍ଟାଳିକା,ଆବାସିକ ଘର ଭୁଶୁଡ଼ି ପଡ଼ିଛି । ଅନେକ ସହରରେ ବ୍ୟାପକ କ୍ଷୟକ୍ଷତି ଘଟିଛି । ଦେଶର ବଡ଼ ବଡ଼ ବିମାନବନ୍ଦର କ୍ଷତିଗ୍ରସ୍ତ ହୋଇଛି । କ୍ଷୟକ୍ଷତିର ଆକଳନ ପ୍ରକ୍ରିୟା ଜାରି ରହିଛି ଓ ମେୟର ନାଗରିକମାନଙ୍କୁ ଧୈର୍ଯ୍ୟ ଧରିବାକୁ ଏବଂ କୋଠାରେ ବଡ଼ ଫାଟ ଦେଖାଗଲେ ତୁରନ୍ତ ସୁରକ୍ଷିତ ସ୍ଥାନକୁ ଚାଲିଯିବାକୁ ପରାମର୍ଶ ଦେଇଛନ୍ତି । ପଶ୍ଚିମ କଲମ୍ବିଆରେ ୭.୪ ରିକ୍ଟର ସ୍କେଲ୍ ତୀବ୍ରତାର ଭୂକମ୍ପ ଆସିଥିଲା । ଏହାର କେନ୍ଦ୍ରସ୍ଥଳ ଚୋକୋ ଅଞ୍ଚଳରେ ଥିବାବେଳେ ଭୂକମ୍ପ ପ୍ରଭାବ କଲମ୍ବିଆର ରାଜଧାନୀ ବଗୋଟା ସମେତ ପଡ଼ୋଶୀ ଦେଶରେ ମଧ୍ୟ ଦେଖିବାକୁ ମିଳିଛି ।

## ବଢ଼ିପାରେ ଏଲପିଜି ଦର!

ନୂଆଦିଲ୍ଲୀ : ଦେଶରେ ସରକାରୀ ତେଲ ଓ ଗ୍ୟାସ୍ ବିତରଣ କମ୍ପାନିଙ୍କ କ୍ଷତି ଲଗାତାର ବଢ଼ିବାରେ ଲାଗିଛି । ୨୦୨୬ ଜୁଲାଇ ସୁଦ୍ଧା ଏହି କମ୍ପାନିଗୁଡ଼ିକର କ୍ଷତି ପ୍ରାୟ ୫୯ ହଜାର କୋଟି ଟଙ୍କାରେ ପହଞ୍ଚିଯାଇଛି । ସରକାର କମ୍ପାନିଗୁଡ଼ିକୁ ୫୨ ହଜାର କୋଟି ଟଙ୍କାର ସହାୟତା ଦେବା ପରେ ମଧ୍ୟ ସେମାନଙ୍କ କ୍ଷତି ବଢ଼ିଛି । ତେଣୁ ଆଗାମୀ ଦିନରେ ଘରୋଇ ଏଲ୍‌ପିଜି ଦାମ୍ ବଢ଼ିବା ନେଇ ଆଶଙ୍କା ସୃଷ୍ଟି ହୋଇଛି । ସରକାରୀ ତେଲ କମ୍ପାନିଗୁଡ଼ିକ ଗ୍ରାହକଙ୍କୁ କ୍ରୟମୂଲ୍ୟଠାରୁ କମ୍‌ରେ ଏଲ୍‌ପିଜି ବିକ୍ରି କରୁଛନ୍ତି । ଅନ୍ତର୍ଜାତୀୟ ବଜାରରେ ଏଲ୍‌ପିଜି ମହଙ୍ଗା ହେବା କାରଣରୁ ସେମାନଙ୍କ କ୍ରୟ ବାବଦ ଖର୍ଚ୍ଚ ଲଗାତାର ବଢ଼ିଚାଲିଛି । କିନ୍ତୁ ଗ୍ରାହକଙ୍କ ଉପରେ ସେମାନେ ଏହି ବୋଝକୁ ତୁରନ୍ତ ଲଦିପାରୁ ନାହାନ୍ତି । କ୍ରୟମୂଲ୍ୟ ଏବଂ ବିକ୍ରି ମୂଲ୍ୟରେ ପାର୍ଥକ୍ୟ ବଢ଼ିବା ଫଳରେ ସେମାନଙ୍କ କ୍ଷତି ବଢ଼ିବାରେ ଲାଗିଛି । ଘରୋଇ ଏଲ୍‌ପିଜି ବାବଦରେ ହେଉଥିବା କ୍ଷତି ଭରଣା ପାଇଁ ସରକାର କମ୍ପାନିଗୁଡ଼ିକୁ ସହାୟତା ପ୍ରଦାନ କରୁଛନ୍ତି । ୫୨ ହଜାର କୋଟି ଟଙ୍କାର ଯେଉଁ ସହାୟତା ଦିଆଯାଇଛି ସେଥିରୁ ୨୦୨୨-୨୩ରେ ୨୨ ହଜାର କୋଟି ଟଙ୍କା ଏବଂ ୨୦୨୫-୨୬ ଓ ୨୦୨୬-୨୭ରେ ୩୦ ହଜାର କୋଟି ଟଙ୍କା ଦିଆଯାଇଛି । ଏହା ସତ୍ତ୍ୱେ କମ୍ପାନିଗୁଡ଼ିକର କ୍ଷତି କମିବା ପରିବର୍ତ୍ତେ ବଢ଼ିଚାଲିଛି ।

# ତ୍ରିଶାଙ୍କୁ ଉପମୁଖ୍ୟମନ୍ତ୍ରୀ କରିବେ କି ବିଜୟ ଏଆଇଏଡିଏମ୍‌କେ ନେତାଙ୍କ ବ୍ୟଙ୍ଗାତ୍ମକ ପ୍ରଶ୍ନ

ଚେନ୍ନାଇ: ତାମିଲନାଡୁ ମୁଖ୍ୟମନ୍ତ୍ରୀ ସି. ଜୋସେଫ୍ ବିଜୟଙ୍କୁ ନେଇ ଏକ ନୂଆ ରାଜନୈତିକ ବିବାଦ ଦେଖାଦେଇଛି । ଏଆଇଏଡିଏମ୍‌କେ ନେତା ଆର୍.ବି. ଉଦୟକୁମାର ମଙ୍ଗଳବାର ଏକ ଭିଡିଓ ଜାରି କରି ବିଜୟଙ୍କୁ କଟାକ୍ଷ କରିଛନ୍ତି। ତାମିଲନାଡୁରେ ବିଜୟଙ୍କ ସରକାର ତାଙ୍କ ଘନିଷ୍ଠ ବ୍ୟକ୍ତିମାନଙ୍କୁ ବିଭିନ୍ନ ସରକାରୀ ପଦରେ ନିଯୁକ୍ତ କରୁଥିବା ବେଳେ ଅଭିନେତ୍ରୀ ତ୍ରିଶା କୃଷ୍ଣନ୍‌ଙ୍କୁ କେବେ ଉପମୁଖ୍ୟମନ୍ତ୍ରୀ କରାଯିବ ବୋଲି ସେ ପ୍ରଶ୍ନାତ୍ମକ ବ୍ୟଙ୍ଗବାଣ ଛାଡ଼ିଛନ୍ତି।



ଉଦୟକୁମାର କହିଛନ୍ତି, ବିଜୟଙ୍କ ଅଭିନୀତ ଚଳଚ୍ଚିତ୍ରର ନିର୍ମାତା ଓ ପ୍ରଯୁକ୍ତିକର୍ମୀମାନଙ୍କୁ ଏବେ ବିଭିନ୍ନ ସରକାରୀ ଦାୟିତ୍ୱ ଦିଆଯାଉଛି। ସେ ଅର୍ଚ୍ଚନା କଲ୍‌ପାଥିଙ୍କୁ ମନ୍ଦିର ଟ୍ରଷ୍ଟର ସଦସ୍ୟ, ଭେଙ୍କଟ ନାରାୟଣଙ୍କୁ ଦିଲ୍ଲୀସ୍ଥିତ ତାମିଲନାଡୁ ସରକାରଙ୍କ ସ୍ୱତନ୍ତ୍ର ପ୍ରତିନିଧି ଏବଂ ଜଗଦୀଶ ପାଲାନିସାମୀଙ୍କୁ ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ କରାଯାଇଥିବା ଉଲ୍ଲେଖ କରିଛନ୍ତି। ଏହାସହ 'ବିଷ୍ଟ' ଚଳଚ୍ଚିତ୍ରର ସିନେମାଟୋଗ୍ରାଫର୍ ମନୋଜ ପରମହଂସଙ୍କୁ ତାମିଲନାଡୁ ଫିଲ୍ମ ଆଣ୍ଡ୍ ଟେଲିଭିଜନ୍ ଇନ୍‌ଷ୍ଟିଚ୍ୟୁଟ୍‌ର ଅଧ୍ୟକ୍ଷ କରାଯାଇଥିବା ସେ କହିଛନ୍ତି। ଜନ୍ ଆରୋକିଆସ୍ୱାମୀ ଓ ରାମକୁମାରଙ୍କୁ ମଧ୍ୟ ସରକାରୀ ପରାମର୍ଶଦାତା କରାଯାଇଥିବା ତାଙ୍କ ଅଭିଯୋଗ।

ଏହି ନିଯୁକ୍ତିଗୁଡ଼ିକୁ ନେଇ ପ୍ରଶ୍ନ ଉଠାଇ ଉଦୟକୁମାର କହିଛନ୍ତି, ଏତେ ସରକାରୀ ପଦରେ ବିଜୟଙ୍କ ସହ ଘନିଷ୍ଠ ସମ୍ପର୍କ ଥିବା ବ୍ୟକ୍ତିଙ୍କୁ ନିଯୁକ୍ତ କରାଯାଉଥିବା ବେଳେ ତ୍ରିଶାଙ୍କୁ ଉପମୁଖ୍ୟମନ୍ତ୍ରୀ କରାଯିବାର ଘୋଷଣା କେବେ ହେବ, ତାହା ନେଇ ତାମିଲନାଡୁବାସୀ ଅପେକ୍ଷା କରୁଛନ୍ତି। ତେବେ ତ୍ରିଶାଙ୍କୁ ଉପମୁଖ୍ୟମନ୍ତ୍ରୀ କରିବା ନେଇ ବିଜୟ କିମ୍ବା ତାଙ୍କ ଦଳ ପକ୍ଷରୁ କୌଣସି ଘୋଷଣା ହୋଇନାହିଁ। ଏହି ବିବାଦ ମଧ୍ୟରେ ତ୍ରିଶା ମଙ୍ଗଳବାର ଇନ୍‌ଷ୍ଟାଗ୍ରାମ୍‌ରେ ଏକ ପରୋକ୍ଷ ବାର୍ତ୍ତା ପୋଷ୍ଟ କରିଥିଲେ। ସେଥିରେ ସେ ଏଭଳି ବିବାଦକୁ ନେଇ ଅସନ୍ତୋଷ ପ୍ରକାଶ କରିଥିଲେ। ମଦୁରାଇରେ ତ୍ରିଶାଙ୍କ ପ୍ରଶଂସକ ସଂଘ ପକ୍ଷରୁ ମଧ୍ୟ ଉଦୟକୁମାରଙ୍କ ମନ୍ତବ୍ୟକୁ ସମାଲୋଚନା କରି ପୋଷ୍ଟର ଲଗାଯାଇଥିବା ଜଣାପଡ଼ିଛି।

ତେବେ ଏହି ଘଟଣାର ପୃଷ୍ଠଭୂମିରେ ତାମିଲନାଡୁର ପୂର୍ବତନ ଉପମୁଖ୍ୟମନ୍ତ୍ରୀ ଉଦୟନିଧି ଷ୍ଟାଲିନ୍‌ଙ୍କୁ ନେଇ ସୃଷ୍ଟି ହୋଇଥିବା ବିବାଦ ମଧ୍ୟ ରହିଛି। ଅଗଷ୍ଟ ୩ରେ ତଞ୍ଜାଭୁରରେ କାବେରୀ ଜଳ ବଣ୍ଟନ ପ୍ରସଙ୍ଗରେ ଆୟୋଜିତ ଏକ ସଭାରେ ତ୍ରିଶାଙ୍କ ନାମ ନିଆଯିବା ପରେ ଉଦୟନିଧି ଅଶ୍ଳୀଳ ମନ୍ତବ୍ୟ ଦେଇଥିବା ଅଭିଯୋଗ ହୋଇଥିଲା। ଅଗଷ୍ଟ ୪ରେ ଚେନ୍ନାଇସ୍ଥିତ ବାସଭବନରୁ ସକାଳ ୧୦ଟାରେ ତାଙ୍କୁ ଗିରଫ କରାଯାଇ ତଞ୍ଜାଭୁର ନିଆଯାଇଥିଲା। ପରେ ପ୍ରାୟ ରାତି ୮ଟାରେ ତାଙ୍କୁ ଥାନାରୁ ଜାମିନରେ ଛାଡ଼ି ଦିଆଯାଇଥିଲା।

ଭାରତ ବିପକ୍ଷ ଟେଷ୍ଟ ସିରିଜ୍ ପାଇଁ ଶ୍ରୀଲଙ୍କା ଦଳ ଘୋଷଣା

# ଧନଞ୍ଜୟ ଅଧିନାୟକ, ପଥୁମ୍ ନିସାଙ୍କା ବାଦ୍

ଗଲ୍, ୧୨।୮ : ଭାରତ ବିପକ୍ଷ ପ୍ରଥମ ଟେଷ୍ଟ ମ୍ୟାଚ୍ ପାଇଁ ଶ୍ରୀଲଙ୍କା କ୍ରିକେଟ୍ ବୋର୍ଡ ନିଜର ୧୬ ଜଣିଆ ଦଳ ଘୋଷଣା କରିଛି। ଧନଞ୍ଜୟ ଡି'ସିଲ୍ଭାଙ୍କ ହାତରେ ଦଳର ନେତୃତ୍ୱ ଭାର ନ୍ୟସ୍ତ କରାଯାଇଥିବା ବେଳେ ତାରକା ବ୍ୟାଟର ପଥୁମ୍ ନିସାଙ୍କା ଆଘାତ ସମସ୍ୟା ଯୋଗୁଁ ଦଳରୁ ବାଦ୍ ପଡ଼ିଛନ୍ତି। ଅଗଷ୍ଟ ୧୫ରୁ ପ୍ରସିଦ୍ଧ ଗଲ୍ ଇଣ୍ଟରନ୍ୟାସନାଲ୍ ଷ୍ଟାଡିୟମ୍‌ରେ ଏହି ଗୁରୁତ୍ୱପୂର୍ଣ୍ଣ ମ୍ୟାଚ୍ ଆରମ୍ଭ ହେବ। ଏହି ମୁକାବିଲା ପାଇଁ ଭାରତୀୟ ଦଳ ପୂର୍ବରୁ ଗଲ୍‌ରେ ପହଞ୍ଚି ନିଜର ଅଭ୍ୟାସ ଆରମ୍ଭ କରିସାରିଛି।



ଘୋଷିତ ଶ୍ରୀଲଙ୍କା ଦଳରେ ଅଭିଜ୍ଞ ୱିକେଟକିପର୍ ବ୍ୟାଟର ନିରୋଶନ୍ ଡିକ୍‌ୱେଲାଙ୍କର ପ୍ରତ୍ୟାବର୍ତ୍ତନ ଘଟିଛି। ୩୩ ବର୍ଷୀୟ ଡିକ୍‌ୱେଲା ପୂର୍ବରୁ ୫୪ଟି ଟେଷ୍ଟ ମ୍ୟାଚ୍ ଖେଳି ୨୨ଟି ଅର୍ଦ୍ଧଶତକ ସହ ୨୭୫୭ ରନ୍ ସଂଗ୍ରହ କରିଛନ୍ତି। ଏହାସହ ସ୍ପିନ୍ ଅନୁକୂଳ ଗଲ୍ ପିଚ୍‌ର ପରିସ୍ଥିତିକୁ ଦୃଷ୍ଟିରେ ରଖି ନୂଆ ଅଫ୍-ସ୍ପିନର କେଶରା ନୁୱାନ୍ତାଙ୍କୁ ଦଳରେ ସାମିଲ କରାଯାଇଛି, ଯିଏ ଭାରତୀୟ ବ୍ୟାଟରଙ୍କ ପାଇଁ ଚ୍ୟାଲେଞ୍ଜିଂ ସାବ୍ୟସ୍ତ ହୋଇପାରନ୍ତି।

**ଗଲ୍ ଷ୍ଟାଡିୟମ୍‌ରେ ଭାରତ-ଶ୍ରୀଲଙ୍କା ରେକର୍ଡ**

ଗଲ୍ ଇଣ୍ଟରନ୍ୟାସନାଲ୍ କ୍ରିକେଟ୍ ଷ୍ଟାଡିୟମ୍‌ରେ ଭାରତ ଓ ଶ୍ରୀଲଙ୍କା ମଧ୍ୟରେ ଏପର୍ଯ୍ୟନ୍ତ ମୋଟ ୫ଟି ଟେଷ୍ଟ ମ୍ୟାଚ୍ ଖେଳାଯାଇଛି। ଏଥିମଧ୍ୟରୁ ଶ୍ରୀଲଙ୍କା ୩ଟିରେ ବିଜୟୀ ହୋଇଥିବା ବେଳେ ଭାରତ ୨ଟି ମ୍ୟାଚ୍ ଜିତିଛି। ଶେଷଥର ପାଇଁ ୨୦୧୭ରେ ଭାରତ ଏଠାରେ ଟେଷ୍ଟ ଖେଳି ୩୦୪ ରନ୍‌ର ବୃହତ୍ ବିଜୟ ହାସଲ କରିଥିଲା। ତେବେ ବର୍ତ୍ତମାନର ଭାରତୀୟ ଦଳର ଅଧିକାଂଶ ଖେଳାଳି ପ୍ରଥମ ଥର ପାଇଁ ଶ୍ରୀଲଙ୍କା ମାଟିରେ ଟେଷ୍ଟ ଖେଳିବାକୁ ଯାଉଛନ୍ତି। କେବଳ ରବୀନ୍ଦ୍ର ଜାଡେଜା, କେ.ଏଲ୍. ରାହୁଲ ଏବଂ କୁଲଦୀପ ଯାଦବଙ୍କ ପାଖରେ ପୂର୍ବରୁ ଶ୍ରୀଲଙ୍କାରେ ଟେଷ୍ଟ ଖେଳିବାର ଅଭିଜ୍ଞତା ରହିଛି।

**ପ୍ରଥମ ଟେଷ୍ଟ ପାଇଁ ଶ୍ରୀଲଙ୍କା ଦଳ**

ଧନଞ୍ଜୟ ଡି'ସିଲ୍ଭା (ଅଧିନାୟକ), କାମିନ୍ଦୁ ମେଣ୍ଡିସ୍ (ଉପ-କପ୍ତାନ), ଲାହିରୁ ଉଦାରା, ନିଶାନ ମଦୁଷ୍କା, ଦିନେଶ ଚାଣ୍ଡିମାଲ, ପସିନ୍ଦୁ ସୋରିୟାବନ୍ଦରା, ସୋନାଲ ଦିନୁଷା, ନିରୋଶନ୍ ଡିକ୍‌ୱେଲା (ୱିକେଟକିପର), ରମେଶ ମେଣ୍ଡିସ୍, ପ୍ରଭାତ ଜୟସୂର୍ଯ୍ୟ, କେଶରା ନୁୱାନ୍ତା, ମିଲାନ ରଥନାୟକେ, ଅସିଥା ଫର୍ନାଣ୍ଡୋ, ଲାହିରୁ କୁମାରା, ବିଶ୍ୱ ଫର୍ନାଣ୍ଡୋ, ଦିଲଶାନ ମଦୁଶଙ୍କା।

**ଭାରତୀୟ ଟେଷ୍ଟ ଦଳ:**

ଶୁଭମନ ଗିଲ୍ (ଅଧିନାୟକ), କେ.ଏଲ୍. ରାହୁଲ, ଯଶସ୍ୱୀ ଜାଇସ୍ୱାଲ, ରିଷଭ ପନ୍ତ (ୱିକେଟକିପର), ଧ୍ରୁବ ଜୁରେଲ (ୱିକେଟକିପର), ରବୀନ୍ଦ୍ର ଜାଡେଜା, କୁଲଦୀପ ଯାଦବ, ମାନବ ସୁଥାର, ମହମ୍ମଦ ସିରାଜ, ପ୍ରସିଦ୍ଧ କୃଷ୍ଣା, ଗୁରନୁର ବ୍ରାର, ଦେବଦତ୍ତ ପାଡିକଲ, ସାରାଂଶ ଜୈନ, ଆକିବ ନବୀ, ସର୍ଫରାଜ ଖାନ୍।

ରାଜ୍ୟଗୋଷ୍ଠୀ ପାରା ଅସିଚାଳନା

# ମାଳତୀଙ୍କୁ ୨ ସ୍ୱର୍ଣ୍ଣ

ଭୁବନେଶ୍ୱର୧୨।୮: ଓଡିଆ ଝିଅ ମାଳତୀ ପନାଉରେ ଚଳିତ ରାଜ୍ୟଗୋଷ୍ଠୀ ପାରା ଅସିଚାଳନା ପ୍ରତିଯୋଗିତାରେ ଯୁଗଳ ସ୍ୱର୍ଣ୍ଣ ପଦକଜିତି ରାଜ୍ୟ ଓ ଦେଶ ପାଇଁ ଗୌରବ ଆଣିଛନ୍ତି। ନାଇଜେରିଆର ଲାଗୋସ୍‌ରେ ଆୟୋଜିତ ଏହି ପ୍ରତିଯୋଗିତାର ମହିଳା ବର୍ଗ ଏର ବ୍ୟକ୍ତିଗତ ଇପି ଓ ଫଏଲ୍‌ରେ ସେ ଏହି ଦୁଇ ପଦକ ଜିତିଥିଲେ। ଇପିରେ ମାଳତୀ ପୁଲ୍ ପର୍ଯ୍ୟାୟରେ ୪ଟି ମ୍ୟାଚ୍ ଖେଳି ସର୍ବାଧିକ ବିଜୟ ସହ ସେମିଫାଇନାଲ୍‌ରେ ପହଞ୍ଚିଥିଲେ। ସେମିଫାଇନାଲ୍‌ରେ ସେ ୧୫-୩ରେ ନାଇଜେରିଆର କୁମୁୟି ଇତୁନୁଙ୍କୁ ପରାସ୍ତ କରିଥିଲେ।




ଦୁଇ ଭାରତୀୟଙ୍କ ମଧ୍ୟରେ ଖେଳାଯାଇଥିବା ଫାଇନାଲ୍‌ରେ ମାଳତୀ ୧୫-୧୨ରେ ରେଖାଙ୍କୁ ପରାସ୍ତ କରି ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ଫଏଲ୍ ଫାଇନାଲ୍‌ରେ ବି ତାଙ୍କର ଭେଟ ରେଖାଙ୍କ ସହ ହୋଇଥିଲା। ଏଥିରେ ସେ ୧୫-୧୨ରେ ରେଖାଙ୍କୁ ହରାଇ ସ୍ୱର୍ଣ୍ଣ ପାଇଥିଲେ। ଏହା ପୂର୍ବରୁ ସେ ପୁଲ୍‌ରେ ସର୍ବାଧିକ ମ୍ୟାଚ୍ ଜିତି ସିଧାସଳଖ ସେମିଫାଇନାଲ୍‌କୁ ଉନ୍ନୀତ ହୋଇଥିଲେ। ସେମିଫାଇନାଲ୍‌ରେ ସେ ୧୫-୨ରେ ନାଇଜେରିଆର ଇଓରଗୁମା ଜୟଙ୍କୁ ମାତ୍ ଦେଇ ଫାଇନାଲ୍ ସ୍ଥାନ ପକ୍କା କରିଥିଲେ। ମାଳତୀଙ୍କ ଏହି ସଫଳତା ଲାଗି ତାଙ୍କୁ ପାରା ଅଲିମ୍ପିକ କମିଟି ଅଫ୍ ଇଣ୍ଡିଆ (ପିସିଆଇ), ଓଡିଶା ପାରା କ୍ରୀଡା ସଂଘ ପକ୍ଷରୁ ଅଭିନନ୍ଦନ ଜ୍ଞାପନ କରାଯାଇଛି। ଏହି ପ୍ରତିଯୋଗିତାରେ ଓଡିଶାରୁ ୬ ଜଣ ଖେଳାଳି ଭାରତରୁ ପ୍ରତିନିଧିତ୍ୱ କରିଥିଲେ।

# ହକି ବିଶ୍ୱକପ୍ : ୧୯ରେ ଭାରତ-ପାକିସ୍ତାନ ମ୍ୟାଚ୍

ନୂଆଦିଲ୍ଲୀ୧୨।୮: ଆନ୍ତର୍ଜାତୀୟ ହକି ମହାସଂଘ (ଆଇଏଚଏଫ) ପକ୍ଷରୁ ଆଗାମୀ ଏଫଆଇଏଚ୍ ପୁରୁଷ ହକି ବିଶ୍ୱକପ୍ ୨୦୨୬ର ସମ୍ପୂର୍ଣ୍ଣ କାର୍ଯ୍ୟସୂଚୀ ପ୍ରକାଶ ପାଇଛି। ଏଥର ବିଶ୍ୱକପ୍‌ରେ କ୍ରୀଡ଼ାପ୍ରେମୀଙ୍କ ପାଇଁ ସବୁଠାରୁ ବଡ଼ ଆକର୍ଷଣ ହେଉଛି ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ଭାରତ ଏବଂ ପାକିସ୍ତାନ ମଧ୍ୟରେ ମୁକାବିଲା। ଉଭୟ ଚିରପ୍ରତିଦ୍ୱନ୍ଦ୍ୱୀ ଦଳକୁ ଗୋଟିଏ ଗ୍ରୁପ୍‌ରେ ରଖାଯାଇଥିବାରୁ ହକି ଜଗତରେ ଏବେଠାରୁ ଉତ୍ତେଜନା ବଢ଼ିବାରେ ଲାଗିଛି।

ଚଳିତ ବିଶ୍ୱକପ୍‌ରେ ଭାରତ ଏବଂ ପାକିସ୍ତାନକୁ ପୁଲ୍-ଡିରେ ରଖାଯାଇଛି। ହର୍ମନପ୍ରୀତ ସିଂହଙ୍କ ଅଧିନାୟକତ୍ୱରେ ଖେଳୁଥିବା ଭାରତୀୟ ଦଳ ଆଗାମୀ ଅଗଷ୍ଟ ୧୯ ତାରିଖରେ ପାକିସ୍ତାନକୁ ଭେଟିବ। ନେଦରଲ୍ୟାଣ୍ଡର ଆମଷ୍ଟେଲଭିନ୍ ସ୍ଥିତ ପ୍ରସିଦ୍ଧ ୱାଗେନାର୍ ଷ୍ଟାଡିୟମରେ ଏହି ରୋମାଞ୍ଚକର ମ୍ୟାଚ୍ ଅନୁଷ୍ଠିତ ହେବ। ଭାରତୀୟ ସମୟ ଅଧା ଦିନ ସନ୍ଧ୍ୟା ୬:୩୦ ମିନିଟ୍‌ରେ ଏହି ମ୍ୟାଚ୍ ଆରମ୍ଭ ହେବ।



ଏଥରର ଏଫ୍‌ଆଇଏଚ୍ ହକି ବିଶ୍ୱକପ୍ ଦୁଇଟି ଦେଶ ଦ୍ୱାରା ଯୁଗ୍ମ ଭାବେ ଆୟୋଜିତ ହେଉଛି। ନେଦରଲ୍ୟାଣ୍ଡର ଆମଷ୍ଟେଲଭିନ୍ ଏବଂ ବେଲ୍ଜିୟମର ୱାଭ୍‌ରେ ସହରରେ ଏହି ମହାସମରାଭିଷେକ ଅନୁଷ୍ଠିତ ହେବ। ଆଗାମୀ ଅଗଷ୍ଟ ୧୫ରୁ ଅଗଷ୍ଟ ୩୦, ୨୦୨୬ ପର୍ଯ୍ୟନ୍ତ ଏହି ଟୁର୍ଣ୍ଣାମେଣ୍ଟ ଚାଲିବ।

**ପୁଲ୍-ଡି ରେ କେଉଁ ଦଳଗୁଡ଼ିକ ରହିଛନ୍ତି**

ପୁଲ୍-ଡି ରେ ଭାରତ ଏବଂ ପାକିସ୍ତାନ ସମେତ ମୋଟ ୪ଟି ଦଳ ସ୍ଥାନ ପାଇଛନ୍ତି:ଭାରତ, ପାକିସ୍ତାନ, ଇଂଲଣ୍ଡ ଓ ୱେଲ୍ସ।

**ଭାରତୀୟ ଦଳର ଗ୍ରୁପ୍ ପର୍ଯ୍ୟାୟ ସୂଚୀ**

ଭାରତୀୟ ପୁରୁଷ ହକି ଦଳ ନିଜର ଅଭିଯାନ କିପରି ଆରମ୍ଭ କରିବ, ତାହାର ତାଲିକା ଏଠାରେ ରହିଛି

ଅଗଷ୍ଟ ୧୫: ଭାରତ ବନାମ ୱେଲ୍ସ (ଅପରାହ୍ନ ୪:୩୦ ମିନିଟ୍)। ଅଗଷ୍ଟ ୧୭: ଭାରତ ବନାମ ଇଂଲଣ୍ଡ (ସନ୍ଧ୍ୟା ୬:୩୦ ମିନିଟ୍) ।ଅଗଷ୍ଟ ୧୯: ପାକିସ୍ତାନ ବନାମ ଭାରତ (ସନ୍ଧ୍ୟା ୬:୩୦ ମିନିଟ୍)।

ଭାରତୀୟ ଦଳ ଏଥର ନିଜର ପ୍ରଥମ ମ୍ୟାଚ୍ ୱେଲ୍ସ ବିପକ୍ଷରେ ଖେଳି ବିଶ୍ୱକପ୍ ଅଭିଯାନ ଆରମ୍ଭ କରିବ ବୋଲି ଜଣାପଡ଼ିଛି। ଦର୍ଶକମାନେ ଏହି ସମସ୍ତ ରୋମାଞ୍ଚକର ମ୍ୟାଚ୍‌କୁ ନେଇ ଏବେଠାରୁ ବେଶ୍ ଉତ୍ସାହିତ ଅଛନ୍ତି।

ପୁଲରେ ଭାରତ ପ୍ରଥମ ମ୍ୟାଚ ୱେଲ୍ସ ବିପକ୍ଷରେ ଆସନ୍ତା ୧୫ ତାରିଖରେ ଖେଳିବ । ଏହାପରେ ୧୭ ତାରିଖରେ ଇଂଲଣ୍ଡ ଏବଂ ୧୯ରେ ପାକିସ୍ତାନକୁ ଭେଟିବାର ସୂଚୀ ରହିଛନ୍ତି । ଗ୍ରୁପ୍ର ଶ୍ରେଷ୍ଠ ୨ ଦଳ ଦ୍ୱିତୀୟ ପର୍ଯ୍ୟାୟକୁ ଉନ୍ନୀତ ହେବେ । ୨୦୧୦ରେ ଜିତିଥିଲା ଭାରତ ୨୦୧୦ ବିଶ୍ୱକପ୍ରେ ଭାରତ ୪-୧ ଗୋଲରେ ପାକିସ୍ତାନକୁ ପରାଜିତ କରିଥିଲା । ଉଭୟ ଦଳ ବିଶ୍ୱକପ୍‌ରେ ମୋଟ୍ ୫ ଥର ସାମ୍ନା ସାମ୍ନି ହୋଇଛନ୍ତି । ଭାରତ ୩ ଥର ଓ ପାକିସ୍ତାନ ୨ ଥର ବିଜୟୀ ହୋଇଛି । ୧୯୭୧ ବିଶ୍ୱକପ୍‌ରେ ପାକିସ୍ତାନ ୨-୧ ଗୋଲରେ ଭାରତକୁ ପରାଜିତ କରିଥିଲା । ୧୯୭୧ରେ ଭାରତ ୧-୦ ଗୋଲରେ ବିଜୟୀ ହୋଇଥିଲା । ୧୯୭୫ ବିଶ୍ୱକପ୍‌ରେ ଦୁଇ ଦଳ ମଧ୍ୟରେ ଟାଇଟଲ ଲଢ଼େଇ ହୋଇଥିଲା । ଭାରତ ୨-୧ ଗୋଲରେ ବିଜୟୀ ହୋଇ ପ୍ରଥମ ଥର ବିଶ୍ୱ ଚାମ୍ପିଅନ ହେବାର ଗୌରବ ଲାଭ କରିଥିଲା । ୧୯୮୬ରେ ପାକିସ୍ତାନ ୩-୨ରେ ଭାରତକୁ ଏବଂ ୨୦୧୦ରେ ଭାରତ ୪-୧ରେ ପାକିସ୍ତାନକୁ ହରାଇଥିଲା । ପାକିସ୍ତାନ ସର୍ବାଧିକ (୧୯୭୧, ୧୯୭୮, ୧୯୮୨ ଓ ୧୯୯୪) ୪ ଥର ବିଶ୍ୱ ଚାମ୍ପିଅନ ହୋଇଛି । କିନ୍ତୁ ଭାରତ ଥରୁଟିଏ ଜିତିଛି । କ୍ରମାନ୍ୱୟରେ ପୂର୍ବ ୨ଟି ସଂସ୍କରଣ ଭୁବନେଶ୍ୱରରେ ଆୟୋଜିତ ହୋଇଥିଲା । କିନ୍ତୁ ଭାରତ ଘରୋଇ ପରିବେଶରେ ସେମିତି ଉନ୍ନତ ପ୍ରଦର୍ଶନ କରିପାରି ନଥିଲା ।

୪୧ ବର୍ଷ ପରେ ଅଲିମ୍ପିକ୍ସ ପଦକ ୧୯୮୦ ମସିହା ପରେ ଭାରତୀୟ ହକି ଏକ ପ୍ରକାର ଧରାସାୟୀ ହୋଇ ପଡିଥିଲା । ୨୦୧୨ ପରବର୍ତ୍ତୀ ସମୟରେ ଭାରତୀୟ ହକିରେ ପୁନର୍ଜାଗରଣ ହୋଇଥିଲା । ଦୀର୍ଘ ଏକ ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟର କଠିନ ପରିଶ୍ରମ ପରେ ଶେଷରେ ଭାରତ ଅଲିମ୍ପିକ୍ସ ପଦକ ଜିତିବାରେ ସଫଳ ହୋଇଥିଲା । ୨୦୨୦ ଅଲିମ୍ପିକ୍ସରେ (୨୦୨୧ରେ ଆୟୋଜିତ) ଭାରତ ୪୧ ବର୍ଷ ପରେ ବ୍ରୋଞ୍ଜ ପଦକ ଜିତିବାରେ ସଫଳ ହୋଇଥିଲା । ପୁଣି ଦଳ ୨୦୨୪ ଅଲିମ୍ପିକ୍ସରେ ବ୍ରୋଞ୍ଜ ପଦକ ଦୋହରାଇଥିଲା । କିନ୍ତୁ ପାକିସ୍ତାନ ହକି ଏକ ପ୍ରକାର ଧରାସାୟୀ ହୋଇ ପଡିଛି । ଦଳ ୧୯୯୪ ପରେ ଆଉ ସେମିତି ଚମକପୂର୍ଣ୍ଣ ପ୍ରଦର୍ଶନ ବିଶ୍ୱକପ୍ରେ କରିପାରି ନାହିଁ ।

ଭାରତୀୟ ଦଳ: ଗୋଲକିପର-ସୁରଜ କେର୍କେରା, ମୋହିତ । ଡିଫେଣ୍ଡର-ଜର୍ମନପ୍ରୀତ ସିଂ, ହର୍ମନପ୍ରୀତ ସିଂ (ଅଧିନାୟକ), ଅମିତ ରୋହିଦାସ, ଯୁଗରାଜ ସିଂ, ସଞ୍ଜୟ, ସୁମିତ, ଯଶଦୀପ ସିୱାଚ । ମିଡଫିଲ୍ଡର-ରାଜିନ୍ଦର ସିଂ, ଆଦିତ୍ୟ ଅର୍ଜୁନ ଲାଲାଗେ, ହାର୍ଦ୍ଦିକ ସିଂ, ମନପ୍ରୀତ ସିଂ, ନୀଳକାନ୍ତ ଶର୍ମା, ବିବେକ ସାଗର ପ୍ରସାଦ । ଫରୱାର୍ଡ-ଦିଲପ୍ରୀତ ସିଂ, ଶିଳାନନ୍ଦ ଲାକ୍ରା, ସୁଖଜିତ ସିଂ, ମନଦୀପ ସିଂ ଓ ଅଭିଷେକ ।

ନାବାଳିକାଙ୍କୁ ଯୌନଶୋଷଣ

# ଜେଲ୍ ଗଲେ ଅଷ୍ଟ୍ରେଲିଆ କ୍ରିକେଟର

କାନବେରା, ୧୨।୮: ଅଷ୍ଟ୍ରେଲିଆ କ୍ରିକେଟର ଆରନ୍ ସମର୍ସ ୧୫ ବର୍ଷର ଜଣେ ନାବାଳିକା ସହ ଯୌନ ଶୋଷଣ କରିଥିବା ଅଭିଯୋଗରେ ୧୦ ମାସର ଜେଲ୍ ଦଣ୍ଡ ଘୋଷଣା କରାଯାଇଛି । ୩୦ ବର୍ଷୀୟ ସମର୍ସ ପ୍ରାରମ୍ଭରେ କୋର୍ଟରେ ନିଜକୁ ନିର୍ଦ୍ଦୋଷ ବୋଲି ଦାବି କରିଥିଲେ। କିନ୍ତୁ ଜୁନ୍ ମାସରେ ସେ ତାସମାନିଆ ସୁପ୍ରିମକୋର୍ଟରେ ଜଣେ ନାବାଳିକା ସହ ଦୁଇଥର ଯୌନ ଶୋଷଣ କରିଥିବା ନେଇ ନିଜର ଅପରାଧ ସ୍ୱୀକାର କରିଥିଲେ । ବୁଧବାର ଦିନ କୋର୍ଟ ଆରନ୍ ସମର୍ସଙ୍କୁ ଅଢେଇ ବର୍ଷର ଜେଲ୍ ଦଣ୍ଡ ଶୁଣାଇଛନ୍ତି ।



ଏହି କ୍ରିକେଟର ଜଣକ ଏପ୍ରିଲ୍ ୨୦୨୮ରେ ଜେଲରୁ ମୁକ୍ତ ହେବେ । ଜଷ୍ଟିସ୍ ହେଲେନ୍ ବୁଡ୍ କୋର୍ଟକୁ ଜଣାଇଛନ୍ତି ଯେ, ସମର୍ସ ପୀଡ଼ିତା ଯୁବତୀଙ୍କୁ ୨୦୧୭ ମସିହାରେ ହୋବାର୍ଟ ହରିକେନ୍ସର ଏକ କ୍ରିକେଟ୍ ମ୍ୟାଚ୍ ସମୟରେ ଭେଟିଥିଲେ । ସୋସିଆଲ ମିଡିଆ ମାଧ୍ୟମରେ ବଢ଼ିଥିଲା ସମ୍ପର୍କ୨୦୧୭ ମସିହାରେ କିଛି ଦିନ ପରେ ସେହି ୧୫ ବର୍ଷର ନାବାଳିକା ଜଣକ ଆଉ ଏକ ମ୍ୟାଚ୍ ଦେଖିବାକୁ ଯାଇଥିଲେ । ଯେଉଁଠି ସମର୍ସଙ୍କ ସହ ତାଙ୍କର କଥାବାର୍ତ୍ତା ଆରମ୍ଭ ହୋଇଥିଲା।

ସେହି ସମୟରେ କ୍ରିକେଟରଙ୍କ ବୟସ ୨୧ ବର୍ଷ ଥିଲା। ସୋସିଆଲ ମିଡିଆ ଆପ୍ ଜରିଆରେ ଉଭୟଙ୍କ ମଧ୍ୟରେ କଥାବାର୍ତ୍ତା ଆରମ୍ଭ ହୋଇଥିଲା ଏବଂ ପରେ କ୍ରିକେଟର ଜଣକ ଏକ ଯୋଜନା କରି ତାଙ୍କୁ ବାହାରକୁ ଡାକିଥିଲେ। କୋର୍ଟରେ କୁହାଯାଇଛି ଯେ, ସମର୍ସ ତାଙ୍କୁ ଏକ ସ୍କୁଲକୁ ନେଇଯାଇଥିଲେ, ଯେଉଁଠାରେ ସେ ଦୁଇଥର ତାଙ୍କର ଯୌନ ଶୋଷଣ କରିଥିଲେ । ଜଷ୍ଟିସ୍ ବୁଡ୍ କୋର୍ଟକୁ କହିଛନ୍ତି ଯେ, କ୍ରିକେଟର ଜଣକ ଜାଣିଥିଲେ ଯେ ଝିଅଟିର ବୟସ ୧୭ ବର୍ଷରୁ କମ୍ ଏବଂ ସେ ସେତେବେଳେ ସ୍କୁଲରେ ପଢୁଛନ୍ତି, କିନ୍ତୁ ସେ କେବେବି ତାଙ୍କ ବୟସ ପଚାରି ନଥିଲେ।

## ସିନ୍ଦାରୋଭଙ୍କୁ ହରାଇଲେ ପ୍ରଜ୍ଞାନନ୍ଦ

ନୂଆଦିଲ୍ଲୀ୧୨।୮:: ଭାରତୀୟ ଗ୍ରାଣ୍ଡମାଷ୍ଟର ଆର୍ ପ୍ରଜ୍ଞାନନ୍ଦ ଚଳିତ ସିଙ୍କଫିଲ୍ଡ କପ୍ ଚେସ୍ ପ୍ରତିଯୋଗିତାରେ ପ୍ରଥମ ବିଜୟ ପାଇଛନ୍ତି। ଦ୍ୱିତୀୟ ରାଉଣ୍ଡରେ ସେ ବିଶ୍ୱ ପ୍ରତିଯୋଗିତା ଚ୍ୟାଲେଞ୍ଜର ଜାଭୋଖିର ସିନ୍ଦାରୋଭଙ୍କୁ ପରାସ୍ତ କରିଛନ୍ତି। ୬ ଘଣ୍ଟାର ମାରାଥନ୍ ଗେମ୍‌ରେ ପ୍ରଜ୍ଞାନନ୍ଦ ୯୫ ମୁଭ୍ ପରେ ବିଜୟୀ ହୋଇଥିଲେ। ୮୨ତମ ମୁଭ୍‌ରେ ଉଜବେକିସ୍ତାନର ସିନ୍ଦାରୋଭ ବିଜୟର ନିକଟତର ହୋଇଥିଲେ। ହେଲେ ପ୍ରଜ୍ଞାନନ୍ଦ ଏଥିରେ ବିରତି ଆଉ ୧୩ ମୁଭ୍ ଖେଳିବା ସହ ସିନ୍ଦାରୋଭଙ୍କୁ ହରାଇଥିଲେ। ଏହି ବିଜୟ ସହ ପ୍ରଜ୍ଞାନନ୍ଦଙ୍କ ପଏଣ୍ଟ ସଂଖ୍ୟା ୧.୫ରେ ପହଞ୍ଚିଛି। ଏଥିସହ ସେ ଟେବୁଲରେ ୱେସ୍‌ଲେ ସୋ, ଫାବିଆନୋ କରୁଆନା ଓ ଲେଭନ ଆରୋନିଆନ୍‌ଙ୍କ ସହ ମିଳିତ ଭାବେ ଶୀର୍ଷରେ ରହିଛନ୍ତି। ପରବର୍ତ୍ତୀ ରାଉଣ୍ଡରେ ସେ ଭିନସେଣ୍ଟ୍ କେମରଙ୍କୁ ଭେଟିବେ।

# ଫୁଟବଲରୁ ବିରତ ନେଲେ ମେସି

ରୋଜାରିଓ୧୨।୮:: ପିତା ଜର୍ଜ ମେସିଙ୍କ ମୃତ୍ୟୁ ପରେ ଫୁଟବଲ୍‌ରୁ ଅନିର୍ଦ୍ଦିଷ୍ଟକାଳ ପାଇଁ ବିରତି ନେଇଛନ୍ତି ଆର୍ଜେଣ୍ଟିନାର ମହାନ କ୍ରୀଡା ତାରକା ଲିଓନେଲ୍ ମେସି। ଜର୍ଜଙ୍କ ବିୟୋଗରେ ଗଭୀର ଭାବେ ଭାଙ୍ଗିପଡ଼ିଥିବା ମେସି ଏବେ ପରିବାର ସହ ସମୟ ବିତାଇବାକୁ ଫୁଟବଲ୍‌ରୁ ଦୂରେଇ ଯାଇଥିବା ଜଣାପଡିଛି। ଫ୍ରାନ୍ସର ଫୁଟବଲ୍ ୱେବସାଇଟ୍ 'ଫୁଟ୍ ମର୍କାଟୋ'ରେ ପ୍ରକାଶିତ ରିପୋର୍ଟ ଅନୁଯାୟୀ ୮ ଥରର ବାଲନ୍ ଡି'ଅର୍ ବିଜେତା ମେସି ତାଙ୍କ ପେସାଦାର ଦାୟିତ୍ୱରୁ ଦୂରେଇ ରହିଛନ୍ତି। ଜାତୀୟ ଦଳ ସହ ଇଣ୍ଟର ମିଆମି କ୍ଲବ୍‌କୁ ସେ କେବେ ଫେରିବେ, ତାହାର କୌଣସି ତାରିଖ ମଧ୍ୟ ଧାର୍ଯ୍ୟ ହୋଇନାହିଁ। ୬୮ ବର୍ଷୀୟ ଜର୍ଜ ମେସି ଦୀର୍ଘଦିନ ଧରି ଅସୁସ୍ଥ ଥିଲେ। ନିକଟରେ ରୋସାରିଓର ଏକ ଘରୋଇ ଡାକ୍ତରଖାନାରେ ତାଙ୍କର ମୃତ୍ୟୁ ହୋଇଥିଲା।

ମେସିଙ୍କ ଜୀବନ ଓ ଫୁଟବଲ୍ କ୍ୟାରିୟରରେ ଜର୍ଜଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଥିଲା। ମେସିଙ୍କ କ୍ୟାରିୟର ଆଗକୁ ବଢ଼ିବା ପରେ ଜର୍ଜ ତାଙ୍କ ଏଜେଣ୍ଟ ଓ ରଣନୈତିକ ପରାମର୍ଶଦାତା ଭାବେ କାମ କରିଥିଲେ। ଛୋଟବେଳେ ମଧ୍ୟ ସେ ପୁଅର ଫୁଟବଲ୍ ଯାତ୍ରାରେ ଦୃଢ଼ ସମର୍ଥନ ଦେଇଥିଲେ। ୧୩ ବର୍ଷ ବୟସରେ ମେସିଙ୍କୁ ସ୍ପେନ୍ ନେଇ ବାର୍ସିଲୋନାର ଯୁବ ଏକାଡେମୀରେ ଯୋଗଦେବାରେ ଜର୍ଜଙ୍କ ଭୂମିକା ଥିଲା ମହତ୍ତ୍ୱପୂର୍ଣ୍ଣ ଓ ସାହସିକ। ସେତେବେଳେ ମେସିଙ୍କ ଗ୍ରୋଥ୍ ହର୍ମନ୍ ଅଭାବର ଚିକିତ୍ସା ଖର୍ଚ୍ଚ ମଧ୍ୟ ବାର୍ସିଲୋନା ବହନ କରିଥିଲା। ସେତେବେଳେ ମେସିଙ୍କୁ ପ୍ରତିଦିନ ଇଞ୍ଜେକ୍ସନ୍ ନେବାକୁ ପଡୁଥିଲା। ଚିକିତ୍ସା ପରେ ତାଙ୍କ ଶାରୀରିକ ବିକାଶରେ ଉନ୍ନତି ହୋଇଥିଲା। ସୂଚନାଯୋଗ୍ୟ ଯେ ଜର୍ଜ ମେସିଙ୍କ ପତ୍ନୀଙ୍କ ନାମ ହେଉଛି ସେଲିଆ କୁଚିତ୍ତିନି। ସେମାନଙ୍କର ଚାରିଟି ସନ୍ତାନ, ଲିଓନେଲ୍, ରୋଡ୍ରିଗୋ, ମାତିଆସ୍ ଓ ମାରିଆ ସୋଲ୍ ଅଛନ୍ତି। ସମସ୍ତଙ୍କ ମଧ୍ୟରୁ ମେସି ହେଉଛନ୍ତି ସଫଳତମ ଓ ଚର୍ଚ୍ଚିତ। ପିତାଙ୍କ ମୃତ୍ୟୁ ମେସିଙ୍କ ପାଇଁ କେବଳ ପାରିବାରିକ ନୁହେଁ, ତାଙ୍କ ଫୁଟବଲ୍ ଜୀବନର ଏକ ଗଭୀର ବ୍ୟକ୍ତିଗତ ଅଧ୍ୟାୟର ମଧ୍ୟ ଅବସାନ ଘଟାଇଥିବା ଚର୍ଚ୍ଚା ହେଉଛି।

# ରଡ୍ରିଗ୍ସଙ୍କୁ ବିବାହ କଲେ ରୋନାଲ୍‌ଡୋ

କାସାଇସ୍ (ପର୍ତ୍ତୁଗାଲ), ୧୨।୮: ପର୍ତ୍ତୁଗିଜ୍‌ର ତାରକା ଫୁଟ୍‌ବଲର୍ କ୍ରିଷ୍ଟିଆନୋ ରୋନାଲ୍‌ଡୋ ବହୁଦିନର ବାନ୍ଧବୀ ଜର୍ଜିନା ରଡ୍ରିଗ୍ସଙ୍କୁ ଆନୁଷ୍ଠାନିକ ଭାବେ ଜୀବନସାଥୀ କରିଛନ୍ତି। ମଙ୍ଗଳବାର କାସାଇସ୍‌ରେ ଗୋପନୀୟ ଭାବେ ଏକ ନିରାଡମ୍ବର ଉତ୍ସବରେ ରଡ୍ରିଗ୍ସଙ୍କ ସହ ବିବାହବନ୍ଧନରେ ଆବଦ୍ଧ ହୋଇଛନ୍ତି ରୋନାଲ୍‌ଡୋ। ଏହି ବିବାହ ଉତ୍ସବରେ ତାଙ୍କର ୫ ସନ୍ତାନଙ୍କ ସହ ଅତି ଘନିଷ୍ଠ ସମ୍ପର୍କୀୟମାନେ ଉପସ୍ଥିତ ଥିଲେ। ୫ ଥରର ବାଲାନ ଡି'ଓର୍ ପୁରସ୍କାର ବିଜେତା ରୋନାଲ୍‌ଡୋ ୨୦୧୬ରେ ମାଡ୍ରିଡ୍‌ର ଗୁସି ଷ୍ଟୋର୍‌ରେ ପ୍ରଥମ ଥର ରଡ୍ରିଗ୍ସଙ୍କ ସହ ଭେଟ ହୋଇଥିଲେ। ଏହା ପରଠୁ ଉଭୟଙ୍କ ମଧ୍ୟରେ ପ୍ରେମସମ୍ପର୍କ ବିଥିଲା ଏବଂ ଏକାଠି ରହିଥିଲେ।



୨୦୨୫ ଅଗଷ୍ଟ ୧୧ରେ ଉଭୟଙ୍କ ନିର୍ବନ୍ଧ ହୋଇଥିବା ନେଇ ରଡ୍ରିଗ୍ସ ଘୋଷଣା କରିବା ସହ ତାଙ୍କର ନିର୍ବନ୍ଧ ମୁଦି ଇନ୍‌ଷ୍ଟାଗ୍ରାମ୍‌ରେ ପୋଷ୍ଟ କରିଥିଲେ। ଏହାର ସମାନ ଗୋଟିଏ ବର୍ଷ ପରେ ଉଭୟ ବିବାହବନ୍ଧନରେ ଆବଦ୍ଧ ହେଲେ ବୋଲି ରୋନାଲ୍‌ଡ ସାମାଜିକ ଗଣମାଧ୍ୟମରେ ଏକ ସାଧାରଣ ଫଟୋ (ଉଭୟ ପିନ୍ଧିଥିବା ମୁଦି) ପୋଷ୍ଟ କରି ନିଶ୍ଚିତ କରିଛନ୍ତି। ଏହି ପୋଷ୍ଟ୍ ଶିରୋନାମରେ ସେ ଲେଖିଛନ୍ତି, 'ସି (ଲଭ୍‌ଇମୋଜି) ଜି'। ବିଶ୍ୱ ଫୁଟ୍‌ବଲ୍‌ର ସଫଳ ଖେଳାଳି ଭାବେ ପରିଚିତ ୪୧ ବର୍ଷୀୟ ରୋନାଲ୍‌ଡୋ ସଂପ୍ରତି ସାଉଦିଆରବୀୟ କ୍ଲବ୍ ଅଲ୍-ନାସରରୁ ଖେଳୁଛନ୍ତି। ପୂର୍ବରୁ ମାଞ୍ଚେଷ୍ଟର ୟୁନାଇଟେଡ୍, ରିଅଲ୍ ମାଡ୍ରିଡ୍, ଜୁଭେଣ୍ଟସ୍ ପାଇଁ ସେ ଖେଳି ସେ ଅନେକ ସଫଳତା ଦେଇଛନ୍ତି।

# ସୁଶୀଲ କୁମାରଙ୍କ ଜାମିନ ଆବେଦନ ଖାରଜ

ନୂଆଦିଲ୍ଲୀ୧୨।୮: :ପୂର୍ବତନ ଜୁନିୟର୍ ନ୍ୟାସନାଲ୍ ରେସଲିଂ ଚାମ୍ପିୟନ୍ ସାଗର ଧନଖଡ଼ ହତ୍ୟା ମାମଲାରେ ଅଲିମ୍ପିକ୍ ପଦକ ବିଜେତା ତଥା ପ୍ରସିଦ୍ଧ ପହଲୱାନ୍ ସୁଶୀଲ କୁମାରଙ୍କୁ ବଡ଼ ଝଟକା। ଦିଲ୍ଲୀ ହାଇକୋର୍ଟ ସୁଶୀଲ କୁମାରଙ୍କ ଜାମିନ ଆବେଦନକୁ ସମ୍ପୂର୍ଣ୍ଣ ପ୍ରତ୍ୟାଖ୍ୟାନ କରିଛନ୍ତି।

ବିଚାରପତି ପୁରୁଷୋତ୍ତମ କୁମାର ଗତ ଅଗଷ୍ଟ ୬ ତାରିଖରେ ଶୁଣାଣି କରିବା ବେଳେ ଏହି ନିଷ୍ପତ୍ତି ଶୁଣାଇଛନ୍ତି। ସୁଶୀଲ ଜାମିନରେ ବାହାରକୁ ଆସିଲେ ସାକ୍ଷୀମାନଙ୍କୁ ପ୍ରଭାବିତ କରିପାରନ୍ତି ଏବଂ ଗିରଫ ହେବା ପୂର୍ବରୁ ତାଙ୍କର ଆଚରଣ ତଥା ଅପରାଧର ଗମ୍ଭୀରତାକୁ ଆଖିରେ ରଖି କୋର୍ଟ ଏହି କଡ଼ା ପଦକ୍ଷେପ ନେଇଛନ୍ତି ।କୋର୍ଟ ସ୍ପଷ୍ଟ ଭାବେ ଦର୍ଶାଇଛନ୍ତି ଯେ ସାଧାରଣତଃ ଜାମିନ ମିଳିବା ନିୟମ ଏବଂ ଜେଲ୍ ଯିବା ଅପବାଦ ହୋଇଥିଲେ ମଧ୍ୟ, ଏହି ମାମଲାରେ ଅପରାଧଟି ପୂର୍ବରୁ ଯୋଜନାବଦ୍ଧ ଭାବେ ଏବଂ ଅତ୍ୟନ୍ତ ନିର୍ମମ ଭାବେ କରାଯାଇଥିଲା, ଯାହାଫଳରେ ସାଗରଙ୍କର ମୃତ୍ୟୁ ହୋଇଥିଲା। ତଦନ୍ତ ସମୟରେ ଜବତ ହୋଇଥିବା ମାରଣାସ୍ତ୍ର, ଭିଡିଓ ପ୍ରମାଣ ଏବଂ ଅନ୍ୟାନ୍ୟ ଜରୁରୀ ତଥ୍ୟଗୁଡ଼ିକ ଅପରାଧର ଗାମ୍ଭୀର୍ଯ୍ୟକୁ ପ୍ରମାଣିତ କରୁଛି। ଦିଲ୍ଲୀ ପୋଲିସ ଏବଂ ମୃତକଙ୍କ ପିତା ମଧ୍ୟ ଏହି ଜାମିନ ଆବେଦନକୁ ଦୃଢ଼ ବିରୋଧ କରିଥିଲେ। କୋର୍ଟ କହିଛନ୍ତି ଯେ ସୁଶୀଲ କୁମାରଙ୍କ ସମାଜରେ ବେଶ୍ ପ୍ରଭାବ ରହିଛି ଏବଂ ପୂର୍ବରୁ ଯେତେବେଳେ ବି ତାଙ୍କୁ ଅସ୍ଥାୟୀ ଜାମିନ ମିଳିଥିଲା, ସେତେବେଳେ ସାକ୍ଷୀମାନେ ନିଜ ବୟାନରୁ ଓହରିଯାଇଥିଲେ। ସୁଶୀଲ କୁମାରଙ୍କୁ ପ୍ରଥମେ ମଇ ୨୦୨୧ ମସିହାରେ ପୋଲିସ ଗିରଫ କରିଥିଲା। ପରେ ୧୯ ଜୁଲାଇ ୨୦୨୩ରେ ସେ ଅନ୍ତର୍ଜାମିନ ପାଇଥିବା ବେଳେ, ସୁପ୍ରିମକୋର୍ଟ ୧୩ ଅଗଷ୍ଟ ୨୦୨୫ରେ ହାଇକୋର୍ଟର ଜାମିନ ନିର୍ଦ୍ଦେଶକୁ ରଦ୍ଦ କରିଦେଇଥିଲେ।

# ହାର୍ଦ୍ଦିକଙ୍କ ସର୍ତ୍ତକୁ ପ୍ରତ୍ୟାଖ୍ୟାନ କଲା ଜିଟି

ନୂଆଦିଲ୍ଲୀ, ୧୨।୮ : କମବ୍ୟାକ୍‌ରେ ମୁମ୍ବାଇ ଇଣ୍ଡିଆନ୍ସ ପାଇଁ ବିଫଳ ହୋଇଥିବା ହାର୍ଦ୍ଦିକ ପାଣ୍ଡ୍ୟା ଏବେ ନୂଆ ଆଇପିଏଲ ଦଳ ଖୋଜିବା ଅଭିଯାନରେ ରହିଛନ୍ତି। ମୁମ୍ବାଇ ଇଣ୍ଡିଆନ୍ସ ମଧ୍ୟ ହାର୍ଦ୍ଦିକ ପାଣ୍ଡ୍ୟାଙ୍କୁ ନିଜ ପାଖରେ ରଖିବାକୁ ଚାହୁଁ ନାହିଁ। ଏଥିପାଇଁ ହାର୍ଦ୍ଦିକ ନିଜର ପୁରୁଣା ଟିମ ଗୁଜରାଟ ଟାଇଟନ୍ସ ପାଖକୁ ଫେରିବାକୁ ଚାହିଁଥିଲେ। ଏଥିପାଇଁ ସେ ଫ୍ରାଞ୍ଚାଇଜର ଅଧିକାରୀଙ୍କ ସହ କଥା ହୋଇଥିଲେ। ହେଲେ ଗୁଜରାଟକୁ ଫେରିବା ପାଇଁ ହାର୍ଦ୍ଦିକ ପାଣ୍ଡ୍ୟା ରଖିଥିବା ଦାବି ଶୁଣି ଫ୍ରାଞ୍ଚାଇଜ ପୂରା ଚକିତ ହୋଇଥିଲା। ଏଥିପାଇଁ ଗୁଜରାଟ ଟାଇଟନ୍ସ ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ପାଇଁ ନିଜର ଦ୍ୱାର ବନ୍ଦ କରି ଦେଇଥିବା ରିପୋର୍ଟ ପ୍ରକାଶ ପାଇଛି।



ହାର୍ଦ୍ଦିକ ପାଣ୍ଡ୍ୟା ଓ ଗୁଜରାଟ ଟାଇଟନ୍ସ ଉଭୟ କମବ୍ୟାକ ଆଲୋଚନା ପାଇଁ ଆଗ୍ରହ ଦେଖାଇଥିଲେ। କାରଣ ୨୦୨୨ରେ ଫ୍ରାଞ୍ଚାଇଜିର ପ୍ରଥମ ସିଜନରେ ହିଁ ପାଣ୍ଡ୍ୟା ଦଳକୁ ଚାମ୍ପିୟନ୍ କରାଇଥିଲେ। ୨୦୨୪ ବେଳକୁ ପାଣ୍ଡ୍ୟା ଗୁଜରାଟ ଛାଡି ପୁଣି ମୁମ୍ବାଇକୁ ଚାଲି ଆସିଥିଲେ। କମବ୍ୟାକ ପରେ ମୁମ୍ବାଇ ତାଙ୍କୁ କ୍ୟାପ୍‌ଟେନ କରିଥିଲା। ହେଲେ ଉଭୟ ପାଣ୍ଡ୍ୟା ଓ ମୁମ୍ବାଇ ଆଇପିଏଲରେ କ୍ରମାଗତ ଫେଲ ମାରି ଚାଲିଛନ୍ତି। ଏଥିପାଇଁ ପାଣ୍ଡ୍ୟା ପୁଣି ଗୁଜରାଟକୁ ଫେରିବାକୁ ଆଗ୍ରହ ଦେଖାଇଥିଲେ। କିନ୍ତୁ ଗୁଜରାଟକୁ ଫେରିବା ପାଇଁ ସେ କ୍ୟାପ୍‌ଟେନ୍ସିର ସର୍ତ୍ତ ରଖିଥିଲେ। ପାଣ୍ଡ୍ୟାଙ୍କ କ୍ୟାପ୍‌ଟେନ୍ସି ସର୍ତ୍ତ ହିଁ ଗୁଜରାଟ ଟାଇଟନ୍ସ ସହ ଡିଲ୍ ନ ହେବାର ମୁଖ୍ୟ କାରଣ। ପାଣ୍ଡ୍ୟା ଫେରିବା ପାଇଁ ଚାହୁଁଥିବାରୁ ଏନେଇ ଫ୍ରାଞ୍ଚାଇଜି ବର୍ତ୍ତମାନର ଅଧିନାୟକ ଶୁବମନ ଗିଲଙ୍କ ସହ ଆଲୋଚନା କରିଥିଲା ।ଗିଲ ମଧ୍ୟ ପାଣ୍ଡ୍ୟାଙ୍କୁ ଫେରାଇ ଆଣିବା ପାଇଁ ରାଜିଥିଲେ। କିନ୍ତୁ ପରବର୍ତ୍ତୀ ସମୟରେ ପାଣ୍ଡ୍ୟା ଅଧିନାୟକ ପଦ ବେଶ ଦୃ ଭାବେ ଚାହୁଁଥିବା ଜଣାପଡିବା ପରେ ଗୁଜରାଟ ଟାଇଟନ୍ସ ତାଙ୍କ ସହ ଡିଲ୍ କରିବାକୁ ମନା କରିଦେଇଛି।

ଗୋଟିଏ ସୂତ୍ରରେ କୁହାଯାଇଛି ଯେ "ଫ୍ରାଞ୍ଚାଇଜି ହାର୍ଦ୍ଦିକଙ୍କୁ ଫେରାଇ ଆଣିବାକୁ ପ୍ରସ୍ତୁତ ଥିଲା। ଏନେଇ ଦଳର ଅଧିନାୟକ ଶୁବମନ ଗିଲଙ୍କ ସହ ମଧ୍ୟ ଆଲୋଚନା ହୋଇଥିଲା ଓ ସେ ମଧ୍ୟ ପାଣ୍ଡ୍ୟାଙ୍କୁ ଫେରାଇ ଆଣିବା ପ୍ରସଙ୍ଗରେ ରାଜି ଥିଲେ ।କିନ୍ତୁ ଯେତେବେଳେ ପାଣ୍ଡ୍ୟା ଅଧିନାୟକ ପଦକୁ ସର୍ତ୍ତ ଭାବେ ରଖିଲେ, ସମସ୍ତେ ଏଥିରୁ ଓହରି ଯାଇଥିଲେ। ଏବେ ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ପାଇଁ ଗୁଜରାଟ ଟାଇଟନ୍ସ ନିଜର ଦ୍ୱାରକୁ ବନ୍ଦ କରି ଦେଇଛି।" ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ଗୁଜରାଟ ଟାଇଟନ୍ସକୁ ଫେରିବା ଉଦ୍ୟମ ନେଇ ଖବର ଏଭଳି ସମୟରେ ଆସିଛି ଯେତେବେଳେ ମୁମ୍ବାଇ ଇଣ୍ଡିଆନ୍ସ ସହ ତାଙ୍କ ଭବିଷ୍ୟତକୁ ନେଇ ଅନିଶ୍ଚିତତା ବଢ଼ିଛି। ୫ଥରର ଚାମ୍ପିୟନ୍ ମୁମ୍ବାଇ ଇଣ୍ଡିଆନ୍ସ ୨୦୨୬ ଆଇପିଏଲ୍‌ରେ ନିରାଶାଜନକ ପ୍ରଦର୍ଶନ କରିଥିଲା। ଦଳ ୧୪ଟି ମ୍ୟାଚ୍‌ରୁ ମାତ୍ର ୪ଟିରେ ବିଜୟୀ ହୋଇ ପଏଣ୍ଟ ଟେବୁଲର ନବମ ସ୍ଥାନରେ ଅଭିଯାନ ଶେଷ କରିଥିଲା ।ମୁମ୍ବାଇ ଇଣ୍ଡିଆନ୍ସର ପ୍ରଶଂସକ ଏଥିରେ ନିରାଶ ହୋଇଥିଲେ। ପାଣ୍ଡ୍ୟାଙ୍କ କ୍ୟାପ୍‌ଟେନ୍ସି ଉପରେ ମଧ୍ୟ ପ୍ରଶ୍ନ ଉଠିଛି। ୨୦୨୧ ସିଜନ୍ ପରେ ସେ ଫ୍ରାଞ୍ଚାଇଜି ଛାଡ଼ିଥିଲେ। ପରେ ୨୦୨୪ରେ ମୁମ୍ବାଇ ଇଣ୍ଡିଆନ୍ସକୁ ଫେରି ରୋହିତ ଶର୍ମାଙ୍କ ସ୍ଥାନରେ ଦଳର ଅଧିନାୟକ ହୋଇଥିଲେ ।ଏବେ ମୁମ୍ବାଇ ଇଣ୍ଡିଆନ୍ସର ଟିମ୍ ମ୍ୟାନେଜମେଣ୍ଟ ପାଣ୍ଡ୍ୟାଙ୍କୁ ଆଉ ଅଧିନାୟକ ଭାବେ ରଖିବାକୁ ବିଶେଷ ଆଗ୍ରହୀ ନୁହେଁ। ଦଳର ଖରାପ ପ୍ରଦର୍ଶନ ପରେ ତାଙ୍କ ଭୂମିକା ନେଇ ଫ୍ରାଞ୍ଚାଇଜି ମୂଲ୍ୟାଙ୍କନ କରୁଛି। ଏଥିସହ କୋଲକାତା ନାଇଟ୍ ରାଇଡର୍ସ ଓ ଚେନ୍ନାଇ ସୁପର କିଙ୍ଗ୍ସ ସମେତ ଅନେକ ଫ୍ରାଞ୍ଚାଇଜି ମୁମ୍ବାଇ ଇଣ୍ଡିଆନ୍ସ ସହ ହାର୍ଦ୍ଦିକ ପାଣ୍ଡ୍ୟାଙ୍କୁ ନେଇ ଯୋଗାଯୋଗ କରିଥିବା ମଧ୍ୟ ଖବର ମିଳିଛି।

Printed _ Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 _ Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982